

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୯ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 NOVEMBER 2021
Vol.No. 32 ■ No. 304 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କୃଷି ଆଇନ ପୁଣି ଫେରିପାରେ : ମଲ୍ଲିକାର୍ଜୁନ ଖଡଗେ



ନୂଆଦିଲ୍ଲୀ,୨୮/୧୧: ସଂସଦର ଶୀତ ଅଧିବେଶନ ପୂର୍ବରୁ ରବିବାର ସର୍ବଦଳୀୟ ବୈଠକ ଶେଷ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ଯୋଗ ଦେଇନାହାଁନ୍ତି ।ତେବେ ସର୍ବଦଳୀୟ ବୈଠକ ପରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଆମେ ଏମଏସପି ଗ୍ୟାରେଣ୍ଟି ନିୟମ, କରୋନାରେ ମରିଥିବା ୫୨ ଲକ୍ଷ ଲୋକଙ୍କୁ ସହାୟତା ଦାବି କରିଥିଲୁ । ହେଲେ ପ୍ରଧାନମନ୍ତ୍ରୀ ଏହି ବୈଠକରେ ସାମିଲ ହିଁ ହୋଇନଥିଲେ । ଖାଲି ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି । ନୂଆ କୃଷି ଆଇନ୍ ବିଷୟରେ ସରକାର ବୁଝାଇବାକୁ ଅସମର୍ଥ ହେବାରୁ ଏପରି କରିଛନ୍ତି ।ହେଲେ ଏବେ ବି ଆମର ଡର ଅଛି ଯେ, କୃଷି ବିଲ ପୁଣି ଫେରିପାରେ ।ଏନେଇ ପ୍ରଧାନମନ୍ତ୍ରୀ ମୋଦୀ ଉତ୍ତର ରଖିବାକୁ କହିଛନ୍ତି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେ । ତେବେ ଅନ୍ୟପଟେ ଆସନ୍ତାକାଲି କଂଗ୍ରେସ ବିରୋଧୀ ଦଳମାନଙ୍କର ଏକ ବୈଠକ ଡାକିଛି । ଯେଉଁଥିରେ ତୃଣମୂଳ କଂଗ୍ରେସ ନେତା ସାମିଲ ହେବେନି ବୋଲି ସିଧାସିଧା କହିସାରିଛନ୍ତି । ଏହାକୁ ନେଇ ଏବେ ପ୍ରତିକ୍ରିୟା ରଖିଛନ୍ତି ମଲ୍ଲିକାର୍ଜୁନ ଖଡଗେ । ଖଡଗେଙ୍କ କହିବା ମୁତାବକ, ସେ ଡେରେକ୍ ଓ ବ୍ରାଏନଙ୍କ ସହିତ କଥା ହୋଇଛନ୍ତି, କାଲି ତାଙ୍କ ପାର୍ଟିର କାର୍ଯ୍ୟକାରିଣୀ ବୈଠକ ହେବାକୁ ଅଛି ।ତେଣୁ ଟିଏମସି ନେତାମାନେ କାଲି ବୈଠକରେ ସାମିଲ ହୋଇପାରିବେନି ବୋଲି ଖଡଗେ ଉତ୍ତର ରଖିଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତାକାଲିଠୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ଆଜି ସବୁ ଦଳର ସାଂସଦଙ୍କୁ ନେଇ ବୈଠକ ବସିଥିଲା ।ଏହି ବୈଠକକୁ କିନ୍ତୁ ଆପ୍ ସାଂସଦମାନେ ବର୍ଜନ କରିଥିଲେ ।

## ପଶ୍ଚିମ ବଙ୍ଗର ନଦିଆରେ ସଡ଼କ ଦୁର୍ଘଟଣା, ୧୮ ଜଣଙ୍କ ମୃତ୍ୟୁ

କଲିକତା, ୨୮/୧୧ (ନି.ପ୍ର): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ହଂସଖାଲିର ଫୁଲଓ୍ୱାଡ଼ିରେ ଯାତ୍ରୀ ଭର୍ତି ବସକୁ ଏକ ଟ୍ରକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଅତି କମ୍‌ରେ ୨୫ ଜଣ ଲୋକ ଏହି ଦୁର୍ଘଟଣାର ଶୀକାର ହୋଇଥିଲେ । ଏହି ଦୁର୍ଘଟଣାର ଶୀକାର ହୋଇ ହସ୍ପିଟାଲରେ ଭର୍ତିହୋଇଥିବା ୧୮ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୭ ଜଣ ଆହତ ହୋଇଛନ୍ତି । ଉତର ୨୪ ପ୍ରଗଣାର ବାଗଦାର ଲୋକମାନେ ଏକ ମୃତ ଶରୀରକୁ ନେଇ ନବଦ୍ୱୀପ ଶବଦାହ ଆଡ଼କୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

▶▶ପୃଷ୍ଠା ୭

# ସମ୍ଭାବ୍ୟ ତୃତୀୟ ଲହର ପାଇଁ ସଜାଗ ହେବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୮/୧୧ (ନି.ପ୍ର): କୋଭିଡ୍-୧୯ ର ସମ୍ଭାବ୍ୟ ତୃତୀୟ ଲହର ପ୍ରତିରୋଧ ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ ଓ ସକ୍ରିୟ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସବୁ ଜିଲ୍ଲାର ଜିଲ୍ଲାପାଳ, ଏସ୍.ପି. ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଭିଡ଼ିଓ କନ୍‌ଫରେନ୍ସିଂ ମ୍ଧ୍ୟମରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତମାନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ଆରମ୍ଭ ହୋଇଛି । ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଜିବୀକା ନିର୍ବାହ ସହିତ ସଂପୃକ୍ତ ସମସ୍ତ ଅନୁଷ୍ଠାନ, ସଂସ୍ଥା ଏବଂ କାର୍ଯ୍ୟକ୍ରମଗୁଡ଼ିକ ପୁନଃ ଆରମ୍ଭ ହୋଇଛି । ତେଣୁ ଏହି ସମୟରେ ସମ୍ଭାବ୍ୟ ତୃତୀୟ ଲହରର ପ୍ରଭାବ ରୋକିବା ନିମନ୍ତେ ଆମକୁ ଅଧିକ ସତର୍କ, ସଜାଗ ଓ କ୍ରିୟାଶୀଳ ହେବାକୁ ପଡ଼ିବ । ମଣ୍ଡଳ ଉନ୍ନୟନ ଅଧିକାରୀ, ସରପଂଚ, ଓ୍ୱାର୍ଡମେମ୍ବର, ଅଙ୍ଗନାବାଡ଼ି କର୍ମୀ, ଗ୍ରାମ ଓ ପଂଚାୟତ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ମାଧ୍ୟମରେ ସବୁ ଅଂଚଳର ବାସ୍ତବ ସ୍ଥିତି ବିଷୟରେ ସଠିକ୍ ସୂଚନା ସଂଗ୍ରହ ସହ କୌଣସି ସ୍ଥାନରେ କୋଭିଡ୍ ସଂକ୍ରମଣ ଜଣାପଡ଼ିବା ମାତ୍ରେ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟ ଶାସନ

▶▶ପୃଷ୍ଠା ୭

# ଆସନ୍ତା ୨ରୁ ୫ ରାଜ୍ୟରେ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଆସନ୍ତା ୩୦ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨ରୁ ୫ ତାରିଖ ମ୍ଧରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ଅପରପକ୍ଷରେ ଲଘୁଚାପ ଓ ତତଜନିତ ବର୍ଷା ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ବା ଏସଆରସି । ସେ କହିଛନ୍ତି ଆଣ୍ଡାମାନ ସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଧୀରେ ଧୀରେ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରିବ । ଏହାର ପ୍ରଭାବରେ ଆସନ୍ତା ୨ ତାରିଖରୁ ବଙ୍ଗୋପସାଗର ଅଶାନ୍ତ ହେବ । ତେଣୁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି ଆଇଏମଡି ଡିଜି । ତେବେ ଲଘୁଚାପ ସୃଷ୍ଟି ହେବା ପରେ ଏହାର ପ୍ରଭାବ କଣ ରହିବ ତାହା ଜଣାପଡ଼ିବ । ଏହାର ତ୍ରୀବତା ଓ ଗତିପଥ ବାବଦରେ ଏବେଠୁ ପୂର୍ବାନୁମାନ କରିହେବନି । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ହିଁ ଏହା କେଉଁ ଦିଗକୁ ଗତି କରିବ ଓ କଣ ଏହାର ପ୍ରଭାବ ରହିବ ସେ ବାବଦରେ ସ୍ପଷ୍ଟ ସୂଚନା ମିଳିଯିବ । ତେବେ ଆସନ୍ତା ୪ ତାରିଖ ବେଳକୁ ଏହା ଘନୀଭୂତ ହୋଇ ଉପକୂଳ ମୁହାଁ ହୋଇପାରେ ।ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ । ଏପରିକି ଏହି ଲଘୁଚାପ କ୍ଷେତ୍ର ସାଇକ୍ଲୋନିକ ଡିଷ୍ଟରବାନ୍ସରେ ପରିଣତ ହେବାର ସଙ୍କେତ ମିଳୁଛି । କିନ୍ତୁ ଏହା ଯଦି ବାତ୍ୟାର ରୂପ ନିଏ ତେବେ କେଉଁ ଅଂଚଳ ଦେଇ ଅତିକ୍ରମ କରିବ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ ବୋଲି ଆଇଏମଡି ଡିଜି କହିଛନ୍ତି ।

## ବିଧାନସଭା ପୂର୍ବରୁ ବିଧାୟକଙ୍କ କରୋନା ଟେଷ୍ଟିଂ ଆରମ୍ଭ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୧ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ । ଏହା ପୂର୍ବରୁ ରବିବାରଠାରୁ ବିଧାୟକ ଓ ଗୃହ କାର୍ଯ୍ୟରେ ଯୋଗଦେଉଥିବା ସମସ୍ତ କର୍ମଚାରୀଙ୍କର କରୋନା ଟେଷ୍ଟିଂ ଆରମ୍ଭ ହୋଇଛି । ଆଜିଠୁ ୩୦ ତାରିଖ ଯାଏଁ ତିନି ଦିନ ଧରି ହେବ କୋଭିଡ୍ ଟେଷ୍ଟ କରାଯିବ । ସକାଳ ୮ରୁ ସନ୍ଧ୍ୟା ସାଢ଼େ ୫ଟା ଯାଏ ଟେଷ୍ଟିଂ ହେବ । ବିଧାନସଭା ସଦସ୍ୟଙ୍କ ସମେତ ସମସ୍ତ କର୍ମଚାରୀ ଓ ବିଧାୟକଙ୍କର କର୍ମଚାରୀମାନଙ୍କର କରୋନା ଟେଷ୍ଟ କରାଯିବ । ସେହିଭଳି ସାମ୍ବାଦିକ ଓ ସୁରକ୍ଷାକର୍ମୀଙ୍କର ମ୍ଧ କରୋନା ଟେଷ୍ଟ ହେବ । ସମସ୍ତଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ୍ ଆସିଲେ ଶୀତକାଳୀନ ଅଧିବେଶନକୁ ଅନୁମତି ମିଳିବ ।

## ତ୍ରିପୁରାରେ ମୋଦିଙ୍କ ଟିମ୍ ଜିତିଲା

ଅଗରତାଳା, ୨୮/୧୧ (ନି.ପ୍ର): ତ୍ରିପୁରାରେ ଚିତପଟାଙ୍ଗ ବିରୋଧୀ । ବାଜି ମାରି ନେଲା ବିଜେପି । ତ୍ରିପୁରାରେ ୧୩ଟି ପୌର ସଂସ୍ଥାରେ ହୋଇଥିବା ପୌର ନିର୍ବାଚନରେ କ୍ଲିନ୍ ସୁଇପ୍ କରିଛି ବିଜେପି । ରବିବାର ଅଗରତାଲା ମ୍ୟୁନିସିପାଲିଟି କର୍ପୋରେସନ୍ (ଏମ୍ସି) ଏବଂ ତ୍ରିପୁରାର ୧୩ଟି ପୌର ସଂସ୍ଥାରେ ୨୨୨ଟି ଆସନ ପାଇଁ ହୋଇଥିବା ଭୋଟ୍ ଗଣତିରେ ବିଜେପି ବହୁମତ ପାଇଛି । ବିରୋଧୀ କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ଅନ୍ୟମାନଙ୍କୁ ପରାସ୍ତ କରି ୨୨୨ଟି ଆସନରୁ ବିଜେପି ୨୧୭ଟି ଟି ଆସନ ଜିତିଛି । ଏଥିସହ ରାଜ୍ୟରେ ହୋଇଥିବା ପୌର ନିର୍ବାଚନରେ ବିଜେପି ଏକକ ସଂଖ୍ୟା ଗରିଷ୍ଠ ହାସଲ କରି ବଡ଼ ଦଳ ଭାବେ ଉଭା ହୋଇଛି । ନିର୍ବାଚନରେ ବିଜେପିର ଚମତ୍କାର ପ୍ରଦର୍ଶନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଦଳର ଉପ-ସଭାପତି ଦିଲୀପ ଘୋଷ । କହିଛନ୍ତି ତ୍ରିପୁରା ପୌର ନିର୍ବାଚନ ଫଳାଫଳ

▶▶ପୃଷ୍ଠା ୭

# ଗରମ ରହିବ ବିଧାନସଭାର ଶୀତ ଅଧିବେଶନ

## ଆରମ୍ଭ ଦିନରୁ ଦେଖିବାକୁ ମିଳିପାରେ ମମିତା ହତ୍ୟା, ଗ୍ୟାସ ଦର ବୃଦ୍ଧି ପ୍ରସଙ୍ଗ



ଭୁବନେଶ୍ୱର,୨୮/୧୧(ନି.ପ୍ର): ଡିସେମ୍ବର ପହିଲାରୁ ଆରମ୍ଭ ହେବ ବିଧାନସଭାର ଶୀତ ଅଧିବେଶନ । ତେବେ ଆରମ୍ଭ ଦିନରୁ ବିଧାନସଭାରେ ଦେଖିବାକୁ ମିଳିପାରେ ବିରୋଧୀ ଓ ଶାସକ ଦଳର ହଙ୍ଗାମା ।ବିରୋଧୀ ମମିତା ପ୍ରସଙ୍ଗକୁ ବିଧାନସଭାରେ ଉଠାଇବାକୁ ପ୍ରସ୍ତୁତ ହେଉଥିବାବେଳେ, ଶାସକ ଦଳ ଗ୍ୟାସ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ ହଙ୍ଗଗୋଳ କରିବାକୁ ସଜ ହେଉଥିବା ସୂଚନା ମିଳିଛି ।ପ୍ରସଙ୍ଗକୁ ନେଇ ଉଛୁଳିବ ବିଧାନସଭା । ଆରମ୍ଭରୁ ଗ୍ୟାସ୍ ଦର ବନାମ ମମିତା ହତ୍ୟାର ତାତି ! ଶୀତକାଳୀନ ଅଧିବେଶନର ଆରମ୍ଭ ଦିନରୁ ହିଁ ସରଗରମ ହେବ ବିଧାନସଭା । ରାଜରାସ୍ତାରେ ଚାଲିଥିବା ଆନ୍ଦୋଳନର ସ୍ୱର ପ୍ରତିଫଳିତ ହେବ ଗୃହରେ । ଆସନ୍ତା ୧ରୁ ଆରମ୍ଭ ହେଉଥିବା ବିଧାନସଭା ପାଇଁ ଚାଲିଛି ଆଣ୍ଟିବଡି ଏବଂ କୋଭିଡ୍ ଟେଷ୍ଟ । ହେଲେ ଏହା ସହ ତାଳ ଦେଇ ପ୍ରସଙ୍ଗକୁ ନେଇ ପ୍ରସ୍ତୁତି କରିଛନ୍ତି ଶାସକ ଆଉ ବିରୋଧୀ । ଯଦିଓ ବିଧାୟକ ଦଳ ବୈଠକରେ ଏହା ଉପରେ ଚୁଡାନ୍ତ ମୋହର ବାଜିବ, ହେଲେ ବିଧାୟକ ଏବଂ ଦଳୀୟ ସ୍ତରରେ ଚାଲିଥିବା ପ୍ରସ୍ତୁତି ଏନେଇ ଇଙ୍ଗିତ ଦେଲାଣି । ଅର୍ଥାତ୍ ଅଧିବେଶନ ସଠିକ ଭାବେ ଚାଲିପାରିବ କି ନାହିଁ, ସେନେଇ ସନ୍ଦେହ ବି ସୃଷ୍ଟି ହେଲାଣି । ସୂଚନା ଅନୁସାରେ ୩୦ ତାରିଖର କଂଟ ପୂରିବା ପରେ ଗ୍ୟାସ୍ ଦର ଯଦି କମିନଥିବ ତେବେ ପ୍ରଥମ ଦିନରୁ ହିଁ ଗୃହ ଭିତରେ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ ଖାଉଟିଙ୍କ ସ୍ୱାର୍ଥର କଥା କହି ବିଜେଡି ଗୃହରେ ତାତିବ । ଏପରିକି ପ୍ରଶ୍ନ କାଳ ସମୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଲାଣି । ଅର୍ଥାତ୍ ବିରୋଧୀ ମମିତା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବା ଆଗରୁ

▶▶ପୃଷ୍ଠା ୭

# ଚୀନକୁ ପୁଣି ଡରିଲା ହୁ ! ନୂଆ ଭାରିଆଂଟ ନାଁ କାହିଁକି ରହିଲା ଓମିକ୍ରନ୍ ?



ନୂଆଦିଲ୍ଲୀ,୨୮/୧୧: କରୋନା ନୂଆ ଭାରିଆଂଟ ଓମିକ୍ରନକୁ ନେଇ ଏବେ ସାରା ବିଶ୍ୱରେ ବଢ଼ିଛି ଭୟ । ଦକ୍ଷିଣ ଆଫ୍ରିକାରୁ ଚିହ୍ନଟ ହୋଇଥିବା ଏହି ନୂଆ ଭାରିଆଂଟ ଅଧିକ ସଂକ୍ରାମକ ହୋଇଥିବାବେଳେ, ବେଶ ଘାତକ ହୋଇପାରେ ବୋଲି ଅନୁମାନ କରାଯାଉଛି । ଆଉ ଏହାରି ଭିତରେ ହୁ ଏହାର ନାମ କାହିଁକି ଓମିକ୍ରନ ରଖିଲା ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ।କୁହାଯାଉଛି, ଚୀନ୍ ଭୟରେ ଏହି ନୂଆ ଭାରିଆଂଟ ନାଁ ଓମିକ୍ରନ ରଖିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ଗ୍ରୀକ୍ ଆଲଫାବେଟ୍ ଅନୁସାରେ ଏହି ନୂଆ ଭାରିଆଂଟ ନାଁ ଏକ୍ସଆଇ (xi) କିମ୍ବା ନ୍ୟୁ (new) ରହିଥାନ୍ତା ।ହେଲେ ଚୀନ ଭୟରେ ନୂଆ ଭାରିଆଂଟ ନାଁ ଏକ୍ସଆଇ (xi) ନରଖି...ଓମିକ୍ରନ ରଖିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ଚୀନରେ ଏବେ ଚାଲିଛି କମ୍ୟୁନିଷ୍ଟ ଶାସନ । ଆଉ ଚୀନର ରାଷ୍ଟ୍ରପତି ଅଛନ୍ତି ସି ଜିନପିଙ୍ଗ । ଜିନପିଙ୍ଗଙ୍କ ନାଁ ସେହି ଏକ୍ସ ଆଇ ଲେଟରରୁ ଆରମ୍ଭ ହେଉଥିବା ବେଳେ । ନୂଆ ଭାରିଆଂଟ ନାଁ ମଧ ଏକ୍ସ-ଆଇ ରଖିଲେ, ଏହାକୁ ନେଇ ବିବାଦ ଦେଖା ଦେଇଥାନ୍ତା ।କାଳେ ଚୀନ୍ ଏହାକୁ ନେଇ ଅଭିଯୋଗ କରିବ ସେହି ଭୟରେ

▶▶ପୃଷ୍ଠା ୭

# ଉତ୍କଳ ବିଶ୍ୱବିଦ୍ୟାଳୟ ପିଏଚଡ଼ି ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଆଣ୍ଟିବଡ଼ି କିଟ୍: ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଶଂସା




ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ବାଇଓ ଟେକ୍ନୋଲୋଜି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଛି ଆଣ୍ଟି ଟ୍ରାନ୍ସଫରିନ ଆଣ୍ଟି ବଡି କିଟ । ଟ୍ରାନ୍ସଫରିନ ହେଉଛି ଏକ ପ୍ରକାର ପ୍ରୋଟିନ ଯାହା ଶରୀରରେ ଆଇରନର ମାତ୍ରାର ନିଦାନ କରିବା ସହିତ ନିୟନ୍ତ୍ରଣରେ ରଖିଥାଏ । ଏହି କିଟ୍ ବିଶେଷକରି କ୍ୟାନସର ରୋଗୀଙ୍କ କ୍ଷେତ୍ରରେ ଅଧିକ ଫଳପ୍ରଦ ହେବ ବୋଲି ବାୟୋଟକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ସୂଚନା ଦେଇଛନ୍ତି । ଏହାଛଡା ଏହା ଅନ୍ୟାନ୍ୟ ରୋଗ ପ୍ରତି ମଧ ଲାଭଦାୟକ ହୋଇପାରିବ । ତେବେ ଏହି କିଟ୍ ମଣିଷ ଦେହରେ ପରୀକ୍ଷା ହୋଇନଥିଲେ ମଧ କିଛି ଜୀବଜନ୍ତୁ ଓ ପଶୁଙ୍କ ମଧରେ ପରୀକ୍ଷା ହୋଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟ ୭୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାୟୋଟିକ୍ନୋଲୋକ ବିଭାଗ ଦ୍ୱାରା ପ୍ରସ୍ତୁତ ଏହି ଅଣ୍ଟି ଟ୍ରାନ୍ସଫେରିନ୍ କିଟର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ସେଣ୍ଟର ଫର୍ ଇନୋଭେସନ ଏଣ୍ଡ ଇନକ୍ୟୁବେସନର ନୂତନ ୱେବସାଇଟ୍‌କୁ ଲୋକାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ପିଏଚଡ଼ି ଛାତ୍ର ଅଭିନାଶ ଦତ୍ତ, ଏହି କିଟକୁ ତିଆରି କରିବାସହ ଏହା ଉପରେ ଅଧିକ ଗବେଷଣା ଜାରି ରଖିଛନ୍ତି, ତେବେ ଏଥିରେ ତାଙ୍କୁ ବିଭାଗର ମୁଖ୍ୟ ଜଙ୍ଗେଶ୍ୱର ଦଣ୍ଡପାଟ ତାଙ୍କର ଗାଇଡ୍ ରହିଛନ୍ତି । ଏହି କିଟକୁ କେନ୍ଦ୍ର ମନ୍ତ୍ରୀ ଶୁଭାରମ୍ଭ କରିବାସହ ଦୀର୍ଘ ସମୟ ଧରି ଅଭିନାଶଙ୍କ ସହ ଆଲୋଚନା କରିଥିଲେ । ଏହି ଗବେଷଣା କିଭଳି ସାଧାରଣ ଲୋକଙ୍କ ଉପକାରରେ ଆସିବ ତାହା ପଚାରି ବୁଝିଥିଲେ । ପୂର୍ବରୁ ଲୌହସାର ପରୀକ୍ଷା ରିପୋର୍ଟ ତୁଳନାରେ ଏହି କିଟ୍ ଠିକଣା ଭାବେ କାର୍ଯ୍ୟ କରିବ ବୋଲି ବିଭାଗୀୟ ଜାଣିବାକୁ ପାଇଥିଲେ । ଆଗକୁ ଏ ଗବେଷଣା ନେଇ ଆବଶ୍ୟକ ସୁବିଧା ଯୋଗାଇଦେବେ ବୋଲି ଅଭିନାଶଙ୍କୁ ଆଶ୍ୱାସନା ଦେଇଥିଲେ କେନ୍ଦ୍ରମନ୍ତ୍ରୀ ।

## ଟ୍ରକ୍ ଡ୍ରାଇଭରଙ୍କୁ ଚାପୁଡ଼ା ମାରି ଫସିଗଲେ ଧର୍ମଶାଳା ତହସିଲଦାର

ଧର୍ମଶାଳା,୨୮/୧୧(ନି.ପ୍ର): ଟ୍ରକ ଡ୍ରାଇଭରକୁ ଚାପୁଡା ମାରି ହଟହଟା ହେଲେ ଧର୍ମଶାଳା ତହସିଲଦାର । ଧର୍ମଶାଳା ତହସିଲଦାର ଟ୍ରକ ଡ୍ରାଇଭରକୁ ଚାପୁଡା ମାରିବା ଘଟଣାକୁ ନେଇ ରାସ୍ତାକୁ ଓହ୍ଲାଇଥିଲା ଗାଡି ଚାଳକ ସଂଘ । ଏପରି କି ଚଢେଇଧରା ଫାଣ୍ଡିରେ ପଶିଯାଇଥିବା ତହସିଲଦାରଙ୍କୁ ଦୀର୍ଘ ସମୟ ଧରି ଗାଡି ଚାଳକ ସଂଘ ଅଟକ ରଖିଥିଲେ । ଖବର ପାଇଁ ଯାଜପୁର ରୋଡ ଏସଡିପିଓ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚି, ଅଟକ ତହସିଲଦାର, ଆଡିସନାଲ ତହସିଲଦାର ଏବଂ ଆରଆଇଙ୍କୁ ଉଦ୍ଧାର କରିଛନ୍ତି । ଗାଡି ଚାଳକ ସଂଘକୁ ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡିଛି । ସୂଚନା ଅନୁସାରେ ଆଜି ସକାଳେ ଧର୍ମଶାଳା ତହସିଲଦାର, ଚଢେଇ ଧରା ଫାଣ୍ଡି ନିକଟରେ କଳାପଥର ବୋଝେଇ ଦୁଇଟି ଟ୍ରକକୁ ଅଟକ ରଖି କାଗଜପତ୍ର ଯାଂଚ କରିଥିଲେ । ଜାଲ କାଗଜପତ୍ର ଦେଖାଉଥିବା କହି ତହସିଲଦାର, ଦୁଇ ଡ୍ରାଇଭରଙ୍କୁ ଚାପୁଡା ମାରିବା ସହ ଧକ୍କା ଦେଇଥିବା ଅଭିଯୋଗ ହୋଇଛି ।

▶▶ପୃଷ୍ଠା ୭

# ହକି ବିଶ୍ୱକପ୍ ବେଳେ କଳିଙ୍ଗ ଷ୍ଟାଡିୟମକୁ କେମିତି ଆସିଲେ ଦର୍ଶକ ?

ଭୁବନେଶ୍ୱର,୨୮/୧୧(ନି.ପ୍ର): ବିନା ଦର୍ଶକରେ କଳିଙ୍ଗ ଷ୍ଟାଡିୟମରେ ଚାଲିଛି ହକି ଜୁନିୟର ପୁରୁଷ ବିଶ୍ୱକପ୍ । ହେଲେ, ଷ୍ଟାଡିୟମ ଭିତରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳୁଛି । ତେବେ ଷ୍ଟାଡିୟମରେ ବସିଥିବା ଦର୍ଶକଙ୍କୁ କିଏ ଛାଡିଲା ତାକୁ ନେଇ ପ୍ରଶ୍ନ ଉଠିଛି । ସାଧାରଣ ଲୋକଙ୍କୁ ଅନୁମତି ନଥିବା ବେଳେ ଭିଆଇପି ପାସ୍ ବ୍ୟବସ୍ଥାକୁ କିଏ କାର୍ଯ୍ୟକାରୀ କରୁଛି ତାହା କମିଶନରେଟ୍ ପୋଲିସ ପଦାକୁ ଆଣିବା ପାଇଁ ଦାବି ହେଉଛି । କଳିଙ୍ଗ ଷ୍ଟାଡିୟମର ଗ୍ୟାଲେରୀକୁ କେମିତି ଆସିଲେ ଦର୍ଶକ ? ବିନା ଦର୍ଶକରେ ଜୁନିୟର ବିଶ୍ୱକପ ହକି ହେବ ବୋଲି ଘୋଷଣା ହୋଇଥିଲେ ବି ଗ୍ୟାଲେରୀରେ ଏତେ ଦର୍ଶକ ଆସିଲେ କୁଆଡୁ ।ଶନିବାର କଳିଙ୍ଗ ଷ୍ଟାଡିୟମରୁ ଏଭଳି ଦୃଶ୍ୟ ଆସିବା ପରେ ସାଧାରଣରେ ଏବେ ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶ୍ୱକପର ବିଭିନ୍ନ ମ୍ୟାଚ ଖାଲି ପଡୁଥିବାବେଳେ ଭାରତର ମ୍ୟାଚ ବେଳେ ଗ୍ୟାଲେରୀକୁ ହଠାତ୍ ଦର୍ଶକ ଚାଲିଆସୁଛନ୍ତି । କରୋନା କଟକଣା ବେଳେ ଏତେ ଦର୍ଶକ କୁଆଡୁ ଓ କେମିତି ଆସୁଛନ୍ତି ବୁଝିହେଉନି, ଏମାନଙ୍କୁ କିଏ ଅନୁମତି ଦେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାଧାରଣ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମର ବିଶ୍ୱକପ ଦେଖିବାକୁ ଡହଳବିକଳ ହେଉଛନ୍ତି । କିନ୍ତୁ କରୋନା

▶▶ପୃଷ୍ଠା ୭

# ବଲାଙ୍ଗିରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ବଲାଙ୍ଗିର,୨୮/୧୧ (ନି.ପ୍ର): ବଲାଙ୍ଗିରରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାକୁ ଗଲାଣି । ଦିନ ଦ୍ୱିପହରରେ ଲୁଟତରାଜ, ରାହାଜାନୀ, ହତ୍ୟା ଏକ ସାଧାରଣ ଘଟଣାରେ ପାଲଟି ଗଲାଣି । ପୋଲିସ ଏ ସବୁ ଜାଣି ମଧ ନିରବଦ୍ରଷ୍ଟା ସାଜିଛି । ସହରର ପ୍ରତ୍ୟେକ ଗଳି କନ୍ଦିରେ ମଦ, କଫସିରପ ଓ ନିଶା କାରବାର ବେଧଡକ୍ ଚାଲିଥିବା ବେଳେ ତାକୁ ରୋକିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ସ୍ଥାନୀୟ ବିଜେଡି ଦଳ ନେତାମାନେ ଏ ସବୁ ଅସାମାଜିକ ତତ୍ୱଙ୍କୁ ପ୍ରଚ୍ଛଦ ପଟରୁ ସବୁ ପ୍ରକାର ସାହାଯ୍ୟ ଯୋଗାଉଛନ୍ତି ଏବଂ ପୋଲିସ ମଧ ସେମାନଙ୍କର ହାତ ବାରିଶି ସାଜିଛି ବୋଲି ଆଜି ଏକ ପ୍ରେସ ବିବୃତି ମାଧମରେ ବଲାଙ୍ଗିର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଦୁଇ ଦିନ ପୂର୍ବରୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପଛପଟେ ଏକ ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତମାନେ ତାର ଲାଇଭ୍ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ୍ କରିଥିଲେ । ଯେହେତୁ କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ସନ ସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଏବଂ ସମ୍ପୃକ୍ତ ଥିବା ନେତା ମନ୍ତ୍ରୀମାନଙ୍କୁ ଘଂଟ ଘୋଡାଇବା ପାଇଁ ପୋଲିସ ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଛି ଏବଂ ତଦନ୍ତକୁ ବାଟବଣା କରିବା ପାଇଁ ଚେଷ୍ଟା ଜାରି ରଖିଛି, ଏହି ଘଟଣାରୁ ଅପରାଧିମାନେ ଆହୁରି ଉତ୍ସାହିତ ହୋଇ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପଛ ପଟରେ ସ୍ୱଷ୍ଟ ଦିବାଲୋକରେ ଠିକ୍ ଏହିପରି ଏକ ହତ୍ୟା ଘଟଣା ଘଟାଇଛନ୍ତି । କିଛି ଦିନ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀଙ୍କ ଗୁଣ୍ଡାମାନେ ସୋନପୁର ଠାରେ ଛାତ୍ର କଂଗ୍ରେସ ନେତାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ମଧ ପୋଲିସ ନିରବଦ୍ରଷ୍ଟା ସାଜି ବିଜେଡି ଦଳର ହାତ ବାରିଶି ସାଜିଛି । ଆହୁରି ମଧ ବିଜୁ ଜନତା ଦଳର ନିର୍ବାଚନ ହାରି ଯାଇଥିବା ବରିଷ୍ଠ ରାଜ୍ୟ ଉପ-ସଭାପତି ଏବଂ ତାଙ୍କ ଦୁଇ ପୁଅ ଅନଧିକାର ଭାବରେ ପୂର୍ବରୁ ବିଧିବଦ୍ଧ ଭାବେ ସରକାରୀ ସ୍ତରରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ ହୋଇସାରିଥିବା ସକମା ସ୍କୁଲର ଖେଳ ପଡିଆକୁ ବେଆଇନ ଭାବେ ପୁନଃ ଉଦଘାଟନ କରିଛନ୍ତି । ସେଠାରେ ସେ ଲୋକଙ୍କୁ ଭୟଭିତ କରିବା ପାଇଁ ନିଜ ଦଳର ଅନେକ କର୍ମୀଙ୍କୁ ନେଇ ଦଳୀୟ ସଭା କରି ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଲୋକଙ୍କୁ ଆହ୍ୱାନ କରୁଛନ୍ତି ଏବଂ ଆଶ୍ଚର୍ଯ୍ୟ କଥା ଏହି ସବୁ ବେଆଇନ କାର୍ଯ୍ୟକ୍ରମ ବିରୁଦ୍ଧରେ ନା ସ୍କୁଲ କର୍ତୃପକ୍ଷ ନା ବ୍ଲକ କର୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଇ ପାରୁଛନ୍ତି । ଏ ସବୁ ଘଟଣାରୁ ସ୍ୱଷ୍ଟ ଜଣାପଡୁଛି ଯେ ବଲାଙ୍ଗିରରେ ବର୍ତ୍ତମାନ ସରକାରୀ ଦଳର ନେତା, ମନ୍ତ୍ରୀ ଏକ ଅଶାନ୍ତ ବାତାବରଣ ସୃଷ୍ଟି କରିବାରେ ଲାଗିଛନ୍ତି ଏବଂ ଏ ସବୁକୁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସମର୍ଥନ ଅଛି ବୋଲି ଆଲୋଚନା ହେଲାଣି । କାରଣ ଏଇ କିଛି ମାସ ଭିତରେ ଅନେକ ଜାଗାରେ ଦିନ ଦିପହରରେ ହତ୍ୟା, ଲୁଣ୍ଠନ, ଦାଦାଗିରି, ନିଶା କାରବାର ଚାଲିଥିଲେ ହେଁ ଅପରାଧିମାନଙ୍କୁ ଗିରଫ କରିବାରେ ପୋଲିସ ପକ୍ଷରୁ ସେପରି କିଛି ତତ୍ପରତା ଦେଖାଉନାହିଁ । ଏପରି ଯଦି ଆଉ କିଛି ଦିନ ଚାଲେ ତେବେ ଶାନ୍ତ ବଲାଙ୍ଗିରରେ ସାଧାରଣ ଜୀବନଯାପନ ବ୍ୟାଘାତ ହେବା ଆଶଙ୍କା ଦେଖାଦେଇଛି । ତେଣୁ ପୋଲିସ ପ୍ରଶାସନ ଆଉ ସରକାରୀ ଦଳର ହାତ ବାରିଶି ନ ସାଜି ଲୋକଙ୍କ ସେବାରେ ମନପ୍ରାଣ ଦେଉ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ।

# ସମ୍ବଲପୁର ଜିଲ୍ଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,୨୮/୧୧ (ନି.ପ୍ର): ଦେଶରେ ଜନସଂଖ୍ୟା ବୃଦ୍ଧିକୁ ନେଇ ବହୁ ବର୍ଷରୁ ଉଭୟ ସରକାର ଓ ଜନସାଧାରଣ ଚିନ୍ତିତ । କିନ୍ତୁ, ଦେଶରେ ବିସ୍ଫୋରକ ସ୍ଥିତିରେ ପହଂଚି ଥିବା ଜନସଂଖ୍ୟା ବୃଦ୍ଧି ପାଇଁ ନିଆଯାଉ ନାହିଁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ । କେବଳ ସଭାସମିତି, ଆଲୋଚନା ସଭାରେ ସୀମିତ ରହିଯାଇଛି ଏହି ପ୍ରସଙ୍ଗ । ଦିନକୁ ଦିନ ଯେଭଳି ଭାବରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ତାହା ଆଗାମୀ ଦିନରେ ଦେଶର ସାମାଜିକ, ଆର୍ଥିକ, ରାଜନୈତିକ, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ । ଆଜି ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ସଭା କକ୍ଷରେ ଆୟୋଜିତ ସମ୍ବଲପୁର ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକରେ ଚିନ୍ତା ପ୍ରକଟ କରିଛନ୍ତି ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଓଡିଶା ପ୍ରଦେଶ ସଭାପତି ଶ୍ରୀଯୁକ୍ତ ବିପିନ ଦାଶ । ଫାଉଣ୍ଡେସନ ପକ୍ଷରୁ ଆହୁରି ମଧ କୁହାଯାଇଛି ଯେ, ଦେଶରେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରିବା ପାଇଁ ସମଗ୍ର ଦେଶରେ ଆନ୍ଦୋଳନ ଓ ଜନଜାଗରଣ ସୃଷ୍ଟି କରିବା ପାଇଁ ବର୍ତ୍ତମାନ ସର୍ବଭାରତୀୟ ସ୍ତରରେ କାର୍ଯ୍ୟ ସମ୍ପାଦନ କରୁଛି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ । ବର୍ଷେ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଫାଉଣ୍ଡେସନ ବର୍ତ୍ତମାନ ରାଷ୍ଟ୍ରୀୟ ସ୍ତରରୁ ଆରମ୍ଭ କରି ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ସଂଗଠନ ବିସ୍ତାର କରିବାରେ ପ୍ରୟାସରତ । ଦେଶରେ ଏକ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରିବା ପାଇଁ ଆନ୍ଦୋଳନ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ସହିତ ଆନ୍ଦୋଳନକୁ ଏକ ଜନଆନ୍ଦୋଳନ ଭାବରେ ପରିଗଣିତ କରିବା, ସମାଜରୁ କୁପ୍ରଥାକୁ ଦୂର କରିବା, ସମାନ ଅଧିକାର ଓ ସମାଜର ବିକାଶ ପାଇଁ ସ୍ୱର ଉତୋଳନ କରିବା ହେଉଛି ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ସୁପରିଚାଳିତ ଢ଼ଙ୍ଗରେ କଠୋର, ବିସ୍ତୃତ, ବ୍ୟାପକ ଓ ଗ୍ରାମାଂଚଳଭିମୁଖୀ କରିବା ପାଇଁ ଫାଉଣ୍ଡେସନ ବିବିଧ କାର୍ଯ୍ୟକ୍ରମମାନ ହାତକୁ ନେବ ।

## ବିଗ୍ ବଜାରରେ ବିଗ୍ ଠକେଇ

ପୁରୀ,୨୮/୧୧ (ନି.ପ୍ର): ପୁରୀ ବଡ଼ଦାଣ୍ଡରେ କେତେକ ମଲ୍ ଜିନିଷ ମୂଲ୍ୟ ଠାରୁ ଅଧିକ ବିଲ ଦେଉଥିବାରୁ ଗ୍ରାହକ ଅସନ୍ତୋଷ ଦେଖାଦେଇଛି । ବଜାରରେ ଯେଉଁ ଜିନିଷ କମ୍ ଦାମ୍‌ରେ ମିଳୁଛି, ମଲ୍‌ରେ ସେହି ଜିନିଷ ଚାକଚକ୍ୟ ଓ ଏସି ଭିତରେ ରଖି ଅଧିକ ଦର ନେଉଥିବା ଅଭିଯୋଗ ହେଉଛି । ବିଗ୍ ବଜାରରେ ବିଗ୍ ଠକେଇର ଶିକାର କାଲି ସାଧାରଣ ଜନତା ନୁହେଁ ଜଣେ ଅଧିକାରୀ ଏହି ଠକେଇରେ ପଡ଼ିଛନ୍ତି । ଅଧିକାରୀ ଜଣଙ୍କ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟ କରୁଛନ୍ତି । ଯେଉଁଠି ଗଣମାଧମ ସଂସ୍ଥାର ଅଧିକାରୀ ଠକେଇର ଶିକାର ହେଉଛନ୍ତି ସେଠାରେ ସାଧରଣ ଜନତା କେତେ ଠକେଇ ଶିକାର ହେଉଥିବେ ତାହା ସହଜେ ଅନୁମେୟ । ଅଧିକାରୀ ଜଣଙ୍କ ସନ୍‌ଡ୍ରପ ତେଲ ଯାହାର ଦାମ ୨୪୦ ଥିଲା ଓ ତାହା କଟି ୧୭୫ ଟଙ୍କା ହୋଇଛି ବୋଲି ତେଲ ପ୍ୟାକେଟ ଉପରେ ଲେଖାଯାଇଛି । କିନ୍ତୁ ବିଲ୍‌ରେ ୨୨୫ ଟଙ୍କା ହିସାବ କରାଯାଇଛି । ସେହିପରି ନାଲି ଚୁଡ଼ା ୫ଶହ ଗ୍ରାମକୁ ୭୫ ଟଙ୍କା ଥିବାବେଳେ ବିଲ ହୋଇଛି ୮୪ ଟଙ୍କା । ଜିନିଷର ମୂଲ୍ୟ ସହ ବିଲ୍‌କୁ ମେଳକ କରିବା ପାଇଁ ସମୟ ନଥିବାରୁ ଗ୍ରାହକ ଠକାମିର ଶିକାର ହେଉଛନ୍ତି ବୋଲି ଅଭିଯୋଗ ହୋଇଛି । ଜାତୀୟ ସ୍ତରରେ ଏହି ମଲ୍‌ରେ ନାମିଦାମି ଠକେଇ ହେଉଥିବା ଅଭିଯୋଗ ହେବାପରେ ଗ୍ରାହକ ଏବେ ଫୁଟପାଥ୍ ବଜାରକୁ ପସନ୍ଦ କରୁଛନ୍ତି । ସରଳ ବିଶ୍ୱାସୀ ପୁରୀ ସହରବାସୀଙ୍କୁ ନାମିଦାମି ମଲ୍ ନାମରେ ଠକେଇ ହେଉଥିବାରୁ ଏ ସମ୍ପର୍କରେ ଜନସଚେତନତା ଆବଶ୍ୟକ ହେଉଛି ବୋଲି ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି । ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ, ମାପ ଓଜନ ବିଭାଗ, ଉପଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# କନ୍ଧମାଳରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ

## ଉନ୍ନୟନ ଅଭାବରୁ ଭୁଷୁଡିଛି ପର୍ଯ୍ୟଟନ ଶିଳ୍ପ : ପର୍ଯ୍ୟଟକ ନିରାଶ

କନ୍ଧମାଳ,୨୮/୧୧ (ନି.ପ୍ର): ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର କନ୍ଧମାଳ ଜିଲ୍ଲା । ଏଠାରେ ଅନ୍ୟ କିଛି ଥାଉ ନଥାଉ ପ୍ରକୃତିର ସୌନ୍ଦର୍ଯ୍ୟ ସମସ୍ତ ଭାବୁକ, ରସିକ,ଲେଖକ ଓ ଚିନ୍ତା ନାୟକ ଓ ସର୍ବାଧିକରେ ପର୍ଯ୍ୟଟକ ମାନଙ୍କୁ ଏଠାକୁ ଟାଣି ଆଣିଥାଏ । ସେ ଗୋପୀନାଥ ମହାନ୍ତିଙ୍କ ଦାଦି ବୁଢା ହେଉ କି ରମାକାନ୍ତ ରଥଙ୍କ ସପ୍ତମ ରତ ହେଉ । ବିଶେଷ ଭାବେ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକ ମାନଙ୍କୁ ଆକର୍ଷଣ କରିଥାଏ ଡିସେମ୍ବର ମାସ ଠାରୁ ଫେବୃୟାରୀ ମାସ । ଏ ସମୟରେ ଏହି ଜିଲାର ସୌନ୍ଦର୍ଯ୍ୟ ପ୍ରକୃତରେ ଉପଭୋଗ୍ୟ । ଚଳିତ ବର୍ଷ ଏହି ମାସର କିଛିଦିନ ବର୍ଷା ଲାଗିରହିବା ପରେ ଏବେ ବର୍ଷା ସମ୍ପୂର୍ଣ୍ଣ ଛାଡି ଯାଇଥିବାରୁ ଘନ କୁହୁଡିର ଆସ୍ତରଣ ଭିତରେ ସମଗ୍ର ଜିଲା । ହୁଏତ ସହର ବାସିନ୍ଦା ମାନେ କୁହୁଡିର ମଜା ସକାଳ ୭ଟା ମଧରେ ହରାଇ ଦେଉଥିବା ବେଳେ ଘଂଚ ଜଙ୍ଗଲରେ ଭରା ପଲ୍ଲୀ ଅଂଚଳରେ ଅପରାହ୍ଣ ୪ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ଘନ କୁହୁଡିର ପ୍ରଭାବ ଦେଖିବାକୁ ମିଳୁଛି । ଯେତେବେଳେ ଏହି କୁହୁଡିର ଆସ୍ତରଣ ଆହୁରି ଘନୀଭୂତ ହୋଇଯାଏ ସେତେବେଳେ ତରଳ ବରଫ ଖଂଡ ଭଳି ଗଛ,ପତ୍ର,ଘର ଛାତ ଓ ଲତାଗୁଳ୍ମ ରେ ଲାଗି ରହେ । ଗତ ୪ ଦିନ ହେଲା ଜିଲାର ଦାରିଙ୍ଗବାଡି, ବେଲଘର,ପୁତୁଡି ,କଟ୍ରାମାଲା,ଲୁହୁ,ମଣ୍ଡାସରୁକୁଟି ଓ ପିଲା ସାଲୁଙ୍କି ଡ୍ୟାମ ଅଂଚଳକୁ ପର୍ଯ୍ୟଟକ ମାନଙ୍କ ସୁଅ ଛୁଟିବାରେ ଲାଗିଛି । ଶୀତର ପ୍ରଭାବ ସେଭଳି ପଡିନଥିବା ବେଳେ ସକାଳ କୁହୁଡିର ମଜା ନେବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଥିବା ନେଚର ରିଟ୍ରେଟ୍ ଓ ଜଙ୍ଗଲ ବିଭାଗ ଆଶ୍ରୟ ସ୍ଥଳୀରେ ଗହଳି ବାଢିବାରେ ଲାଗିଛି । ସମତଳ ଅଂଚଳରେ ଅବ୍ୟବହୃତ ଶୀତ ପୋଷାକ କୁ ପରିଧାନ କରି ପର୍ଯ୍ୟଟକ ମାନେ ସହରର ତଥା ଏ ସବୁ ସ୍ଥାନରେ ପରିଭ୍ରମଣ କରୁଛନ୍ତି । ହେଲେ ଦୃଃଖର ବିଷୟ ଜିଲାରେ ପର୍ଯ୍ୟଟନ ର ଉନ୍ନତି ପାଇଁ ନା ରାଜ୍ୟ ସରକାର,ନା ଜିଲା ପ୍ରଶାସନ କେହିବି ଆନ୍ତରକିତା ଦେଖାନ୍ତି ନାହିଁ । ଏଭଳିକି ଜିଲାରେ ଗତ୨ ବର୍ଷ ହେଲା ଜିଲା ଟୁରିଷ୍ଟ ଅଧିକାରୀ ନଥିବା ବେଳେ ୪ ବର୍ଷ ହେଲା ସଂସ୍କୃତି ଅଧିକାରୀ ନାହାଁନ୍ତି । ଜିଲା ଶ୍ରମ ଅଧିକାରୀ ଏହି ଦାୟିତ୍ୱରେ ଅଛନ୍ତି । ଯିଏକି ଜିଲାର ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ଅନଭିଜ୍ଞ । ରାଜ୍ୟ ବାହାର ପର୍ଯ୍ୟଟକ ମାନେ ଆସିଲେ ଜିଲାରେ ଥିବା ୧୭ ଟି ପର୍ଯ୍ୟଟନ ସ୍ଥଳୀ ମଧରୁ ୧୨ଟିରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏଭଳିକି ବହୁ ସ୍ଥଳ କୁ ଗମନା ଗମନ ପାଇଁ ଭଲ ରାସ୍ତା ନାହିଁ । ପ୍ରାତ୍ସାହନ ଅଭାବରୁ ଜିଲାର ବହୁ ପର୍ଯ୍ୟଟନ ସ୍ଥଳ ଅବହେଳିତ ଭାବରେ ପଡି ରହିଛି ।

# ପୁରୀ ଜିଲ୍ଲାରେ ୪୫ହଜାର ଗୋତି ଶ୍ରମିକଙ୍କୁ ଏବେ ବି ମିଳିନାହିଁ ମୁକ୍ତି

ପୁରୀ,୨୮/୧୧ (ନି.ପ୍ର): ପୁରୀ ଜିଲ୍ଲାରେ ବର୍ତନ ନେଇ ମହାଜନଙ୍କ ସେବା କରିବା ପ୍ରଥାକୁ ଦୀର୍ଘ ବର୍ଷଧରି ଚାଲୁ ରହିଥିଲେ ମଧ ଏବେ ବି ଗୋତି ଶ୍ରମିକଙ୍କୁ ମୁକ୍ତି ମିଳିନାହିଁ ବୋଲି ବ୍ରହ୍ମଗିରି ଗଡ଼ରୋଡ଼ଙ୍ଗର କ୍ରାନ୍ତିକାରୀ ଓଡ଼ିଶା ଗୋତିମୁକ୍ତି ଆନ୍ଦୋଳନର ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଇଛନ୍ତି ୧୯୯୯ ମସିହାରୁ ବାରିକ ଧୋବାମାନେ ବର୍ତନ ପ୍ରଥାରୁ ମୁକ୍ତ ହେବା ପାଇଁ ଆନ୍ଦୋଳନ କରି ଆସୁଛନ୍ତି । କିନ୍ତୁ କିଛି ଫଳ ମିଳୁନାହିଁ । ଏହି ପ୍ରଥାକୁ ବିଭିନ୍ନ ନାପସନ୍ଦ କରିଥିଲେ ମଧ ଗ୍ରାମାଂଚଳରେ ଉଚ୍ଚ ଜାତିମାନେ ଏହାକୁ କାର୍ଯ୍ୟକାରୀ କରୁନଥିବା ଅଭିଯୋଗ କରିଛନ୍ତି । ପୁରୀ ଜିଲ୍ଲାରେ ୨୦୧୨ ମସିହା ସର୍ଭେ ଅନୁସାରେ ୪୫ ହଜାର ଗୋତି ଶ୍ରମିକ ରହିଛନ୍ତି । ୧୭ଶହ ଗୋତି ଶ୍ରମିକ ମୁକ୍ତି ପ୍ରମାଣପତ୍ର ପାଇଛନ୍ତି । ଅବଶିଷ୍ଟ ଗୋତି ଶ୍ରମିକଙ୍କୁ ମୁକ୍ତି ପ୍ରମାଣପତ୍ର ଦେବା ପାଇଁ ଦାବି କରିଛନ୍ତି । ଆସନ୍ତା ଡ଼ିସେମ୍ବର ୨ରେ ଦାସତ୍ୱ ପ୍ରଥା ବିଲୋପ ଦିବସ ପାଳନ କରାଯିବ । ଜିଲ୍ଲାପାଳ ଏ ସଂପର୍କରେ ସଂଘ ସହ ଆଲୋଚନା କରିବା ପାଇଁ ସଂଘର ସଭାପତି ତ୍ରିନାଥ ବାରିକ ଓ ସମ୍ପାଦକ ରବିନ୍ଦ୍ର ବାରିକ ଦାବି କରିଛନ୍ତି ।

# କନିଷ୍ଠ ଶିକ୍ଷକ ସଂଘ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର,୨୮/୧୧ (ନି.ପ୍ର): ଓଡିଶା ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ଜୟପୁର ବ୍ଲକ ତରଫରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଷ୍ୟରେ ଗଣଶିକ୍ଷା ମନ୍ତ୍ରୀ ସମିର ରଞ୍ଜନ ଦାସଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କନିଷ୍ଠ ଶିକ୍ଷକ ମାନଙ୍କ ପାରିତୋଷିକ ବୃଦ୍ଧି ଏବଂ ୨୦୧୩ ଚୁକ୍ତି ଭିତିକ ନିୟମରେ ଅନ୍ତଭୁକ୍ତ କରିବା ନେଇ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି । ସମଗ୍ର ଶିକ୍ଷା ଅଧିନରେ ପ୍ରଥମରୁ ଯୁକ୍ତ ୨ ଯାଏ ହୋଇଥିଲେ ହେଁ ମାଧମିକ ଓ ଉଚ୍ଚ ମାଧମିକ ବର୍ଗ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକ ମାନଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଇଛି । ଶ୍ରମ ମନ୍ତ୍ରାଳୟର ସୁପାରିଶ ଅନୁଯାଇ ଜଣେ ଅଣ କୁଶଳି ଶ୍ରମିକଙ୍କ ଠାରୁ ମଧ କମ ପାରିଶ୍ରାମିକ ଯାହା ମାତ୍ର ୬ ହଜାର ୫ ଶହ ୧୨ ଟଙ୍କା ପାଉଛୁ । ବଜାର ଦରଦାମ ବୃଦ୍ଧି ପାଉଥିବା ବେଳେ ଶିକ୍ଷକ ମାନେ ଅତି କୁଶଳି ହୋଇ ମଧ ଦୈନିକ ୨୧୭ ଟଙ୍କା ପାରିଶ୍ରାମିକ ରେ ପରିବାର ପ୍ରତି ପୋଷଣ କରିବା ଆସମ୍ଭବ ହୋଇ ପଡିଲାଣି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ କ୍ୟାବିନେଟ ବୈଠକରେ ଚୁକ୍ତି ଭିତିକ କର୍ମଚାରି ମାନଙ୍କ ପାଇ ଚୁକ୍ତି ଭିତିକ ଉଚ୍ଛେଦ ସହ ଓଡିଶା ବର୍ଗ ଗୋ (ଚୁକ୍ତି ନାମା ନିୟମ ୨୦୧୩ର) ସଂଶୋଧନ ହୋଇ ବିଭିନ୍ନ ସ୍ତରରେ କର୍ମଚାରିଙ୍କ ଦରମା ବୃଦ୍ଧି ସହ ଅନାନ୍ୟ ସୁବିଧା ସୁଯୋଗ ମିଳୁଥିବା ବେଳେ କନିଷ୍ଠ ଶିକ୍ଷକଙ୍କୁ ଚୁକ୍ତି ଭିତିକ ବୋଲି ବାଦ ଦିଆଯାଇଛି । ୨୦୧୬ ମସିହା ଠାରୁ ଆଜି ଯାଏ ୫ ବର୍ଷ ହେବ ପାରିଶ୍ରାମିକ ବୃଦ୍ଧି ପାଇ ସରକାରଙ୍କୁ ନିବେଦନ ଓ ବାରମ୍ବାର ଦାବି ଜଣାଇଆସୁ ଥିଲେ ମଧ ସରକାର ଓ ଅଶମ୍ବେଦନ ଶିଳତାର ପରିଚୟ ଦେଇ କନିଷ୍ଠ ଶିକ୍ଷକ ଙ୍କ ଦରମା ୧ ଟଙ୍କା ବୃଦ୍ଧି କରି ନାହିଁନ୍ତି । କନିଷ୍ଟ ଶିକ୍ଷକ ଦରମା ୧୬ ହଜାର ଟଙ୍କା କରିବା ସହ ୨୦୧୬ ଠାରୁ ଲାଗୁ କରିବା ଦାବୀ କରାଯାଇଛି । ସଭାପତି ମନରଞ୍ଜନ ପଲାଇ ଙ୍କ ନେତୃତ୍ୱରେ ନିତୁ ପଣ୍ଡା, ବନିତା ପଣ୍ଡା, ମିଥୁନ ନାହାକ, ସୁଚିସ୍ମିତା ମହାରଣା, ସୋନାଲି ପତି, ପ୍ରିୟମ୍ବଦା ସ୍ୱାଇଁ ପ୍ରମୁଖ ଜୟପୁର ବାରିଣିପୁଟ ଆଇବିରେ ନ ମନ୍ତ୍ରୀ ଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ ।

# ସମ୍ବିଧାନ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଜିଲ୍ଲା ପରିଷଦ ବୈଠକ

ଜୟପୁର,୨୮/୧୧ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିବର୍ଦ୍ଧିତ ପରିଷଦ ବୈଠକ ଆଜି ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସିପିଆଇ ରାଜ୍ୟ ସଂପାଦକ ଆଶିଷ କୁମାର କାନୁନଗୋ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ ଯୋଗ ଦେଇ ପାର୍ଟି ର ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଦେଶରେ ମୋଦି ସରକାର ଦେଶର ସମସ୍ତ ରାଷ୍ଟ୍ରାୟତ ସଂସ୍ଥା ଯଥା ଜାତୀୟ ରାଜପଥ, ରେଲଷ୍ଟେସନ,ରେଳ, ବିମାନବନ୍ଦର, ବ୍ୟଙ୍କ ଜୀବନ ବୀମା, ବିଦ୍ୟୁତ ସଂସ୍ଥା ମାନଙ୍କୁ ବିକ୍ରୀ କରୁଥିବା ବେଳେ ଏହା ବିରୁଦ୍ଧରେ ବ୍ୟାପକ ଗଣ ଆନ୍ଦୋଳନ ଚଳାଇବାକୁ ଆହ୍ୱାନ ଦେଇଥିଲେ । ପେଟ୍ରୋଲ, ଡିଜେଲ, ଗ୍ୟାସ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦର ବୃଦ୍ଧି ଜନ ଜୀବନକୁ ଅତିଷ୍ଠ କରିସାରିଲାଣି । କୋରାପୁଟ ଜିଲ୍ଲାରେ ସମସ୍ତ ସଂପଦ ଭରପୁର ଥିବା ବେଳେ ଏହି ଜିଲ୍ଲାର ଯୁବକ ଯୁବତୀ ମାନେ ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି । ରାଜ୍ୟ ସରକାର ବିଦ୍ୟୁତ ବିଲ ବୃଦ୍ଧି କରି ଘରୋଇ କମ୍ପାନୀ ମାନଙ୍କୁ ସମସ୍ତ ଲାଭ ଦେଇଛନ୍ତି । ଏହାର ମୁକାବିଲା ପାଇଁ ଦଶମନ୍ତପୁର, ବନ୍ଧୁଗାଁ, ନାରାୟପାଟ୍ଣା, ବୈପାରିଗୁଡା, କୁନ୍ଦୁରା, କୋଟପାଡ, ବୋରିଗୁମ୍ମା ବ୍ଲକ ମାନଙ୍କରେ ପାର୍ଟି ର ସାଧାରଣ ବୈଠକ ପାଇଁ ନିଷ୍ପତି ନିଆଯାଇଛି । ଆଗାମୀ ପଂଚାୟତ ନିର୍ବାଚନରେ ସମସ୍ତ ଜିଲ୍ଲାପରିଷଦ ଏ ଗ୍ରାମ ପଂଚାୟତରେ ପାର୍ଟି ପକ୍ଷୁ ପ୍ରାର୍ଥୀ ହେବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ପାର୍ଟି ପାଣ୍ଠି ଅଭିଯାନ ଡିସେମ୍ବର ୬ ତାରିଖରେ କୃଷକ ମହାପଂଚାୟତ ବ୍ରହ୍ମପୁର ଠାରେ ଶତାଧିକ ଚାଷୀ ଯୋଗ ଦେବା ପାଇଁ ସ୍ଥିର କରାଯାଇଛି । ସମ୍ବିଧାନ ସୁରକ୍ଷା ସାମାଜିକ ନ୍ୟାୟ ଦାବୀରେ ବିଭିନ୍ନ ବ୍ଲକ ମାନଙ୍କରେ ଜନସଚେତନତା କରିବା ପାଇଁ ନିଷ୍ପତି ନିଆଯାଇଛି ।

## ଗୋରୁଗାଈଙ୍କ ଫାଟୁଆ ରୋଗପାଇଁ ଟିକାକରଣ ବ୍ୟବସ୍ଥା

ପୁରୀ,୨୮/୧୧ (ନି.ପ୍ର): ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ ଯୋଜନା ଅଧିନରେ ଜିଲ୍ଲାରେ ଥିବା ଗୋରୁଗାଈମାନଙ୍କ ପାଇଁ ସ୍ୱତନ୍ତ୍ର ଟୀକାକରଣ ବ୍ୟବସ୍ଥା କରାଯାଇଛି । ଶୀତଦିନେ ଗୋରୁଗାଈମାନଙ୍କର ପାଟି ଓ ଗୋଡ଼ ଫାଟିବା ରୋଗ ଦେଖା ଦେଇଥାଏ । ପ୍ରାଣୀମାନଙ୍କୁ ମାଗଣା ପାଟୁଆ ଟୀକା ଖୁବ୍‌ଶୀଘ୍ର ଦିଆଯିବ ବୋଲି ସିଡ଼ିଭିଓ ଜି. ନରେଶ କୁମାର ସୂଚନା ଦେଇଛନ୍ତି । ଫାଟୁଆ ରୋଗୀମାନଙ୍କୁ ସ୍ଥାନନ୍ତରିତ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପ୍ରାଣୀମାନଙ୍କୁ ଚିହ୍ନଟ କରାଯାଇ ଜାତୀୟ ସ୍ତରରେ ଗୋଟିଏ ଡ଼ିଜିଟାଲ ନମ୍ବର କାନରେ ଟ୍ୟାଗ କରାଯାଉଛି । ଏହା ଏକ ଭୂତାଣୁ ଓ ବାୟୁ ବାହିତ୍ୟ ରୋଗ ହୋଇଥିବାରୁ ଫାଟୁଆ ଗୋରୁଗାଈଙ୍କୁ ଅନ୍ୟ ଆଡ଼େ ନନେଇ ଗୋଟିଏ ଗୁହାଳରେ ଚିକିତ୍ସା କରାଗଲେ ରୋଗ ଭଲ ହେବାସହ ଏହି ରୋଗ ବ୍ୟାପିବ ନାହିଁ ବୋଲି ସୂଚନା ଦିଆଯାଇଛି । ଯେଉଁବ୍ୟକ୍ତିମାନେ ଘରେ ବସିଥିବା ଗୃହପାଳିତ ଗାଈଗୋରୁଙ୍କ ରୋଗ ସଂପର୍କରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କୁ ଜଣାଇବା ପାଇଁ ସୂଚନା ଦେଇଛନ୍ତି ।

# ଚିଲିକାରୁ ୨୫ ହେକ୍ଟର ଅଂଚଳରୁ ଘେରି ଉଚ୍ଛେଦ

ଖୋର୍ଦ୍ଧା,୨୮/୧୧ (ନି.ପ୍ର): ମରାଳ ମାଳିନୀ ନିଳାମ୍ବୁ ଚିଲିକାରେ ଶହ ଶହ ମତ୍ସ୍ୟଜୀବୀ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି । ହେଲେ ଚିଲିକାରେ କେତେକ ଅସାଧୁ ମାଫିଆ ବେଆଇନ ଘେରି କରିବା ଯୋଗୁଁ ଚିଲିକାରେ ମାଛ ଉତ୍ପାଦନ କମ୍ ହେବା ସହ ଚିଲିକା ତାର ସୌନ୍ଦର୍ଯ୍ୟ ହରାଉଛି । ତେଣୁ ରାଜ୍ୟ ସରକାର ଚିଲିକାରେ ଘେରି ଉଛେଦ ଅଭିଯାନ ଜାରି ରଖିଛନ୍ତି । ତେବେ ଚିଲିକାରେ ଆଜି ପୁଣି ଘେରି ଉଚ୍ଛେଦ ଅଭିଯାନ କରାଯାଇଥିଲା । ଘେରି ଉଚ୍ଛେଦ କାର୍ଯ୍ୟ ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଏବଂ ମାନସିଂହପୁର ଅନ୍ତର୍ଗତ ଚିଲିକା ହ୍ରଦ ମଧ୍ୟରେ ଚାଲିଥିଲା । ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ସିଡିଏ ର ମିଳିତ ସହଯୋଗରେ ଘେରି ଉଚ୍ଛେଦ ଅଭିଯାନ ଚାଲିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କର୍ବିା ପାଇଁ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ମାନସିଂହପୁର ଜେଟି ନିକଟରେ ପ୍ରଶାସନ ପକ୍ଷରୁ ଆଜି ଦୀର୍ଘ ସମୟ ଧରି ଘେରି ଉଚ୍ଛେଦ ଅଭିଯାନ ଜାରି ରହିଥିଲା । ଦେଶୀ ଡଙ୍ଗା ସାହାଯ୍ୟରେ ଘେରି ଉଚ୍ଛେଦ କରାଯାଇ ଜାଲି କିଳାଗୁଡିକୁ ଜ୍ୱତ କରିଥିଲା ପ୍ରଶାସନ । ଆଜି ଗୋଟିଏ ଦିନରେ ୨୫.୦୫ ହେକ୍ଟର ଅଂଚଳରୁ ଘେରି ଉଚ୍ଛେଦ କରାଯାଇଥିଲା । ତେବେ ଏହି ଘେରି ଉଚ୍ଛେଦ ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ପ୍ରଶାସନ କହିଛି । ଉକ୍ତ ଉଚ୍ଛେଦ ଅଭିଯାନର ଚିଲିକା ତହସିଲଦାର ପୁନମ ମହାପାତ୍ର ଏବଂ ଟାଙ୍ଗୀ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ନେତୃତ୍ୱ ନେଇଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ଷଷ୍ଠ ବାର୍ଷିକ ଚେସ୍ ଚମ୍ପିଆନସିପ୍ ୨୦୨୧ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୮/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ଏବଂ ଅଲ ଓଡିଶା ଚେସ୍ ଆସୋସିଏସନ୍‌ର ତତ୍ୱାବଧାନରେ ଜିଲ୍ଲାର ଷଷ୍ଠ ବାର୍ଷିକ ଚେସ୍ ଚମ୍ପିଆନସିପ୍ ୨୦୨୧ ଡ଼ଃ ବୈଷ୍ଣବ ଚରଣ ପରିଡା ସ୍ମାରକୀ ଟ୍ରଫିର ଉଦ୍‌ଘାଟନ ଉତ୍ସବ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ଉପ ସଭାପତି ଲଲାଟ କେଶରୀ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟ ୨ଦିନ ଧରି ଚାଲୁ ରହିବ । ଏଥିରେ ୫୦ରୁ ଅଧିକ ଖେଳାଳୀ ଭାଗ ନେଇଛନ୍ତି । ଆୟୋଜିତ ଏହି ଖେଳରେ ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସାହିତ୍ୟିକ ଭକ୍ତ ମଲ୍ଲ ମୁଖ୍ୟ ବକ୍ତାଭାବେ ଓ ଅନୁଷ୍ଠାନର ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ସଂପାଦକ ଶୁଭାଶିଷ ପଟ୍ଟନାୟକ, କେନ୍ଦୁଝର ଜିଲ୍ଲା ସଂପାଦକ ଅମର ମହାନ୍ତି ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ଅନୁଷ୍ଠାନର ଉପ ସଭାପତି ଧରଣୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ହାଡିବନ୍ଧୁ ସିଂହ, ସହ ସଂପାଦକ ନାରାୟାଣ ଦାସ, କୋଷାଧକ୍ଷ ପିଙ୍କି ମହାପାତ୍ର ଏବଂ ଏମସିଏଫ ର ଆବାହକ ବିକ୍ରମ ବିଶ୍ୱାଳ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

# ପଲ୍ଲୀଶ୍ରୀ ମେଳାର ତୃତୀୟ ଦିନରେ ପ୍ରାୟ ୬ଲକ୍ଷ ବ୍ୟବସାୟ

କେନ୍ଦ୍ରାପଡ଼ା,୨୮/୧୧ (ନି.ପ୍ର): କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ରାଜ୍ୟ ସ୍ତରିୟ ପଲିଶ୍ରୀ ମେଳା ତୃତୀୟ ଦିବସରେ ପହଁଚିଛି । କରୋନା ମହାମାରୀ କଟକଣା କୋହଳ ପରେ ଅନୁଷ୍ଠିତ ଏହି ପଲିଶ୍ରୀ ମେଳାରେ ଜନ ସମାଗମ ବଢିବାରେ ଲାଗିଥିବା ଦେଖିବାକୁ ମିଳିଛି । ଶନିବାର ପ୍ରଥମାଷ୍ଟମୀ ଓ ସରକାରୀ ଛୁଟି ଦିବସ ଥିବାରୁ ଅଧିକ ସମାଗମ ପରିଲକ୍ଷିତ ହୋଇଥିଲା । ଆରକ୍ଷୀ ଅଧିକ୍ଷକ ସନ୍ଦିପ ମଡକରଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ଓ ସାଧା ପୋଷାକ ଧାରୀ ପୋଲିସ ମୁତୟନ କରାଯାଇ ଜନ ସାଧାରଣଙ୍କ ଉପରେ ନଜର ରଖା ଯାଇଥିଲା । ବିଭିନ୍ନ ଜିଲ୍ଲାରୁ ଆସିଥିବା ଏସଏସଜି ସଦସ୍ୟା ମାନଙ୍କ ଦ୍ୱାରା ପ୍ରସ୍ତୁତ ଘର କରଣା ସାମଗ୍ରୀ, ସାଜସଜ୍ଜା ସାମଗ୍ରୀ ଓ ବଡି, ପାମ୍ପଡ, ଧୂପକାଠି, ଆଚାର , ଖଟା ପ୍ରଭୃତି ଖାଦ୍ୟ ସାମଗ୍ରୀ ବହୁ ପରିମାଣର ବିକ୍ରି ହୋଇଥିବା ଜଣାପଡିଛି । ପ୍ରାୟ ୫ ଲକ୍ଷ ୭୬ ହଜାର ୫୭୬ ଟଙ୍କାର ବ୍ୟବସାୟ ତୃତୀୟ ଦିନରେ ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାପାଳ ଅମ୍ରିତ ରତୁରାଜ, ପିଡି ଡିଆରଡିଏ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ମେଳା ରେ ଉପସ୍ଥିତ ରହି ଉତ୍ସାହିତ କରୁଥିବା ସୂଚନା ମିଳିଛି । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଓ ଉପଖଣ୍ଡା ଅଧିକାରୀ ଅଶୋକ ବଳିଆର ସିଂହ ଉପସ୍ଥିତ ଥିବା ଦେଖିବାକୁ ମିଳିଛି ।

## ବିଜେପି ଜିଲ୍ଲା ଉପସଭାପତିଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ପଦବରୁ ବହିଷ୍କାର

ଜଗତସିଂହପୁର ୨୭ ନଭେମ୍ବର (ହି ସ ) ଆଜି ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ଶ୍ରୀ ସତ୍ୟବ୍ରତ ମହାପାତ୍ର ଜିଲ୍ଲା ଉପସଭାପତି ଶ୍ରୀ ଅଜିତ ଦାସ ଙ୍କୁ ତାଙ୍କ ପଦବୀ ର ଅପବ୍ୟବହାର , ଦଳବିରୋଧୀ କାର୍ଯ୍ୟ ଆଦି ଅନ୍ୟାନ୍ୟ ବେନିୟମ କାର୍ଯ୍ୟ ଉପରେ ପୂର୍ବରୁ ଅଭିଯୋଗ ହୋଇଆସୁଥିବା କାର୍ଯ୍ୟ ଉପରେ ସମୀକ୍ଷା କରିବା ପରେ ଆୟୋଜିତ ଜିଲ୍ଲା ବୈଠକରେ ଆଲୋଚନା କରିବା ପରେ ପ୍ରସ୍ତାବ ଆଗତ ଓ ଗୃହୀତ ହେବା ପରେ ତାଙ୍କୁ ଦଳର ତାଙ୍କ ପଦବୀ ରୁ ବହିଷ୍କାର କରିଛନ୍ତି । ଏହି ପଦକ୍ଷେପ ଗ୍ରହଣ ହେବାରୁ ଜିଲ୍ଲା ବିଜେପି କର୍ମୀ ମାନଂକ ମଧରେ ଆନନ୍ଦ ଦେଖାଦେଇଛି ।

# ଆଗେଇବା ସ୍ୱନକ୍ଷତ୍ର ଉତ୍ସବରେ ଭୁବନର କୃତୀ ଛାତ୍ର ସମ୍ମାନିତ

ଭୁବନ,୨୮/୧୧ (ନି.ପ୍ର): ଢେଙ୍କାନାଳ ସାଂସଦ ମହେଶ ସାହୁ ଙ୍କ ସଂପାଦନାରେ ପ୍ରକାଶ ପାଉଥିବା ସାପ୍ତାହିକୀ ଖବରକାଗଜ 'ଆଗେଇବା'ର ୪୧ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଭୁବନର କୃତୀଛାତ୍ର ଓ ସାମ୍ବାଦିକଙ୍କୁ ସମ୍ମାନୀତ କରାଯାଇଥିଲା । ମାତୃଭାଷାରେ ସର୍ବାଧିକ ନମ୍ବର ରଖିଥିବା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ରୁଦ୍ର ନାରାୟଣ ସାହୁ, କିଙ୍ଗୋଳ - ଅସୁରବନ୍ଧ ସରକାରୀ ଉ.ପ୍ରା ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ଚିରଂଜିବୀ ସାହୁ, ଅସୁରବନ୍ଧ ପଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଚତୁର୍ଥ ଶ୍ରେଣୀ ଛାତ୍ର ସୌମ୍ୟ ରଂଜନ ସାହୁ ଓ ବିନାୟକ ଇଂଲିଶ ମିଡିୟମ ସ୍କୁଲ ପ୍ରଥମ ଶ୍ରେଣୀ ଛାତ୍ର ଆଶୁତୋଷ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଭୁବନର 'ଆଗେଇବା' ପ୍ରତିନିଧି ଦେବାନନ୍ଦ ସାହୁ ଓ ବ୍ଲକ ପ୍ରତିନିଧି ଜୟଗୁରୁ ପାତ୍ରଙ୍କୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଇଥିଲା ଓ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳଙ୍କୁ ମଧ ସାଂସଦ ମହେଶ ସାହୁ ଓ ମୁଖ୍ୟଅତିଥି ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ।

# ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ଭୁବନ,୨୮/୧୧ (ନି.ପ୍ର): ଭୁବନ ଯୁକ୍ତ ତିନି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଦିଲ୍ଲୀପ କୁମାର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ନିରଂଜନ ନାୟକ, ପ୍ରଶାନ୍ତ ରାଉତରାୟ, ଅଧାପିକା ନମିତା ଦାଶ, ସୁପ୍ରିମୟୀ ସେନ ଉପସ୍ଥିତ ରହି ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଯୋଗୁ ଭାରତ ଆଜି ବିଶ୍ୱର ବୃହତ ତଥା ଶ୍ରେଷ୍ଠ ଗଣତନ୍ତ୍ର ଓ ସାମ୍ବିଧାନିକ ରାଷ୍ଟ୍ର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।

## ୱିଣ୍ଟର ଫିଟ୍‌ନେସ୍

**ଶୀତ ପ୍ରଭାବରେ ବାୟୁମଣ୍ଡଳର ତାପମାତ୍ରା ଯେତିକି କମୁଛି, ପାଣିପାଗ ପରିବର୍ତ୍ତନର ସେତିକି ପ୍ରଭାବ ଶରୀର ଉପରେ ମଧ ପଡୁଛି । ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...**



♦ ଶୀତଦିନେ ଅନେକେ କମ୍ ପାଣି ପିଇଥାନ୍ତି । ଫଳରେ ସେମାନଙ୍କଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ, ହାତ, ଓଠ ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ । କେତେକଙ୍କଠାରେ ଶିରାପ୍ରଶିରା ସଙ୍କୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ । ଏସବୁକୁ ଏଡାଇବା ଲାଗି ଉଷୁମ ଆହାର ଗ୍ରହଣ କରନ୍ତୁ । ସବୁ ପ୍ରକାର ସିଜନାଲ ପନିପରିବା, ଶାଗ ଏବଂ ଫଳକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ । ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ । ଦେହରେ ତେଲ ଏବଂ ମଶ୍ଚରାଇଜର ବ୍ୟବହାର କରିବା ବି ଗୁରୁତ୍ୱପୂର୍ଣ୍ଣ ।

♦ ଶୀତରେ ସକାଳୁ ବ୍ଲାଙ୍କେଟ୍ ଭିତରୁ ବାହାରିବା ଏବଂ ଉଠିବା ପରେ ଥଣ୍ଡାରେ ଏକ୍ସରସାଇଜ୍ କରିବାକୁ ଅନେକଙ୍କୁ ଇଚ୍ଛା ହୋଇ ନଥାଏ । ତେଣୁ ଶାରୀରିକ ବ୍ୟାୟାମ ଅଭାବରୁ ମଧ ଏଦିନେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ତେଣୁ ଯେଉଁମାନେ ପୂର୍ବରୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ଅଭ୍ୟାସ ରଖିଥାନ୍ତି ସେମାନେ ଆଳସ୍ୟ ଯୋଗୁ ଶୀତରେ ଆଦୌ ଏସବୁ ବନ୍ଦ କରିବା ଠିକ୍ ନୁହେଁ ।

♦ ଥଣ୍ଡା ଥଣ୍ଡା ପାଗରେ ଗରମ ଗରମ ଚଟପଟା ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଆଦି ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଯାଏ । ହେଲେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନଥାଏ ଏବଂ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ । ଶୀତରେ ଫିଟ୍‌ନେସ୍ ବଜାୟ ରଖିବା ଲାଗି ଏଭଳି ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ସୁଷମ ଆହାର ଗହଣ କରନ୍ତୁ । ବିଶେଷକରି ପ୍ରୋଟିନ୍, ଆଇରନ୍ ,ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହ ଋତୁଭିତ୍ତିକ ସବୁଜ ପନିପରିବା, ଫଳ, ଶାଗ ଏବଂ ଗାଈଘିଅକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

♦ ଥଣ୍ଡା ପବନ ବାଜି ଏଦିନେ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦେଖାଯାଇଥାଏ । ତେଣୁ ଏହାକୁ ଏଡାଇବା ଲାଗି ପ୍ରଚୁର ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତା' ଛଡା କାଶ ହେଲେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ । ଉଷୁମ କ୍ଷୀର ପିଇବା ଦ୍ୱାରା ମଧ ଆପଣ ଉପକୃତ ହେବେ । ରସୁଣ ମଧ ଖାଇବା ଏଦିନେ ବେଶ୍ ଉପକାରୀ । ଏସବୁ ବ୍ୟତୀତ ବାହାରକୁ ଯିବା ସମୟରେ ଯେପରି ଥଣ୍ଡା ପବନ ଶରୀରରେ ନ ଲାଗେ ସେଥିପାଇଁ ଭଲ ଭାବେ ଶୀତବସ୍ତ୍ର, କ୍ୟାପ୍, ସକ୍ସ, ଗ୍ଲୋବ୍ସ ଆଦି ପିନ୍ଧିବା ଆବଶ୍ୟକ ।

♦ ଅଧିକ କୁହୁଡି ହୋଇଥାଏ । ଫଳରେ ବାୟୁମଣ୍ଡଳରେ କୁହୁଡି (ଫଗ୍) ସାଙ୍ଗରେ ଧୂଳିକଣା ବି କିଛି ରହିଥାଏ; ଯେଉଁଥିରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର୍, ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ । ଏହା ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇ ହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ । ତେଣୁ ଯଥା ସମ୍ଭବ କୁହୁଡି ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ । ଆବଶ୍ୟକ ସ୍ଥଳେ ଫୁଲ୍ ଶୀତବସ୍ତ୍ର, ଫୁଲ୍ ଜୋତା, କ୍ୟାପ୍ ଆଦି ବ୍ୟବହାର କରନ୍ତୁ ।

♦ ଶୀତଦିନେ ଅଧିକାଂଶ ଯୁବତୀ ଯୁବକଙ୍କର କେଶ ଶୁଷ୍କ ହେବା, ରୁପି ହେବା ଏକ ବଡ ସମସ୍ୟା ପାଲଟେ । ଏହାକୁ ଦୂରକରିବା ଲାଗି କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମାଲିସ କରନ୍ତୁ । ଭିଟାମିନ୍ ବି୬, ଏ, ସି, ଇ ସହ ଜିଙ୍କ୍, ପୋଟାସିଅସ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ ।



## ମଧ୍ୟପ୍ରଦେଶର ଜବଲପୁର







ପବିତ୍ର ନର୍ମଦା ନଦୀ କୂଳରେ ଅବସ୍ଥିତ ଜବଲପୁର ମଧ ପ୍ରଦେଶର ଏକ ପ୍ରାଚୀନ ଓ ପ୍ରସିଦ୍ଧ ସହର । ଔଦ୍ୟୋଗିକ ସହରର ଭାବରେ ପରିଚିତ ଜବଲପୁରର ସହରର ଆକର୍ଷିତ ଘାଟ, ଝରଣା, ଐତିହାସିକ ଓ ସାଂସ୍କୃତିକ ସଂରଚନାର ଏକ ଉଦାହରଣ । ପର୍ଯ୍ୟଟନ ଦୃଷ୍ଟିରୁ ମଧ ଜବଲପୁର ଏକ ସୁନ୍ଦା ସ୍ଥାନ । ସେଠାରେ ଥିବା ଦର୍ଶନୀୟ ସ୍ଥାନ ମଧ୍ୟରୁ ନର୍ମଦା ନଦୀ ପାର୍ଶ୍ୱସ୍ଥିତ ଶପ୍ତଦଶ ଶତାବ୍ଦୀ ସମୟର କିଲ୍ଲା, ରୂପନାଥ ପାର୍ଶ୍ୱରେ ଥିବା ଭବ୍ୟ ମନ୍ଦିର, ଭେଡାଘାଟ, ଶଙ୍ଖ ମଲମଲର ପଥର ଓ ଧୂଆଁଧାର ଜଳପ୍ରପାତ ଅନ୍ୟତମ । ଜବଲପୁର ସହର ୩୬୭ ବର୍ଗ କି.ମି. କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ । ସେଠାକୁ ଭ୍ରମଣ କରିବାକୁ ଗଲେ କେତେକ ଆକର୍ଷଣୀୟ ସ୍ଥାନ ଭ୍ରମଣ କରିପାରିବେ ।



**ଜବଲପୁର ସହର ୩୬୭ ବର୍ଗ କି.ମି କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ ।**

♦ ଜବଲପୁର ଦେଖିବାଯୋଗ୍ୟ ସ୍ଥାନ ମଧରୁ ଧୂଆଁଧାର ଜଳପ୍ରପାତ ବେଶ୍ ଲୋକପ୍ରିୟ । ଏହି ପ୍ରପାତର ପାଣି ୫୦ ଫୁଟ୍ ଉଚ୍ଚରୁ ପଡୁଥିବାରୁ ପାଣରି ଧୂଆଁ ପରି ଦେଖାଯାଏ । ସେଥିଲାଗି ଏହାକୁ ଧୂଆଁଧାର ଜଳପ୍ରପାତ କୁହାଯାଏ । ଜବଲପୁରଠାରୁ ଏହା ୩୧ କି.ମି ଦୂରରେ ଅବସ୍ଥିତ । ନର୍ମଦା ନଦୀରେ ଏହି ଜଳପ୍ରପାତ ସୃଷ୍ଟି ହୋଇଛି ।

♦ ଜବଲପୁରର ଭେଡାଘାଟ ନୌକାବିହାର ପାଇଁ ଉପଯୁକ୍ତ । ପଞ୍ଚବଟୀ ଘାଟରୁ ଭେଡାଘାଟ ପର୍ଯ୍ୟନ୍ତ ପାଖାପାଖି ୨୨ କି.ମି ଜଳମାର୍ଗରେ ସକାଳ ୭ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ମୋଟର ବୋଟ ସବାରୀର ମଜା ଉଠାଇପାରିବେ । ପିଲା ଓ ଯୁବକମାନଙ୍କ ପାଇଁ ୱାର୍ଲଡ ୱାଟର ପାର୍କ ଏକ ଆକର୍ଷଣୀୟ ସ୍ଥାନ । ଏହି ୱାଟର ପାର୍କ ଦି'ପହରଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହେ ।

♦ ଜବଲପୁରଠାରୁ ୨୫ କି.ମି ଦୂରତା ନର୍ମଦା ନଦୀ କୂଳରେ ଅବସ୍ଥିତ ଭେଡାଘାଟ ମାର୍ବଲ ରକ୍ସ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧରୁ ଅନ୍ୟତମ । ଶଙ୍ଖ ମଲମଲର ଏହି ପଥରଗୁଡ଼ିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ୧୦୦ ଫୁଟ ଉଚ୍ଚରେ ଅବସ୍ଥିତ ଓ ୨୫ କି.ମି ଦୂର ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପଥରଗୁଡ଼ିକରେ ସୂର୍ଯ୍ୟଙ୍କ କିରଣ ପଡ଼ି ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଏ ।

♦ ମଦନ ମହଲ କିଲ୍ଲା ଏକ କାହାଡ଼ର ଶୀର୍ଷରେ ଅବସ୍ଥିତ ଏହି ସୁନ୍ଦର କିଲ୍ଲାକୁ ଗୋଣ୍ଡ ଶାସକ ରାଜା ମଦନ ଶାହା ୧୧୧୬ରେ ନିର୍ମାଣ କରିଥିଲେ । ଏହି କିଲ୍ଲାର ଚତୁଃପାର୍ଶ୍ୱରୁ ଜବଲପୁର ସହରର ଦୃଶ୍ୟ ଦେଖିବାକୁ ମିଳିଥାଏ ।

♦ ଜବଲପୁର ସହରର ଭୀମ ନଗରସ୍ଥିତ ଟ୍ରେଜର ଆଇଲାଣ୍ଡ ମଲ୍ ସହରର ସବୁଠାରୁ ପ୍ରସିଦ୍ଧ ମଲ୍ । ମାର୍କେଟିଂ ପାଇଁ ତାହା ଉପଯୁକ୍ତ ସ୍ଥାନ ।

♦ ଭେଡାଘାଟର ଗୋଟେ ପାର୍ଶ୍ୱରୁ ଅନ୍ୟ ଗୋଟେ ପାର୍ଶ୍ୱକୁ ଯିବା ପାଇଁ ହେଲେ କେବୁଲ କାର୍ ରାଇଡ୍‌ର ମଜା ପର୍ଯ୍ୟଟକମାନେ ଉଠାଇ ପାରିବେ ।

♦ ଡୁମନା ନେଚର ରିଜର୍ଭ ପାର୍କ ଏକ ଲୋକପ୍ରିୟ ଇକୋ-ଟୁରିଜ୍ମ ସାଇଟ୍ । ପାର୍କଟିରେ ସମୃଦ୍ଧ ବନସ୍ପତି, ବିଭିନ୍ନ ପ୍ରକାରର ଜୀବ ଓ ଏଭିଏନ ପ୍ରଜାତି ରହିଥିବାର ଦେଖାଯାଏ । ମାଛ ଧରିବା, ସୁଇମିଂ, ଟୟ ଟ୍ରେନ ସବାରୀ ଇତ୍ୟାଦିର ମଜା ଉଠାଇ ପାରିବେ । ଏହା ବ୍ୟତୀତ ତିଲୱାରା ଘାଟ, ଉବରତାଲା, ଗାର୍ଡେନ, କଙ୍କାଳୀ ଦେବୀ ମନ୍ଦିର ସଂଗ୍ରାମ ସାଗର ହ୍ରଦ, ଶ୍ରୀ ବିଷ୍ଣୁ ବରାହ ମନ୍ଦିର, ଗ୍ୱାରୀ ଘାଟ ଇତ୍ୟାଦି ବୁଲି ଦେଖିପାରିବେ ।

♦ ଅଦ୍ଭୁତ ବାଲାନ୍‌ସିଙ୍ଗ ରକ୍ ମଧ ଏକ ଦର୍ଶନୀୟ ସ୍ଥାନ । ସ୍ଥାନୀୟ ଲୋକଙ୍କ ଅନୁସାରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ହେଲେ ମଧ ଏହି ପଥରର ସନ୍ତୁଳନ ସେହିପରି ଥାଏ । ପୂର୍ବରୁ ପ୍ରଚଣ୍ଡ ଭୂମିକମ୍ପ ହୋଇଥିଲେ ମଧ ଏହି ପଥର ନିଜର ସନ୍ତୁଳନ ବଜାୟ ରଖିବାର ଶୁଣିବାକୁ ମିଳେ ।

♦ ଚୌଷଠି ଯୋଗିନୀ ମନ୍ଦିର ଜବଲପୁରରୁ ମାତ୍ର ଏକ ଘଣ୍ଟାର ରାସ୍ତା । ଏହା ଭେଡାଘାଟ ପାର୍ଶ୍ୱରେ ଅବସ୍ଥିତ । ଦଶମ ଶତାବ୍ଦୀ ସମୟରେ ନିର୍ମିତ ଏହି ମନ୍ଦିରର ନିର୍ମାଣଣ ପ୍ରସିଦ୍ଧ କଲଚୁରୀ ରାଜବଂଶଙ୍କ ଅନୁସାରେ କରାଯାଇଛି । ୧୫୦ଟି ଶିଢ଼ି ଥିବା ଏହି ମନ୍ଦିରରେ ଭଗବାନ ଭୋଳାନାଥ



ଓ ମାତା ଗୌରୀଙ୍କର ମୂର୍ତ୍ତି ଓ ନନ୍ଦୀଶ୍ୱର ମହାରାଜଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି ।

♦ ନର୍ମଦା ନଦୀରେ ନିର୍ମିତ ବରଗୀ ଡ୍ୟାମରର ଉପଯୋଗ ବିଜୁଳି ଉତ୍ପାଦନ ଓ ସିଞ୍ଚନ ପରିଯୋଜନା ପାଇଁ କରାଯାଇଛି । ଏହା ବ୍ୟତୀତ ପର୍ଯ୍ୟଟନ ପାଇଁ ମଧ ଏହି ବନ୍ଧ ଆକର୍ଷଣୀୟ । ନୌକା ସବାରୀ ମଧ କରାଯିବାର ସେଠାରେ ଦେଖାଯାଏ ।

♦ ଜବଲପୁର ଯାଇଥିବା ପର୍ଯ୍ୟଟକମାନଙ୍କୁ ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ବିଶେଷ ଭାବରେ ଆକର୍ଷିତ କରିଥାଏ ଯେଉଁଠାରେ ମହାତ୍ମା ଗାନ୍ଧିଙ୍କର କିଛି ଫଟୋ ଓ ଚୌଷଠି ଯୋଗିନୀ ମନ୍ଦିରର ମୂର୍ତ୍ତି ରଖାଯାଇଛି । ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ରସେଲ ଚୌକ ପାର୍ଶ୍ୱରେ ଅବସ୍ଥିତ । ସେଠାରେ ଆଦିବାସୀ ସଂସ୍କୃତି ଓ କଳାକୃତିର ଝଲକ ମଧ ଦେଖିବାକୁ ମିଳେ ।

### କେବେ ଯିବେ:

ସେପ୍ଟେମ୍ବରଠାରୁ ଫେବୃଆରୀ ଜବଲପୁର ଯିବା ପାଇଁ ଉପଯୁକ୍ତ ସମୟ । ସେଠାରେ ଏହି ସମୟ ମଧରେ ୮ ଡିଗ୍ରୀ ସେଲ୍‌ସିୟସରୁ ୨୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଥାଏ । ଧୂଆଁଧାର ଜଳପ୍ରପାତକୁ ଦେଖିବା ପାଇଁ ବର୍ଷାଦିନେ ବହୁତ ପର୍ଯ୍ୟଟକ ମଧ ଯାଇଥାଆନ୍ତି ।

### କିପରି ଯିବେ:

ଜବଲପୁର ସହରଠାରୁ ୨୦ କି.ମି ଦୂରରରେ ଅବସ୍ଥିତ ଡମନା ବିମାନ ବନ୍ଦର ଦେଶର ପ୍ରମୁଖ ସହରଗୁଡ଼ିକ ଯୋଡ଼ି ହୋଇ ରହିଛି । ସେଠାରେ ପହଞ୍ଚିଲେ ଟ୍ୟାକ୍ସି ଦ୍ୱାରା ସହରରକୁ ଯାଇପାରିବେ । ଜବଲପୁର ରେଲୱେ ଷ୍ଟେସନ ମୁମ୍ବାଇ-ହାୱଡ଼ା ଭାୟା ଆହ୍ଲାବାଦ ମୁଖ୍ୟ ରେଲୱେ ଲାଇନରେ ଅବସ୍ଥିତ । ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ଏହାର ସମ୍ପର୍କ ଥିବାରୁ ଯାତାୟତରେ କୌଣସି ଅସୁବିଧା ହେବ ନାହିଁ । ଭାରତର ପ୍ରମୁଖ ସହର- ନାଗପୁର, ଇନ୍ଦୋର, ଔରଙ୍ଗାବାଦ, ଭୋପାଳ, ପୁନେ, ବାନ୍ଧବଗଡ଼, ସହିତ ସଡ଼କ ମାର୍ଗଦ୍ୱାରା ଜବଲପୁର ଯୋଡ଼ି ହୋଇ ରହିଛି ।

## ମାଟି ହାଣ୍ଡି ଦହି ମାଂସ

**ଆବଶ୍ୟକ ସାମଗ୍ରୀ:** ଖାସି ମାଂସ, ଲେମ୍ବୁ, ଲୁଣ, ଡାଲଚିନ, ଲବଙ୍ଗ, ବଡ଼ ଅଳେଇଚ, ଗୁଜୁରାତି, ତେଜପତ୍ର, ହେଙ୍ଗୁ, କଟା ପିଆଜ, ଅଦାରସୁଣ କଞ୍ଚାଲଙ୍କା ବଟା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପାନମହୁରୀ ଓ ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଖାସି ମାଂସରେ ଲେମ୍ବୁରସ ଓ ଲୁଣ ପକାଇ ଭଲଭାବରେ ଗୋଳାଇ ରଖନ୍ତୁ । ପରେ ମାଟି ହାଣ୍ଡିରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ତେଜପତ୍ର, ଡାଲଚିନ, ଲବଙ୍ଗ, ବଡ଼ ଅଳେଇଚ, ଗୁଜୁରାତି ଓ ଅଳ୍ପ ହେଙ୍ଗୁ ପକାନ୍ତୁ । ପରେ ସେଥିରେ ମ୍ୟାରିନେଟ ମାସଂ ପକାଇ ଅଳ୍ପ ସମୟ ପାଇଁ ଫ୍ରାଏ କରନ୍ତୁ ।



ଫ୍ରାଏ ହୋଇଗଲା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ମାଟି ହାଣ୍ଡିରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ନାଲି ହୋଇଗଲେ ସେଥିରେ ଅଦାରସୁଣ, କଞ୍ଚାଲଙ୍କା ବଟା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭାବରେ କଷନ୍ତୁ । ମସଲା କଷି ହୋଇଯିବା ପରେ ଛଣା ଖାସି ମାଂସକୁ ସେଥିରେ ପକାନ୍ତୁ । ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଘୋଡଣୀ ଘୋଡ଼ାଇ ଦିଅନ୍ତୁ । ପରେ ଗୁଜୁରାତି, ବଡ଼ ଅଳେଇଚ, ଗୋଲମରିଚ, ଲବଙ୍ଗ, ଶୁଖିଲା ଲଙ୍କା ଓ ପାନମହୁରୀରେ ପେଷ୍ଟ କରନ୍ତୁ । ସେଥିରେ କିଛି ଦହି ମିଶ୍ରଣ କରନ୍ତୁ । ମାଂସ ଅଳ୍ପ ସିଝିଲା ପରେ ଏହି ମିଶ୍ରଣକୁ ସେଥିରେ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ । ୧୫ରୁ ୨୦ ମିନିଟ୍ ପାଇଁ ଘୋଡ଼ଣୀ ଘୋଡ଼ାଇ ରଖନ୍ତୁ । ପରେ ତା' ଉପରେ ଧନିଆ ପତ୍ର ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମାଟି ହାଣ୍ଡି ଦହି ମାଂସ ।

## ସ୍ୱାସ୍ଥ୍ୟ ପାଇଁ ବାସ୍ତୁ

**ମଣିଷ ପାଇଁ ଧନସମ୍ପଦ ଯେମିତି ମୂଲ୍ୟବାନ ସ୍ୱାସ୍ଥ୍ୟ ବି ସେମିତି ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଲେ ଯେତେ ଧନସମ୍ପଦ ରୋଜଗାର କଲେ କ'ଣ ହେବ । ସେଥିପାଇଁ ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଜାଣିଲେ ବି ଅଧିକାଂଶ ଲୋକ କିନ୍ତୁ ଏହାକୁ ଖାମଖିଆଲ ଭାବରେ ନେଇଥାନ୍ତି । ରୋଗ ହେଲେ ଡାକ୍ତର ଦେଖାଇବାର ମାନସିକତା ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ କରାଇ ପାରୁନାହିଁ । ଏଣୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ଏଣୁ ବାସ୍ତୁଶାସ୍ତ୍ରରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଲେ ହୁଏତ କିଛି ଅସୁବିଧା ଦେଖାଦେଇ ନପାରେ ।**

□ ଉତ୍ତମ ନିଦ ପାଇଁ ଦକ୍ଷିଣମୁହାଁ ହୋଇ ଶୋଇବା ଆବଶ୍ୟକ ।

□ ଘରର ମଧ୍ୟଭାଗ ବା ବଙ୍ଗଳାରେ ଏତେ ଆସବାବପତ୍ର ରଖନ୍ତୁ ନାହିଁ ଯେ ମୁକ୍ତବାୟୁ ଚଳାଚଳରେ ଯେମିତି ବାଧାପ୍ରାପ୍ତ ହେବ । ଘରେ ମୁକ୍ତବାୟୁ ଚଳାଚଳ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବ ।

□ ରୋଷେଇଘର ଓ ପାଇଖାନାର ଦ୍ୱାର ମୁହାଁମୁହିଁ ହେବା ଉଚିତ ନୁହେଁ । ଯଦି ଏପରି ରହିଛି ତା' ହେଲେ ଯେକୌଣସି ଦ୍ୱାରକୁ ସବୁବେଳେ ବନ୍ଦ ରଖିବା ଦରକାର ।

□ ଯଦି କେହି ଘରେ ଅସୁସ୍ଥ ଅଛନ୍ତି, ଦୀପଟିଏ ଜଳାଇ ରଖନ୍ତୁ, ତା' ହେଲେ ସେ ଶୀଘ୍ର ସୁସ୍ଥ ହୋଇଯିବେ ।

□ ଘର ଭିତରେ ଯେତେବେଳେ ପାଣି ପିଉଛନ୍ତି, ତା' ହେଲେ ଉତ୍ତର-ପୂର୍ବ ମୁହାଁ ହୋଇ ପାଣି ପୁଅନ୍ତୁ । ସ୍ୱାସ୍ଥ୍ୟ ଭଲ ରହିବ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁ ମାଆର ସ୍ୱର ଶୁଣିଲେ, ତା'ର ମସ୍ତିଷ୍କର ବିଭିନ୍ନ ଅଂଶ ସକ୍ରିୟ ହୁଏ । ସାତରୁ ବାର ମାସ ବୟସ୍କ ଚବିଶ ଜଣ ଶିଶୁଙ୍କ ମସ୍ତିଷ୍କର ସ୍କାନିଂରୁ ଏହା ଜଣାପଡ଼ିଛି । ଶିଶୁ, ନିଜ ମାଆର ସ୍ୱର ଏବଂ ଅନ୍ୟ ମହିଳାଙ୍କ ସ୍ୱର ଭିତରେ ଥିବା ଫରକ ଧରିପାରେ । ସ୍ୱାଭାବିକ ଭାବେ ଶିଶୁ, ନିଜ ମାଆର ସ୍ୱର ବାରିପାରିବାର ସଂଭାବନା ପ୍ରାୟ ଅଠାନବେ ପ୍ରତିଶତ । ତେଣୁ, ମାଆର ସ୍ୱର ସହ ଶିଶୁର ମସ୍ତିଷ୍କର ବିକାଶ ଗଭୀର ଭାବେ ସଂପର୍କିତ । ଯେଉଁ ମାଆମାନେ କୁନି ଶିଶୁ ସହ କଥାବାର୍ତ୍ତା ହୁଅନ୍ତି ନାହିଁ, ସେହି ଶିଶୁ ଭବିଷ୍ୟତ୍‌ରେ ଅଟିଜିମ୍ ଭଳି ବିକାରର ଶିକାର ହେବାର ଆଶଙ୍କା ଅଧିକ । ମାଆର ସ୍ୱର ହିଁ ଶିଶୁର ସାମାଜିକ ସଂଯୋଗକୁ ପ୍ରଭାବିତ କରିଥାଏ । ମାଆ ସ୍ୱର ଶିଶୁବାରୁ ବଞ୍ଚିତ ଶିଶୁ ପରବର୍ତ୍ତୀ କାଳରେ ସ୍ୱାଭାବିକ ଭାବେ ଭାବ-ବିନିମୟ କରିପାରିନ୍ତି ନାହିଁ । 'ଷ୍ଟାନ୍‌ଫୋର୍ଡ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ୍'ର ଗବେଷକମାନେ ଏ ବାବଦରେ ଅଧିକ ଜାଣିବା ପାଇଁ ଗବେଷଣା ଜାରିରଖିଛନ୍ତି ।

## ପ୍ରଥମ ସ୍ତନ୍ୟପାୟୀ କ୍ଲୋନ୍ 'ଡଲି'

୧୯୯୬ ଜୁଲାଇ ୫ ତାରିଖରେ ଜନ୍ମ ନେଇଥିଲା ମାଇ ମେଣ୍ଢା ଡଲି । ସ୍କଟ୍‌ଲାଣ୍ଡର ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନୀ କିଥ୍ କ୍ୟାମ୍ପବେଲ୍ ଓ ଆୟାନ୍ ୱିଲ୍‌ମୁଟ୍ ପ୍ରଥମ ଥର ପାଇଁ ଦୁଇଟି ଭିନ୍ନ ମାଆଙ୍କ ଠାରୁ ଡିମ୍ବାଣୁ ଓ ଡିଏନ୍‌ଏ ଆଣି ତୃତୀୟ ମାଆର ଗର୍ଭଶୟରେ ଭ୍ରୂଣ ରୂପେ ସ୍ଥାପନ କରିବାରେ ସକ୍ଷମ ହୋଇଥିଲେ । ଏକ ପ୍ରାପ୍ତ ବୟସ୍କ ମେଣ୍ଢାର ଅଣ-ପ୍ରଜନନକ୍ଷମ କୋଷରୁ ନ୍ୟୁକ୍ଲିୟସ୍‌କୁ ଆଣୁ ଅନ୍ୟ ଏକ ମେଣ୍ଢା ଡିମ୍ବାଣୁର ନ୍ୟୁକ୍ଲିୟସ୍ ସ୍ଥାନରେ ସ୍ଥାପନ କରି ଏକ ହାଇବ୍ରିଡ୍ କୋଷ ପ୍ରସ୍ତୁତ କରାଯାଇଥିଲା । ଏକ ସୁନିୟନ୍ତ୍ରିତ ଇଲେକ୍ଟ୍ରିକ୍ ସକ୍ ମାଧ୍ୟମରେ ଏହି କୋଷ ବିଭାଜନକୁ ଆରମ୍ଭ କରାଯାଇ ଅନ୍ୟ ମେଣ୍ଢାର ଗର୍ଭାଶୟରେ ରଖାଯିବା ପରେ ଡଲିର ଜନ୍ମ ହୋଇଥିଲା । ଏହା ଜୀବ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଯୋଜନା ପରେ ଯୋଜନା ବିକାଶ କିନ୍ତୁ ଦୂର...

ଆମ ଦେଶ ସ୍ୱାଧୀନତା ପ୍ରାପ୍ତିର ସାତ ଦଶନ୍ଧିରୁ ଅଧିକ କାଳ ଅତିକ୍ରାନ୍ତ ହେବାପରେ ସୁଦ୍ଧା ଯୋଜନା-ପରିଯୋଜନା ନେଇ ପରୀକ୍ଷାର ପ୍ରକ୍ରିୟା ଅବ୍ୟାହତ ରହିଛି । କୌଣସି ଦେଶ କ୍ଷେତ୍ରରେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କୁହାଯାଇପାରିବ । ବ୍ରିଟିଶ ଅମଳରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଯେଉଁ ଉପନିବେଶବାଦୀ ଶାସନ ଥିଲା, ତାହାର ପ୍ରଭାବରେ ଯେଉଁଭଳି ପ୍ରତିକୂଳ ସ୍ଥିତି ଦେଇ ଗତି କରିବାକୁ ହେଉଥିଲା, ତାହାର ଅନ୍ତ ଘଟିଲା । ଆମେ ଦେଶବାସୀ ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ ନିଜ ହାତକୁ ଶାସନ ଡୋର ଆଣିବା ପରେ ଅନେକାନେକ ଶିକ୍ଷା ଓ ଶୃଙ୍ଖଳାକୁ ନିଜ ମୁଣ୍ଡ ଉପରକୁ ନେଲୁ । ସ୍ୱାଧୀନତା ସଂଗ୍ରାମକାଳୀନ ତ୍ୟାଗ ଓ ବଳିଦାନ ରାଷ୍ଟ୍ର ଗଠନର ଥିଲା ଆଧାରଶୀଳା । ସଂସଦୀୟ ଗଣତନ୍ତ୍ରକୁ ଆପଣାଇଲୁ, ପଞ୍ଚବାର୍ଷିକ ଯୋଜନା କରି ବିଭିନ୍ନ ସମୟରେ ପ୍ରାଥମିକତା ଆଧାରରେ ଦେଶକୁ ପରିଚାଳିତ କରିବା ସକାଶେ ନକ୍ସା ଅଙ୍କନ ମଧ୍ୟ ହେଲା । କେଉଁ ଯୋଜନାରେ କୃଷି ତ ଆଉ କେଉଁ ଥର ସ୍ୱାସ୍ଥ୍ୟ, କେଉଁ ଥର ଶିକ୍ଷ ତ' ଆଉ କେଉଁ ଥର ଜଳସେଚନ । ପ୍ରତି ଥର ରାଷ୍ଟ୍ରୀୟ ବିକାଶର ଧାରାକୁ ଅଗ୍ରସର କରିବା ପାଇଁ କରାଯାଇଥିବା ଯୋଜନାରେ କେତେ କ'ଣ ଅଗ୍ରଗତି ହେଲା, ତାହାର ବସ୍ତୁନିଷ୍ଠ ସମୀକ୍ଷା ପାଇଁ ଯେମିତି ଓ ଯେତିକି ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯିବା କଥା, ତାହା ଯେଉଁ କାରଣରୁ ହେଉ ପଛେ ସମ୍ଭବ ହୋଇପାରିଲା ନାହିଁ । ଏଥିପାଇଁ କିଏ ଦାୟୀ, କାହା ଉପରେ ଦୋଷ ଲଦାଯିବ, ତାହାର ବିଚାର ପାଇଁ କ୍ଷେତ୍ର ଅଲଗା। ମାତ୍ର ଏତିକି ମାନିବାକୁ ହେବ କି, ଯଦି ଠିକ୍ ସମୟରେ ପ୍ରାଥମିକତା ଆଧାରରେ କାର୍ଯ୍ୟ ହୋଇଥାନ୍ତା, ହୁଏତ ଆମ ଦେଶର ସ୍ଥିତି ଅଧିକ ଉନ୍ନତି ହୋଇଥାନ୍ତା । ପୂର୍ବ ଅବତାରରେ ବମାନର ନୀତି ଆୟୋଗ ଥିଲା ଯୋଜନା କମିଶନ । ସେଥିରେ ସମୟାନ୍ତରରେ ସରକାର ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷାପୂର୍ବକ ଭବିଷ୍ୟତ ପାଇଁ ନୀତି ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ରହିଛି । କେଉଁ ବିଭାଗର କାର୍ଯ୍ୟଧାରା ସନ୍ତୋଷଜନକ, କେଉଁଠି ଯୋଜନା ମୁତାବକ ଆଶାଜନକ କାର୍ଯ୍ୟ ହୋଇପାରିନାହିଁ, ତାହା ଉପରେ ଟିପ୍ପଣୀ ଦେଇ ଯୋଜନା କମିଶନ ସଂଶୋଧନୀ ପରାମର୍ଶ ଦେବାର ଦୃଷ୍ଟାନ୍ତ ରହିଛି । ତାହାକୁ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ଅନୁସରଣ କରି ପରିଚାଳିତ ହେବାର ପ୍ରଥମେ ପ୍ରଥମେ ଯେମିତି ଦେଖାଯାଉଥିଲା, ତାହା ପରବର୍ତ୍ତୀ ସମୟରେ ଅନୁପାଳିତ ହେଲାନାହିଁ । ନୀତି ଆୟୋଗ । ଏହା ଭିତରେ ରାଜ୍ୟଗୁଡ଼ିକର ପ୍ରଗତିର ଏକ ସାରଣୀ ପ୍ରସ୍ତୁତ କରି ଦର୍ଶାଇ ଆସିଛନ୍ତି, କେଉଁ ରାଜ୍ୟ ତାଲିକାର କେଉଁ ସ୍ଥାନରେ । ନିକଟରେ ନୀତି ଆୟୋଗି ଜୀବନଧାରଣର ମାନ ନେଇ ଯେଉଁ ମତାମତ ରଖୁଛନ୍ତି, ସେଥିରେ ଯେଉଁ ତଥ୍ୟ ଦିଆଯାଇଛି, କୁହାଯାଇଛି ଯେ ଓଡ଼ିଶା ପ୍ରତି ତିନିଜଣରେ ଜଣେ ହେଉଛନ୍ତି ଗରିବ । ଦାରିଦ୍ର୍ୟର ମାପ ପାଇଁ ଆୟୋଗ ଯେଉଁ ଆଧାର ଗ୍ରହଣ କରିଛନ୍ତି, ସେଥିରେ ପୂର୍ବ ପରିଭାଷାକୁ ବଦଳାଇ ଦିଆଯାଇଛି । ଗୁଡ଼ାଏ ଯୋଜନା କରାଯାଇଥିଲେ ସୁଦ୍ଧା ଦାରିଦ୍ର୍ୟ ହଟିନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି । ଆମର ୩୦ଟି ମଧ୍ୟରୁ ୧୬ଟି ଜିଲ୍ଲାରେ ଜାତୀୟ ହାରଠାରୁ ସ୍ଥିତି ଖରାପ ବୋଲି କୁହାଯାଇଥିବା ଆୟୋଗ ରିପୋର୍ଟ ସୂଚାଇଛି ଯେ, ନବରଙ୍ଗପୁରରେ ଦାରିଦ୍ର୍ୟ ହାର ସବୁଠାରୁ ଉତ୍କଟ ଏବଂ ପୁରୀରେ ତାହା ସର୍ବନିମ୍ନ । ଜାତୀୟ ହାର ତାଲିକାରେ ବିହାର ହେଉଛି ଦାରିଦ୍ର୍ୟରେ ତାଲିକାର ସବା ଉପରେ । ଆମ ରାଜ୍ୟ ସେହି ତାଲିକାରେ ରହିଛି ନବମରେ । କିଛି ବର୍ଷ ତଳେ ଆମ ରାଜ୍ୟର ଦାରିଦ୍ର୍ୟ ହାର ୩୨.୫୯% ଥିଲା, ତାହା ୧୪ଟି ବଡ଼ ରାଜ୍ୟ ଭିତରେ ଥିଲା ଦ୍ୱିତୀୟରେ, ହେଲେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ତାଲିକାରେ ଏବେ ଓଡ଼ିଶା ନବମ ସ୍ଥାନକୁ ଚାଲି ଆସିଥିବାର ଜଣାଯାଇଛି। ସାମଗ୍ରିକ ଭାବରେ ଦେଖାଗଲେ ଜାତୀୟ ମାନଚିତ୍ରରେ ଅଧିକାଂଶ ରାଜ୍ୟରେ ଦାରିଦ୍ର୍ୟ ଉନ୍ମଳନ କାର୍ଯ୍ୟକ୍ରମକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଗ୍ରାଧିକାର ଦେଇ କାର୍ଯ୍ୟକାରୀ କରୁଛନ୍ତି । ତାହାର ଫଳ କିଭଳି ପ୍ରକଟିତ ହେଉଛି, ତାହା ଭିନ୍ନ କଥା। ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ବିଭିନ୍ନ ଦିଗର ସମୀକ୍ଷା କରି ଆୟୋଗର କଥିତ ରିପୋର୍ଟରେ କେଉଁଠି ଦୁର୍ବଳତା ରହିଛି, ତାହା ମଧ୍ୟ ଦର୍ଶାଯାଇଛି । ବିଦ୍ୟୁତ୍ ବ୍ୟବହାରଠାରୁ ଆରମ୍ଭ କରି ଲୋକସଂଖ୍ୟା ଆଧାରରେ ଇନ୍ଧନ ବ୍ୟବହାର, ଚିକିତ୍ସା ସୁବିଧାର ଉପଲବ୍ଧତା ପର୍ଯ୍ୟନ୍ତ ବିଭିନ୍ନ ମାପକାଠି ବ୍ୟବହାର କରାଯାଇଛି । ଜାତୀୟ ହାରରେ ଆମ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲା ଏପର୍ଯ୍ୟନ୍ତ ବିକାଶ ହାରରେ ସନ୍ତୋଷ ବିନ୍ଦୁ ଛୁଇଁପାରିଛି ବୋଲି କୁହାଯାଇପାରିବ ନାହିଁ । ନୀତି ଆୟୋଗର କଥିତ ରିପୋର୍ଟ ଯଦି ବିକାଶର ପ୍ରମାଣ ହୋଇଥାଏ । ତେବେ ଆମ ସରକାରଙ୍କୁ ଅବଶ୍ୟ ଗୁରୁତ୍ୱ ସହକାରେ ତାହାକୁ ଗ୍ରହଣ କରିବାକୁ ପଡ଼ିବ । ପ୍ରଗତି ନେଇ ଯାହା କୁହାଯାଉଛି କିମ୍ବା କରାଯାଉଛି, ସେ ନେଇ ଆକ୍ଷେପ-ପ୍ରତିଆକ୍ଷେପରୁ ଦୂରରେ ରହି ବୃହତ୍ତର ରଜ୍ୟ ସ୍ୱାର୍ଥ ନେଇ ଗଭୀର ଆତ୍ମଚିନ୍ତନ ସହ ପରିଚାଳିତ ହେବାର ସମୟ ଆସିଛି । ଦେଶ ତଥା ରାଜ୍ୟବାସୀଙ୍କ ଜୀବନଧାରଣର ମାନରେ ଉନ୍ନତି ସମସ୍ତଙ୍କ ପାଇଁ ବିଶେଷ ଅଗ୍ରାଧିକାରର ପ୍ରସଙ୍ଗ ହେବା ଉଚିତ୍ ।

# ବିବାଦୀୟ ସୀମାରେ ଭୁଟାନ-ଚୀନ୍



ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ ଘଟିଥିବା ଭୁଟାନ-ଚୀନ୍ ସୀମା ବିବାଦ ଉପରେ ହୋଇଥିବା କଥାବାର୍ତ୍ତା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ କି ଏକ ନୂଆ କଥା ନୁହେଁ । ଗତ ସାଢ଼େ ତିନି ଦଶନ୍ଧି ଧରି ଚୀନ୍ ଭୁଟାନ ସହିତ କ୍ରମାଗତ ଭାବରେ ଏହି ବିବାଦର ସମାଧାନ ପାଇଁ ଚେଷ୍ଟା କରିଆସିଛି । ବାସ୍ତବରେ ଚୀନ୍?ର ଏଭଳି ଉତ୍ସାହର ଏକ କାରଣ ଅଛି । ଗତ ବର୍ଷ ଅର୍ଥାତ୍ ୨୦୨୦ ମଧ୍ୟ ଭାଗରେ, ଯେତେବେଳେ ଭାରତ-ଚୀନ୍ ସୀମା ବିବାଦ ଶିଖରରେ ପହଞ୍ଚିଥିଲା ଏବଂ ଯୁଦ୍ଧ ଆଶଙ୍କାରେ ଭୟ ଆହୁରି ବଢ଼ିବାକୁ ଲାଗିଲା, ସେହି ସମୟରେ ଚୀନ୍ ଭୁଟାନର ସାକଟେଙ୍ଗ୍ ଅଞ୍ଚଳକୁ ଚୀନ୍ ଅଞ୍ଚଳ ବୋଲି ଦାବି କରି ଏକ ନୂତନ ବିବାଦ ଆରମ୍ଭ କଲା । ଚୀନ୍ ମଧ୍ୟ ଡୋକଲାମ ନିକଟରେ ଗ୍ରାମ ସ୍ଥାପନ ଆରମ୍ଭ କରିଥିଲା । ଯେତେବେଳେ କି ଚାଇନାର ଡୋକଲାମ ପାର୍ଶ୍ୱରେ କୌଣସି ଆବାସିକ କ୍ଷେତ୍ର ନଥିଲା । ଭାରତ ଅରୁଣାଚଳ ପ୍ରଦେଶର ୟାଙ୍ଗ ଠାରୁ ସାଗ ପର୍ଯ୍ୟନ୍ତ ଏକ ନେଟୱାର୍କ ସ୍ଥାପନ କରୁଛି । ଏହାଦ୍ୱାରା ତାୱାଙ୍ଗ ଏବଂ ଗୁଆହାଟିର ଦୂରତା ପ୍ରାୟ ୧୫୦ କିଲୋମିଟର ହ୍ରାସ ପାଇବ । ତା'ପରେ ଡୋକଲାମରେ ଭାରତୀୟ ସେନା ତିନି ପାର୍ଶ୍ୱରୁ ଚୀନ୍?କୁ ଚ୍ୟାଲେଞ୍ଜ କରିବାରେ ସକ୍ଷମ ହୋଇଥିଲା ।

ଏଥିରେ ବିବ୍ରତ ହୋଇ ଚୀନ୍ ଭୁଟାନ ସହ ସୀମା ବିବାଦର ସମାଧାନ କରିବାକୁ ଚେଷ୍ଟା କରିଛି । ଭୁଟାନ-ଚୀନ୍ ଆଲୋଚନାର ପ୍ରତ୍ୟକ୍ଷ ସମ୍ପର୍କ ସିକ୍କିମ୍ ସହିତ ଜଡିତ । ସିକ୍କିମ ଅଞ୍ଚଳରେ ସମ୍ବେଦନଶୀଳ ସ୍ଥାନରେ ଭାରତୀୟ ସେନା ନିୟୋଜିତ ହୋଇସାରିଛି । କୌଣସି ନୂତନ ପରିବର୍ତ୍ତନ ନାହିଁ । ଡୋକଲାମର ଏକ ଅଂଶ ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ର । ଏହା ତିବ୍ବତ ଏବଂ ଚୁମ୍ବୀ ଉପତ୍ୟକାର ଏକ ଅଂଶ । ଗତ ସାତ ଦଶନ୍ଧି ଧରି ଚୀନ୍ ଏହି ଉପତ୍ୟକା ଅଞ୍ଚଳର ଇତିହାସର ଭୁଲ ଯୁକ୍ତି ସହିତ ଏହାର ଅଂଶ ବୋଲି ଦାବି କରିଆସୁଛି । ବାସ୍ତବରେ, ଏହି ଅଞ୍ଚଳ ଭୁଟାନର ଅଞ୍ଚଳ ଅଟେ, ଯାହାକୁ ଚୀନ୍ ଅନେକ ସମୟରେ ଦାବି କରି ଆସୁଛି । ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଅନ୍ୟ ଦେଶ ସହିତ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର, ଏହି ଘାଟି ଠାରୁ ମାତ୍ର ପଚାଶ କିଲୋମିଟର ଦୂର । ଭାରତର ରଣନୈତିକ ସ୍ୱାର୍ଥ ସହିତ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଏହି କ୍ଷେତ୍ର ମଧ୍ୟ ଅତ୍ୟନ୍ତ ସମ୍ବେଦନଶୀଳ । ବାସ୍ତବରେ ଏହି ଉପତ୍ୟକା ତିବ୍ବତ, ଭୁଟାନ ଏବଂ ଭାରତର ସୀମାରେ ଅବସ୍ଥିତ । ଭାରତ ଏବଂ ଚୀନ୍ ମଧ୍ୟରେ ନାଥୁ-ଲା ପାସ୍ ଏବଂ ଜୟଲାନ୍ ପାସ୍ ଏଠାରେ ଖୋଲା ଅଛି । ଏହି ସଂକୀର୍ଣ୍ଣ ବେଲ୍ଟରେ ସାମରିକ କାର୍ଯ୍ୟକଳାପ ଅତ୍ୟନ୍ତ କଷ୍ଟକର । ଏହାକୁ ଚିକେନ୍ ବେକ ମଧ୍ୟ କୁହାଯାଏ । ଡିକ୍ଲାମ ହେଉଛି ସିକ୍କିମ ନିକଟରେ ଏହି ଅଞ୍ଚଳ, ଯାହାକୁ ଚୀନ୍ ଡୋଙ୍ଗଲାଙ୍ଗ ନାମ ଦେଇଛି ।

ଭୁଟାନ ଏବଂ ଚୀନ୍ ମଧ୍ୟରେ ବିବାଦ ଏହି ଅଞ୍ଚଳ ଉପରେ ରହିଛି । ଏହା ସମ୍ପୂର୍ଣ୍ଣ ଭାବେ ସତ୍ୟ ଯେ ଭାରତ-ଭୁଟାନ ସମ୍ପର୍କର ନିଜସ୍ୱ ବିଶେଷ ମହତ୍ତ୍ୱ ରହିଛି । ୧୯୪୭ ରୁ ୨୦୦୭ ପର୍ଯ୍ୟନ୍ତ ଦୁଇ ଦେଶ ଏକ ପଚାଶ ବର୍ଷର ବନ୍ଧୁତା ଦ୍ୱାରା ବନ୍ଧା ହୋଇଥିଲେ । ଏହା ପରେ ମଧ୍ୟ ପୁରୁଣା ବ୍ୟବସ୍ଥାର ରକ୍ଷଣାବେକ୍ଷଣ କରାଯାଇଥିଲା । ଭୁଟାନରେ ପ୍ରତିରକ୍ଷା ଏବଂ ବୈଦେଶିକ ନୀତିର ପ୍ରକ୍ରିୟା ଭାରତୀୟ ସାହାଯ୍ୟରେ ସ୍ଥିର ହୋଇଛି । ଏହା ଜଣାପଡ଼ିଛି ଯେ ଚୀନ୍ ଏବଂ ଭୁଟାନ ମଧ୍ୟରେ କୌଣସି କୂଟନୈତିକ ସମ୍ପର୍କ ନାହିଁ । କୂଟନୈତିକ ସମ୍ପର୍କ ଗଢିବା ପାଇଁ ଚୀନ୍ ଭୁଟାନ ଉପରେ ଚାପ ଜାରି ରଖିଛି । କିନ୍ତୁ ଏପର୍ଯ୍ୟନ୍ତ ସେ ଏଥିରେ ସଫଳ ହୋଇନାହିଁ । ଉଲ୍ଲେଖନୀୟ କଥା ହେଉଛି, ଭୁଟାନ ସହିତ ସମ୍ପର୍କକୁ ନେଇ ଭାରତର ନୀତି ପୂର୍ବରୁ ସ୍ପଷ୍ଟ ହୋଇଛି । ଚୀନ୍?ର ଡେଙ୍ଗ ଜିଆଓପିଙ୍ଗ ଭଳି ଚିନ୍ତାଧାରାର ନୀତି ଅତିକ୍ରମ କରି ଭାରତ ସରକାର କେବଳ ଜାତୀୟ ସ୍ୱାର୍ଥ ରଖିଛନ୍ତି । ଏହା ଅଧୀନରେ ଭାରତ କେବଳ ହିମାଳୟର ଉପକୂଳବର୍ତ୍ତୀ ଦେଶମାନଙ୍କରେ ଏହାର ସୁରକ୍ଷାକୁ ବଢାଇ ଦେଇନାହିଁ, ବରଂ ଚୀନ୍ ସହିତ ଅର୍ଥନୈତିକ ସମ୍ପର୍କକୁ ନୂତନ ଉଚ୍ଚତାକୁ ନେବା ଆରମ୍ଭ କରିଛି । ସତୁରି- ଅଶୀ ଦଶକରେ ଡେଙ୍ଗ ଚାଇନାରେ ବୈଦେଶିକ ବାଣିଜ୍ୟ କରିଥିଲେ । ନୀତି କଳ୍ପନାରୁ ମୁକ୍ତ ହୋଇ ଜାତୀୟ ସ୍ୱାର୍ଥକୁ ଆଣିଥିଲା, ଭାରତ ଏହି ଉପାୟ ଅବଲମ୍ବନ କରିଛି ।

ଗତ କିଛି ବର୍ଷ ମଧ୍ୟରେ ଭୁଟାନ ଏବଂ ନେପାଳ ଭଳି ହିମାଳୟ ଦେଶରେ ନୂତନ ଭାବ ପ୍ରକ୍ରିୟା ନୀତି ଆରମ୍ଭ ହେବା ସହିତ ଭାରତ ବୈଦେଶିକ ନୀତିରେ ଏକ ନୂତନ ଦିଗ ଦେଇଛି । ଭାରତ ସମ୍ବନ୍ଧରେ ଚୀନ୍?ର ସମଗ୍ର ରଣନୀତିର କେନ୍ଦ୍ର ହୋଇ ରହିଛି । ମାଓ ଜେଡୋଙ୍ଗ କହିଛନ୍ତି ଯେ ତିବ୍ବତ ଚୀନ୍ ପାଇଁ ଏକ ଉତ୍ତମ ଶୃଙ୍ଖଳା ଭାବରେ କାର୍ଯ୍ୟ କରୁଛି । ଏହାକୁ ଦୃଷ୍ଟିରେ ରଖି ଚୀନ୍ ନିଜର ବୈଦେଶିକ କୂଟନୀତି ଏବଂ ସୁରକ୍ଷା ନୀତି ପ୍ରସ୍ତୁତ କରୁଛି । ଚୀନ୍-ଭୁଟାନ ସୀମା ବିବାଦକୁ ନେଇ ଚୀନ୍?ର କ୍ରୋଧ କିଛି ସମୟ ପାଇଁ ବୃଦ୍ଧି ପାଇଛି । ୧୯୯୮ ର ଚୁକ୍ତିନାମା ଅନୁଯାୟୀ ଚୀନ୍ ସ୍ୱୀକାର କରିଛି ଯେ ସେଠାରେ ସଡ଼କ ରାସ୍ତା ନିର୍ମାଣ କରିବ ନାହିଁ କିମ୍ବା ବିବାଦୀୟ ଅଞ୍ଚଳରେ କୌଣସି ପ୍ରକାରେ ହସ୍ତକ୍ଷେପ କରିବ ନାହିଁ । କିନ୍ତୁ ଚୀନ୍ ଜୁନ୍ ୨୦୧୭ ରେ, ସେହି ଚୁକ୍ତି ଭାଙ୍ଗି ରାସ୍ତା ନିର୍ମାଣ ଆରମ୍ଭ କଲା । ସିକ୍କିମର ସେହି ଅଞ୍ଚଳରେ ଭାରତୀୟ ସୈନ୍ୟ ମୁତୟନ ହୋଇଛନ୍ତି ଯେଉଁଠାରେ ଭୁଟାନ, ସିକ୍କିମ ଏବଂ ତିବ୍ବତ ଚୀନ୍?ର ଏଭଳି କାର୍ଯ୍ୟ ପନ୍ଥା ଉପରେ ନଜର ରଖିବା ପାଇଁ ସାଧାରଣ ଅଞ୍ଚଳ ବାଣ୍ଟିଛନ୍ତି । ଭାରତ ସହ ସୀମା ବିବାଦକୁ ନେଇ ଚୀନ୍ର ରଣନୀତିରେ ଏକ ମୌଳିକ ପରିବର୍ତ୍ତନ ଆସିଛି । ଚୀନ୍ ଅତି ଚତୁରତାର ସହ ସୀମା ବିବାଦକୁ ତା'ର ରଣନୈତିକ ବିସ୍ତାରର ଅସ୍ତ୍ର ଭାବରେ ବ୍ୟବହାର କରିଛି । ସୀମା ବିବାଦର ସମାଧାନ ପାଇଁ ୧୯୮୬ ମସିହାରୁ ଭାରତ ଏବଂ ଚୀନ୍ ମଧ୍ୟରେ ଉଦ୍ୟମ ଚାଲିଛି । ଯଦି ଚୀନ୍ ଜାମ୍ମୁ କାଶ୍ମୀରକୁ ଏକ ବିବାଦୀୟ ଅଞ୍ଚଳ ବୋଲି କହିଥାଏ, ତେବେ ଏହାର କାରଣ କେବଳ ପାକିସ୍ତାନକୁ ଖୁସି କରିବା ନୁହେଁ, ବରଂ ଚୀନ୍ ଏହି କ୍ଷେତ୍ରରେ ନିଜର ପ୍ରବେଶ କରି ଭାରତୀୟ ସୁରକ୍ଷାକୁ ସବୁ ପ୍ରକାର ଦୁର୍ବଳ କରିବାକୁ ଚେଷ୍ଟା କରୁଛି । ସୂଚନାଯୋଗ୍ୟ ଯେ ଆକସାଇ ଚିନ୍?ରେ ରାସ୍ତା ନିର୍ମାଣ ହେତୁ ଚୀନ୍ ୧୯୬୦-୬୨ ମଧ୍ୟରେ ସୀମା ବିବାଦ ସୃଷ୍ଟି କରିଥିଲା । ଏହି ମାର୍ଗ ତାଙ୍କୁ ଲୋପ୍ନୋରରେ ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷା ସ୍ଥାନକୁ ପ୍ରବେଶ କରିଥାଏ ।

ବାସ୍ତବରେ ଏଠାରୁ ଚୀନ୍ ପାକିସ୍ତାନ ଅଧିକୃତ କାଶ୍ମୀର ଦେଇ ଗ୍ୱାଦର ବନ୍ଦରରେ ପହଞ୍ଚିପାରିବ । କେବଳ ଏତିକି ନୁହେଁ ଚୀନ୍ର ଆଖି ମଧ୍ୟ ଭାରତ ମହାସାଗରରେ ରହିଛି । ଚୀନ୍ ବିଶ୍ୱର ବିଭିନ୍ନ ସ୍ଥାନରେ ତା'ର ନଅଟି ସାମରିକ ଶକ୍ତି ବିସ୍ତାର କରୁଛି । ଏହା ବ୍ୟତୀତ ହିମାଳୟର ପାଦଦେଶରେ ବସବାସ କରୁଥିବା ଦେଶ ମଧ୍ୟରେ ସଡ଼କ ଏବଂ ରେଳ ସଂଯୋଗ ନିର୍ମାଣ ଚୀନ୍?ର ଏକ ପ୍ରକାର ଚତୁରତାର କୌଶଳ । ଚାଇନାର କାଶଗରକୁ ଏବଂ ପାକିସ୍ତାନର ରାଜଧାନୀ ଇସଲାମାବାଦକୁ ସଂଯୋଗ କରୁଥିବା କରାକୋରାମ ରାଜପଥର ଦୈର୍ଘ୍ୟ ତେର ଶହ କିଲୋମିଟର ଅଟେ । ଏହି ରାଜପଥକୁ 'ଫ୍ରେଣ୍ଡସିପ୍ ହାଇୱେ' ନାମରେ ରଖାଯାଇଛି । କିନ୍ତୁ ୧୯୬୨ ପରଠାରୁ ଅବସ୍ଥା ଆହୁରି ଖରାପ ହେବାର ଆଶଙ୍କା ରହିଛି, ଏହା ଜଣା ଯେ ୧୯୬୨ ମସିହା ସେପ୍ଟେମ୍ବରରେ ଚୀନ୍ ସେନା ଆକ୍ରମଣ କରିଥିଲା ? ଏବଂ ଭାରତୀୟ ସେନା ପ୍ରତ୍ୟାହାର କରିଥିଲା । ଚୀନ୍ ସେନା ପୂର୍ବ ସୀମା ମଧ୍ୟରେ, ପଶ୍ଚିମ ସୀମାରେ ଆସିଥିଲା, ଚୀନ୍ ପ୍ରାୟ ତେରଟି ଭାରତୀୟ ସାମରିକ ବେସକୁ କାବୁ କରି ନେଇଥିଲା ।

ତେଣୁ ଆଜିର ବିବାଦ ୧୯୬୨ ର ସ୍ମୃତି ସହିତ ମଧ୍ୟ ଜଡିତ । ପୂର୍ବ ଏବଂ ପଶ୍ଚିମ ସୀମାରେ ଏକ ନୂତନ ବିବାଦ ସୃଷ୍ଟି କରି ଚୀନ୍ ପୁନର୍ବାର ଭାରତକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରିଛି । ଚୀନ୍ ବାରମ୍ବାର ଏପରି ବିବାଦୀୟ ବିବୃତ୍ତି ଦେଇଛି ଯେ ଅରୁଣାଚଳ ପ୍ରଦେଶ ହେଉଛି ତିବ୍ବତର ଦକ୍ଷିଣ ଭାଗ । ମନେ ରଖିବାକୁ ହେବ ଯେ ଚୀନ୍ ର ନୀତି ଏବଂ ଆଗ୍ରହ ବିବାଦର ସମାଧାନ କରିବା ଅପେକ୍ଷା ଅଧିକ ଜଟିଳ କରୁଛି । ଚୀନ୍ ଦୀର୍ଘ ଦିନ ଧରି ଏପରି ଅପଚେଷ୍ଟା କରିଆସୁଛି । ସେ ଚାହୁଁଛି ଯେ ଭୁଟାନ ଜାକର୍ଲଙ୍ଗ ଏବଂ ପାସାଲୁଙ୍ଗର ଉତ୍ତର କେନ୍ଦ୍ରୀୟ ଅଞ୍ଚଳର ବିବାଦୀୟ ଅଞ୍ଚଳ ପ୍ରତିବଦଳରେ ଡୋକଲାମ ଗ୍ରହଣ କରନ୍ତୁ, ଭୁଟାନ ସହିତ ଏକ ସୀମା ଚୁକ୍ତି ହୋଇଛି । ଚୀନ୍ ଡୋକଲାମ ନେବାକୁ ଚାହୁଁଛି କାରଣ ଏହି କ୍ଷେତ୍ର ତିବ୍ବତକୁ ଭୁଟାନ ସହିତ ସଂଯୋଗ କରୁଛି । କାରଣ ଚୀନ୍ ପାଇଁ ଏହାର ଗୁରୁତ୍ୱ ମଧ୍ୟ ହେଉଛି, ଏଠାରୁ ପଚାଶ କିଲୋମିଟର ଦୂରରେ ଥିବା ଅଷ୍ଟ୍ରୋ ଉପତ୍ୟକା ଯାହାକି ଭାରତର ପୂର୍ବ ରାଜ୍ୟଗୁଡ଼ିକୁ ସଂଯୋଗ କରେ । ସେଥିପାଇଁ ୧୯୯୬ ମସିହାରୁ ଚୀନ୍ ଭୁଟାନ ସହିତ ଏହି ଚୁକ୍ତିରେ ନିୟୋଜିତ ଅଛି ।

ଅବଶ୍ୟ ଚୀନ୍ ର କୌଶଳ ହେଉଛି ଭୁଟାନକୁ ଧରି ଭାରତ ଉପରେ ଚାପ ପକାଇବା । ତଥାପି ଭାରତ ଓ ଭୁଟାନର ସ୍ୱତନ୍ତ୍ର ବନ୍ଧୁତାର ଚୁକ୍ତି ଆଜି ମଧ୍ୟ ଜୀବିତ ଅଛି । କିନ୍ତୁ ଚୀନ୍-ଭୁଟାନ ଆଲୋଚନାକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ନୁହେଁ । କାରଣ ବିଶ୍ୱାସରେ ବିଷ ଦେବା ଚୀନ୍ ର ପ୍ରବୃତ୍ତି । ସମୟ ହିଁ କହିବ ଏହାର ବାସ୍ତବ ଫଳାଫଳ..!!!

♥ ଅଧକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
(ମୋ)୯୦୪୦ ୧୫୧୪ ୭୫

# ସାଢ଼େ ଚାରିକୋଟି ଲୋକ ସଂଖ୍ୟା ବିଶିଷ୍ଟ ରାଜ୍ୟରେ ଦେଢ଼ କୋଟି ପାଖାପାଖି ଦାରିଦ୍ର୍ୟ ସୀମାରେଖା ତଳେ



ସୁବ୍ରତ କର

ଆମ ରାଜ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟାରେ ୯ମ ସ୍ଥାନ ଅଧିକାର କରିଛି ଏବଂ ପ୍ରାୟ ପ୍ରାୟ ଦେଢ଼ କୋଟି ଜନତା ଦାରିଦ୍ରତାରେ ଭୋଗୁଛନ୍ତି । ଏହା ନୀତିଆୟୋଗ ପ୍ରସ୍ତୁତ କରିଛନ୍ତି ଏବଂ ପ୍ରାୟ ୧୨ଟି ମାନଦଣ୍ଡକୁ ଆଧାର କରି ଏହାକୁ ଦେଶ ଆଗରେ ଥୋଇଛନ୍ତି । ୧୨ଟି ମାନଦଣ୍ଡ ଭିତରେ ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ରନ୍ଧନ ଗ୍ୟାସ୍, ଶୁଶୁ ମୃତ୍ୟୁହାର, ପିଲାଙ୍କ ପାଠପଢ଼ା ଇତ୍ୟାଦି ଅର୍ନ୍ତଭୁକ୍ତ କରାହୋଇଛି । ଆମ ରାଜ୍ୟରେ ପ୍ରାୟ ୧୭ରୁ ଶିଶୁ ପାଠ ପଢ଼ାରୁ ବଞ୍ଚିତ ଏବଂ ୩୮ରୁ ଲୋକ ପୃଷ୍ଟିକର ଖାଦ୍ୟ ଖାଇବାରୁ ବଞ୍ଚିତ । ଆମଠୁ ଛୋଟ ରାଜ୍ୟ ଜନସଂଖ୍ୟା ଏବଂ ଆକାରରେ କେରଳ ସବୁଠୁ ଧନୀ ରାଜ୍ୟ ଏବଂ ବିହାର ସବୁଠୁ ଗରିବ ରାଜ୍ୟ । ବିହାରରେ ୫୮ରୁ ଲୋକ ଦାରିଦ୍ର ସୀମାରେଖା ତଳେ । ଆମେ ନିଜକୁ ଅନ୍ୟ ରାଜ୍ୟ ସହିତ ତୁଳନା କରିବାର ଆବଶ୍ୟକତା ନାହିଁ କାରଣ ଆମ ରାଜ୍ୟ ରାଜନୈତିକ କ୍ଷେତ୍ରରେ ଅସ୍ଥିରତାର ନାହିଁ । ମୁଖ୍ୟମନ୍ତ୍ରୀ ଗତ ବାଇଶବର୍ଷ ହେବ ରାଜ୍ୟର ଶାସନ ଭିତରେ ଅଛନ୍ତି ଏବଂ ପର୍ଯ୍ୟନ୍ତ ତାଙ୍କୁ କେହି ଚେଲେଞ୍ଜ କରିବାର ଦେକା ପାଇ ନାହିଁ । ଶାସନରେ ସ୍ଥିରତା ରହିଛି ଏବଂ ସେ ଯାହା ଚାହୁଁଛନ୍ତି ତାହାହିଁ କରୁଛନ୍ତି ତଥାପି ଓଡ଼ିଶାରେ କାହିଁକି ୩୦ ଭାଗରୁ ଉର୍ଦ୍ଧ୍ୱ ଲୋକ ଗରିବ ଏବଂ ଠିକ୍ ଭାବରେ ଖାଇବାକୁ ପାଉ ନାହାନ୍ତି । ଏହା ପାଇଁ ଦାୟୀ କିଏ? ରାଜ୍ୟର ଜନତା କାହାକୁ ଦାୟୀ କରିବେ ? କ୍ଷମତାରେ ଥିବା ଦଳକୁ, ପ୍ରଶାସକମାନଙ୍କୁ ବା ପ୍ରଶାସନକୁ? ନିଶ୍ଚିତ ଭାବରେ ଜନତା କେବେହଲେ ଦାୟୀ ନୁହଁନ୍ତି । ରାଜନୈତିକ, ଅର୍ଥନୈତିକ ବା ସାମାଜିକ ସ୍ତରରେ ଶାସନରେ ଥିବା ଦଳର ଅଖଣ୍ଡ କ୍ଷମତା ଆମ ରାଜ୍ୟ ଉପରୋକ୍ତ ମାନଦଣ୍ଡ ସବୁ ସ୍ଥିରତା ଭିତରେ ଥିଲା ପରେ ମଧ୍ୟ କଣ ଗରିବ ହୋଇ ରହିବୁ? ଏଇଟା ନିଶ୍ଚୟ ଏହି ୨୨ ବର୍ଷ ଭିତରେ ବେଶ କିଛି ରାଜନୈତିକ ନେତା, ପ୍ରଶାସନିକ ଏବଂ ସରକାରୀ ଚାକିରୀରେ ଥିବା ଲୋକମାନେ ଭଲ ଅବସ୍ଥାରେ ଅଛନ୍ତି ଏବଂ ରହିବେ ମଧ୍ୟ । କାରଣ ଏହାର ମୂଳ କାରଣ ଭ୍ରଷ୍ଟାଚାର । ଖବରକାଗଜ ଖୋଲିବେ ପ୍ରତିଦିନ ଭିଜିଲାନ୍ସ ଦ୍ୱାରା ସରକାରୀ ବାବୁଙ୍କଠୁ ଆରମ୍ଭ କରି ନେତା ମନ୍ତ୍ରୀମାନେ ଆୟ ବର୍ହିଭୂତ ସମ୍ପତ୍ତିର ମାଲିକାନାରେ ଅଛନ୍ତି । ଭିଜିଲାନ୍ସ କେତେ ଧରିବ? ଚାରିରୁ ପାଞ୍ଚ ଲକ୍ଷ ସରକାରୀ କର୍ମଚାରୀଙ୍କୁ ଧରିବା ଏବଂ ଛୋଟିଆ ଏବଂ ଅଳ୍ପ ସଂଖ୍ୟକ ଅଫିସର ଥିବା ଭିଜିଲାନ୍ସ ବିଭାଗ ଦ୍ୱାରା ସମ୍ଭବ ନୁହଁ । ସରକାର ଏହାପାଇଁ କିଛି ବ୍ୟବସ୍ଥା ନେବାର ଅଛି । ସରକାରଙ୍କ ଟଙ୍କା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଠିକ୍ ଭାବରେ ଖର୍ଚ୍ଚ ହୋଇ ପାରୁନାହିଁ । କିଏ କାହାକୁ ଜଗିବ? ଯଦି ପ୍ରାୟ ମନ୍ତ୍ରୀମାନେ ଛୋଟବଡ଼ କାମ ପାଇଁ ହେଲିକ୍ୟାପ୍ଟର ବ୍ୟବହାର କରିବେ ଏବଂ ଏହା ସହିତ ଜଡ଼ିତ ପ୍ରଶାସନିକ ମାନେ ମଧ୍ୟ । ଏହି ସ୍ତରର ଲୋକମାନେ ସରକାରୀ ଟଙ୍କାକୁ ନିଜର ଭାବି ଖର୍ଚ୍ଚ କରନ୍ତି ଏବଂ ଭାବନ୍ତି ନାହିଁ ଯେ ଏହି ଟଙ୍କା ଜନତାଙ୍କ ପାଇଁ ଆସିଛି ଏବଂ ଜନତାଙ୍କ ଉନ୍ନତିକଳ୍ପେ ଖର୍ଚ୍ଚ ହେବ । ଗରିବକୁ ହଟାଇବାକୁ ହେଲେ ସରକାରୀ ଅର୍ଥକୁ ଜନତାଙ୍କ ଅର୍ଥ ଭାବିଲେ ତେବେ ଯାଇ ସୁଧାର ଆସିବ । ଦେଖିବା ଏକ ନମ୍ବର ମୁଖ୍ୟମନ୍ତ୍ରୀ କଣ ଚିନ୍ତା କରୁଛନ୍ତି ଏବଂ ଜନତାଙ୍କ ପାଇଁ କଣ କରୁଛନ୍ତି ।





## ରାବଣ
### ରାମ ଚନ୍ଦ୍ର ପ୍ରଧାନ

ଏବେ ବି ରାବଣ ବଞ୍ଚିଛି ସମାଜେ
ଭୟରେ ଥରୁଛି ଛାତି
ରାବଣ ସାଙ୍ଗକୁ କ୍ରୁର ଦୁଃଶାସନ
ଦୁର୍ନୀତି କରନ୍ତି ନିତି ।

ଭଦ୍ରମୁଖା ତଳେ ମୁହଁକୁ ଲୁଚାଇ
ରାବଣ କରୁଛି ଖେଳ
କାମନା ଲାଳସା ମେଣ୍ଟାଇବା ପାଇଁ
ଉଣ୍ଡୁଅଛି ସିଏ ବେଳ ।

ଛଳନା ରଙ୍ଗରେ କ୍ଷତାକ୍ତ କରୁଛି
ଘୃଣ୍ୟ ପ୍ରକୃତିକୁ ଧରି
ନୀତି ଆଦର୍ଶର ଡେଙ୍ଗୁରା ପିଟୁଛି
ଧରମକୁ ଆଖି ଠାରି ।

ମଣିଷ ପଣିଆ ହଜି ତ ଯାଇଛି
ଏ ପାପୀ କଳି ଯୁଗରେ
ନାରୀର ଇଜତ ନିଲାମ ହେଉଛି
ଏଠି ଦିବା ଦି' ପ୍ରହରେ ।

ବଳାତ୍କାର ରୋଗ ସଭିଙ୍କୁ ଗ୍ରାସିଛି
ଦୁନିଆରେ ନାହିଁ ଧର୍ମ
ଆଇନ କାନୁନ ସ୍ଥାଣୁ ପାଲଟିଛି
କରି ଖାଲି ଅପକର୍ମ ।

ସେଥିପାଇଁ ମାଆ ଅବତରି ଆସ
ନାଶିବାକୁ ଦୁଷ୍ଟ ଜନ
ହେଉ ସେ ରାବଣ ଅବା ଦୁଃଶାସନ
ନ ରହୁ କାହାର ଚିହ୍ନ ।

♥ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ଆକାଶ କୁସୁମ
### ସୁଧାକର ରାଉତ



ଜୀବନ ଯାତ୍ରା ସରି ସରି ଯାଏ
ମରୀଚିକା ପଛେ ଧାଇଁ
କ୍ଲାନ୍ତ ପଥିକ ଅବସନ୍ନ ପ୍ରାଣେ
ଫଳ ପ୍ରାପ୍ତି ହୁଏ ନାହିଁ ।

ଜୀବନର ସପନ ଝରିପଡ଼େ
ସତେକ ଶେଫାଳି ଫୁଲ
ରାତି ସରିଯାଏ ଅପ୍ରାପ୍ତି ରହେ
ଜୀବନଟା କଲବଲ ।

ହୃଦୟର ଯେତେ ଆଶା ପାଉଁଶ
ଉଡ଼େ ସମୟ ପବନେ
ତଥାପି କାମନା ତୃଷ୍ଣା ଉଠି ପୀଡ଼ା
ଦେଉଥାଏ ପ୍ରତିକ୍ଷଣେ ।

ଜହ୍ନକୁ ଧରିବାର ଖିଆଲି ନିଶା
ଘାରିଥିଲା ଜ୍ୟୋତ୍ସ୍ନା ଲୁଚିଗଲା ଆସି
ଅମାବାସ୍ୟା ଅସମୟ ।

ନୀରବ ନିଥର ଜୀବନ ମୋର
ସାନ୍ତ୍ୱନା ଲଭିବା ପାଇଁ
ହୃଦୟ ହୀନ ଶବ୍ଦ ନେଇ ଧାଏଁ
ଶୂନ୍ୟ ଉପଢେକା ଦେଇ ।

♥ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨



## ଫୁଟ୍ ପାଥ୍‌ର ଶୀତ
### କାଦମ୍ବରୀ ମହାଖୁଡ଼

ଶୀତରେ ଥରୁଛି କୁନି ଦେହଟି ତାର
କୁନି ଫ୍ରକଟି ଢାଙ୍କି ପାରୁନାହିଁ
କୁନି ପାଦ ଦୁଇ ତାର
ପ୍ରଥମ ଶୀତର ଏ ପ୍ରଥମ ସକାଳ ।

ଫୁଟ୍ ପାଥ୍ ବିଛଣା ଉପରେ
ଛିଣ୍ଡା ଚାଦରର ଓଢଣୀ ଭିତରେ
ପ୍ରଥମ ଶୀତ ଭାବି
ବୁଝାଇ ନିଏ ମନକୁ ତାର
ପ୍ରଥମ ଶୀତର ଏ ପ୍ରଥମ ସକାଳ ।

ଶୀତ ବିଛଣାରେ ନିଦ ତା ଭାଙ୍ଗଇ
କାଠି କାଗଜକୁ ଏକାଠି କରାଇ
ପ୍ରଥମ ଶୀତର ପ୍ରଥମ ସକାଳେ
ଛିଣ୍ଡା ଚାଦର ତା କାନ୍ଧରେ ପକାଇ
ବଡ଼ ବାବୁଙ୍କର ଛିଣ୍ଡା ଜିନିଷକୁ
ଗୋଟାଇ ଆଣି ନିଆଁ ସେ ଲଗାଏ
ସରାଗେ ମେଣ୍ଟାଏ ଶୀତକୁ ତାର
ପ୍ରଥମ ଶୀତର ଏ ପ୍ରଥମ ସକାଳ ।

ସାନ ଭାଇ ସାଥେ
ପାଟି ଧୂଆଁ ଖେଳ
ସରାଗରେ ସେ ସ୍ୱାଗତ କରେ
ଫୁଟ୍ ପାଥ୍‌ର
ପ୍ରଥମ ଶୀତର ଏ ପ୍ରଥମ ସକାଳ ।।

♥ ଢେଙ୍କାନାଳ
(ମୋ) ୮୯୦୮୪୧୪୯୭୯

## ଶୀତ ସହ ବାନ୍ଧିଲି ମିତ
### ଭାଗୀରଥି ସାଗର



ଶୀତ ତମ ବିସ୍ତୃତ ରୂପ
ଥରାଉଛି ଭୁବନ,ଭବନ, ବନ ଉପବନ
କୀଟ, ପତଙ୍ଗ,ଜୀବଜନ୍ତୁ ଜୀବନ
ତମ କାକର ଛିଟା ପଡି ମୋ ଖୋଲା
ଦେହେ, ଟାଙ୍ଗୁରି ଉଠିଲା ଚର୍ମ ଲୋମ
ଖୋଜିଲି ଅଗ୍ନିଙ୍କ ଉଷୁମ ସାନିଧ।

ଫଟା ଫଟ ଦୌଡିଲି ଅନେକ
ଦୁର୍ଗମ ପଥ
ତଥାପି ସବୁଠି ତମେ, ଅଙ୍କା ବଙ୍କା
ଝରଣା ତଳେ ତୁମେ, ପତରର ସବୁଜ
କାଣକା ଠି ତମେ, ଆକାଶ ତଳେ
ତମେ, ମାର୍ବଲ ଉପରେ ତମେ, ଘାସ
ଗାଲିଚାରେ ତୁମେ, ତମ ଠୁ ମୁଁ ଦୂରେଇ
ଯିବାକୁ ଚେଷ୍ଟା କଲେ ବି ମୋ ପିଛା
ପିଛା ଘଉଡ଼ାଇ ଥିଲ ତମେ।,ତମେ
ଏଇଠି, ସେଇଠି, ସବୁଠି।

ସେଇଥି ପାଇଁ ତ
ତମ ସହ ବାନ୍ଧିଲି ମିତ।ତମେ ମୋ
କାକର ତନୁ ଠି ମୋତି, ତମେ ଥିଲେ
ମୁଁ ଏବେ ହସେ, ତମ ରାଜୁତିରେ ପାଳଇ
ରମଣୀ ମାର୍ଗଶିର ଗୁରୁବାର,
ଲକ୍ଷ୍ମୀଙ୍କ କାରୁଣ୍ୟ ଅଜାଡି ପଡେ ଘରେ,
ବିଲବାଡ଼ି, ଅଗଣାରେ
ସବୁଠି ଆବିର୍ଭୁତ ହୁଏ ଶ୍ରୀ ଆଉ
ଶ୍ରୀ।ଚଞ୍ଚଳ ହୁଏ ସହର ଓ ଗାଆଁ ଦାଣ୍ଡ,
ହାଟ ବଜାର। ଗହକି ଉଠେ ଚାଷୀ,
ଏବେ ତମେ ହେଉଛ ମୋ ମନର,
ପ୍ରାଣର, ଜୀବନର ପରମ ମିତ। ଶୀତ
ତମ ପାଇଁ ଆସେ ମୋ ଜୀବନେ
ଅଦିନିଆ ବସନ୍ତ।

ତମ ରାଜୁତିରେ ମୁଁ କରେ ନିତି
କସରତ। ମୋ ଅଳସୁଆମି ଶିରା,
ପ୍ରଶିରା ହୁଅନ୍ତି ଜୀବନ୍ତ,ତମ ପାଇଁ ମୁଁ
ପିନ୍ଧେ ଉଷୁମ ବସ୍ତ୍ର, ସୁଇଟର ପୁଣି
ମଫଲର।

♥ ଡ଼ାଲଗୁମା, କୋକସରା,
କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯

# ରୂପକାର





ଲଳିତ ମୋହନ ମିଶ୍ର

ମୁଣ୍ଡଟା ବେଳେ ବେଳେ ଭୁଲେଇ ହେଉଛି । ଉଚ୍ଚ ରକ୍ତଚାପ ହେବାର ଏହା ଭିତରେ ଦଶ କି ବାର ବର୍ଷ ହୋଇଗଲାଣି । ପ୍ରତିଦିନ ଗୋଟିଏ ଗୋଟିଏ ବଟିକା ନ ଖାଇଲେ ନ ଚଳେ । କ'ଣ ହେଉ କି ନ ହେଉ ବଟିକା ଖାଇବା ଆଜି ପର୍ଯ୍ୟନ୍ତ ବନ୍ଦ ହୋଇନାହିଁ । ଏପଟେ ପ୍ରତିଦିନ ସକାଳ ଭ୍ରମଣ ସନ୍ଧ୍ୟା ଭ୍ରମଣ । ଯାହାହେଉ ଏସବୁ କରିବା ମୁହୂର୍ତ୍ତ ବୋଧହୁଏ ସାହୁ ସାର୍‌ଙ୍କ ରୋଗଟା ନିୟନ୍ତ୍ରଣରେ ଅଛି । ଏବେ କେତେଦିନ ହେଲା ଟିକେ ମୁଣ୍ଡଟା ଝୁଙ୍କି ଝୁଙ୍କି ଲାଗୁଛି । ଗୁରୁମା କିନ୍ତୁ କହୁଥିଲେ ବ୍ରହ୍ମପୁର ଯାଇ ଟିକେ ମେଡିସିନ୍ ସ୍ପେଶାଲିଷ୍ଟ ପାଖରେ ଚେକଅପ୍ କରିନିଅ । ଅଳସୁଆ ଲୋକ.. ଏପଟେ ବିଭିନ୍ନ କାମ । ସେଦିନ କୌଣସି ଏକ କାମରେ ବ୍ରହ୍ମପୁର ଯାଇଥାଏ ସାରେ । କାମ ଶୀଘ୍ର ସରିଗଲା । ଆସିବାକୁ ବସ୍ ଡେରି ଅଛି । ଭାବିଲେ ବହୁତ ସମୟ ତ ଅଛି ବସ୍ ଆସିବାକୁ ... ଏ ସମୟରେ ସ୍ୱାସ୍ଥ୍ୟଟା ପରୀକ୍ଷା କରିନେଲେ ଭଲ ହେବ । ଏହା ଭାବି ବଡ ଡାକ୍ତରଖାନା ଆଡକୁ ଅଗ୍ରସର ହେଲେ । ଟିକେଟଟେ କରି ମେଡିସିନ୍ ଚିକିତ୍ସକଙ୍କ ପାଖକୁ ଗଲେ । ଏତେ ଲୋକଭିଡ଼... ଯେ କହିବା କଥା ନାହିଁ । ତାଙ୍କର ପାଳି କେତେବେଳେ ପଡିବ ସେ ଚିନ୍ତାରେ ଧାଡ଼ିରେ ଠିଆ ହେଲେ । ଡାକ୍ତରଙ୍କୁ ଏତେ ଭିଡରେ ଦେଖି ପାରୁ ନ ଥାନ୍ତି ସାର୍ । ଧୀରେ ଧୀରେ ଲୋକ ପତଳା ହେବାରେ ଲାଗିଲେ । ଡାକ୍ତର ରୋଗୀମାନଙ୍କୁ ଭଲ ଭାବରେ ଦେଖୁଥାନ୍ତି । ସାହୁ ସାରେ ଚିନ୍ତିତ ଥାନ୍ତି ଡାକ୍ତରଙ୍କୁ ଦେଖାଇବା ଭିଡରେ ବସ୍‌ଟି ଫିଟି ଯିବନି ତ ! ! !

ହଠାତ୍ ଲକ୍ଷ୍ୟ କଲେ ଡାକ୍ତର ମହାଶୟ ସିଟ୍ ଛାଡି ତାଙ୍କ ଆଡକୁ ଆସୁଛନ୍ତି । ତାଙ୍କର ପାଦସ୍ପର୍ଶ କରି ମୁଣ୍ଡିଆ ମାରିଲେ । ସେ କିଛି ବୁଝି ପାରୁ ନ ଥାନ୍ତି । ସାରଙ୍କ ହାତ ଧରି ପାଛୋଟିନେଲେ । ତାଙ୍କ ସିଟ୍‌ଆଗରେ ପଡିଥିବା ଚେୟାରରେ ବସାଇ ଦେଲେ । କହିଲେ ମୋତେ ଚିହ୍ନି ପାରୁଛନ୍ତି ସାର୍ ? ମୁଁ ସେଇ ବଇଦା । ଯାହାଙ୍କୁ ଏତେ ବଡ କରିବାରେ ଅବଦାନ ଆପଣଙ୍କର । ବହୁଦିନ ହେଲା ଖୋଜୁଥିଲି ଆପଣଙ୍କୁ । କିନ୍ତୁ କେବେ ଆପଣଙ୍କ ସହିତ ଦେଖା ହେବ କି ନାହିଁ ଜାଣି ନ ଥିଲି । ଆପଣଙ୍କର ଖୋଜ ଖବର ପାଇ ପାରୁ ନ ଥିଲି । ଆଜି ମୁଁ କେତେ ଭାଗ୍ୟବାନ । ଦୀର୍ଘ ବର୍ଷ ପରେ ଆପଣଙ୍କର ଦର୍ଶନ ପାଇଲି । ଆପଣଙ୍କୁ ଆଜି ପାଇ ନିଜକୁ ଧନ୍ୟ ମନେ କରୁଛି । ଆପଣ ଟିକେ ସମୟ ଏଠାରେ ବସନ୍ତୁ । ଏତକ ରୋଗୀ ଦେଖି ସାରିବା ପରେ ମୁଁ ଆପଣଙ୍କୁ ମୋର ବସାକୁ ନେଇଯିବି । ପ୍ରଥମେ ଅଚିହ୍ନା ଅଚିହ୍ନା ଲାଗୁଥିଲା । ଦୀର୍ଘ ଦିନର କଥା ମନେପଡ଼େ... ତାହାହେଲେ ଏ ବୈଦନାଥ ବାବୁ ସେତେବେଳର ବଇଦା ହରିଜନ ।

ନବରଙ୍ଗପୁରରେ ଚାକିରୀ କରିବାର ଦୁଇ ବର୍ଷ ହୋଇଥାଏ ନରହରି ସାହୁଙ୍କ । କୋଷାଗୁମୁଡା ବ୍ଲକ୍‌ରୁ ବଡଆମ୍ବଡା ପ୍ରତିଦିନ ଯିବା ଆସିବା କରିବାକୁ ପଡୁଥାଏ । ଘର ଭଡା ନେଇ ବ୍ଲକ ହେଡ୍ କ୍ୱାଟରରେ ରହୁଥାନ୍ତି କାରଣ ସେଠାରେ କ୍ୱାଟର ନ ଥାଏ । ଯେଉଁ ସାହିରେ ରହୁଥାନ୍ତି ସେହି ଆଗରେ କେତୋଟି ହରିଜନ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥାନ୍ତି । ଯାହାଙ୍କ ପାଖକୁ ଶିକ୍ଷା ସଭ୍ୟତା ଭଲ ଭାବରେ ପହଞ୍ଚିପାରି ନ ଥାଏ । ଆମର ସଭ୍ୟ ଶିକ୍ଷିତ ବ୍ୟକ୍ତିମାନେ ସେମାନଙ୍କର ଦ୍ୱାର ମାଡ଼ନ୍ତି ନାହିଁ । ମାଡ଼ିଲେ ମଧ୍ୟ କେବେ ସେମାନଙ୍କର ଛାଇ ନିଜ ଉପରେ ପକାଇବାର ସୁଯୋଗ ଦିଅନ୍ତି ନାହିଁ । ଆମ ସହ ସେମାନଙ୍କର ସମ୍ପର୍କ କିଛି ନାହିଁ । ସେମାନେ ମଧ୍ୟ ଆମର କାହା ସହିତ ବିଶେଷ ସମ୍ପର୍କ ଯୋଡନ୍ତି ନାହିଁ । ସେମାନେ ନିଜର ଜୀବନ ଜିବିକାକୁ ନେଇ ଭାରି ଆନନ୍ଦିତ । ଜିବିକା କହିଲେ ବାଉଁଶରେ ଟୋକେଇ, କୁହ୍ଲା, ନାଳିଆଟେ, ବାଉଁଶିଆ, ବୋଝ, ଚାଙ୍ଗୁଡି ଇତ୍ୟାଦି ତିଆରି କରି ହାଟ ବଜାରରେ ବିକିବା । ସେଥିରୁ ଯାହା ରୋଜଗାର ସେଥିରେ ପରିବାର ପୋଷଣ ଆଉ ଟିକେ ନାଲି ପାଣି । ଦରକାର ପଡ଼ିଲେ ଆମେ ବେଳେ ବେଳେ ଯାଇ ସେମାନଙ୍କଠାରୁ ବାଉଁଶ ତିଆରି ଜିନିଷ ନେଇଆସୁ । ଆମର ତାଙ୍କର ସମ୍ପର୍କ ବୋଇଲେ ଯାହା ସେତିକି । ସେମାନେ ଦିନ ରାତି କାମରେ ଲାଗିଥାନ୍ତି । ସେଇ ନୂଆଣିଆ ବତା ବାଉଁଶର ଓ ଝାଟିମାଟିର ଛଣ ଛପର ଘର ତାଙ୍କ ସ୍ୱପ୍ନର ପାରାବାର । ସେଇଠି ତିନି ଖଣ୍ଡ ପଥରରେ ଝିଙ୍କା ତିଆରି କରି ଖଣ୍ଡେ ଚୁଲି ଓ ଗୋଟିଏ କୁକୁଡା ଭାଡି । ସେଇଠି ପୁଣି ତାଙ୍କରି କାରଖାନା ଓ ବାଉଁଶରେ ତିଆରି ଦରବ ।

ସେଇ ଘରେ ତାଙ୍କର ହସର ଜୁଆର ଛୁଟେ, ପୁଣି ଅଶ୍ରୁର ଲହଡ଼ି ଭାଙ୍ଗେ । ଶୀତ କାକର ଖରା ଓ ବର୍ଷା ସହି ସେଇଠି ଜୀବନ ପାଳନ୍ତି ସେହି କେତୋଟି ପରିବାର । ସେମାନଙ୍କର ଆର୍ଥିକ ପରିସ୍ଥିତିରେ ତ ସେତେ କିଛି ଉନ୍ନତି ଘଟେ ନାହିଁ । ସେମାନଙ୍କର ସ୍ୱପ୍ନ ବୋଲି କିଛି ନାହିଁ ? ସ୍ୱପ୍ନ ବା ଆସନ୍ତା କୁଆଡୁ ? ଶିକ୍ଷା ମଣିଷ ଆଖିରେ ଅଞ୍ଜନ ଲଗାଇଥାଏ, ତାକୁ ସ୍ୱପ୍ନାଭିଳାଷୀ କରିଥାଏ । ଏମାନେ ତ ଆଧୁନିକ ଶିକ୍ଷା ଓ ସଭ୍ୟତାଠାରୁ ବହୁତ ଦୂରରେ । ତେଣୁ ତାଙ୍କୁ କିଏ ସୃଷ୍ଟିର ରହସ୍ୟ ଓ ବଞ୍ଚିବାର ଅଧିକାର ଶିଖେଇବ ? ଯାହା ବି କୁହନ୍ତୁ ଏଇ ନିଶା ପାଣିଟା ଏମାନଙ୍କୁ ବେଶୀ ଖାଇଥାଏ । ଘରେ ଖାଇବାକୁ ଥାଉ ବା ନଥାଉ ଏମାନଙ୍କର ସେଥିରେ ଚିନ୍ତା ନାହିଁ, କିନ୍ତୁ ହାଣ୍ଡିଆ ପାଣିଟା ସନ୍ଧ୍ୟାରେ ନହେଲେ ନ ଚଳେ । ନିଶା ପାଣିଟା ମୁନ୍ଦେ ପିଇ ଦେଲେ ଦୁନିଆଟା ଏମାନଙ୍କୁ ଚର୍ତୁଭୁବନ ଦେଖାଯାଏ । ତେଣିକି କଣ ହେଲା ନହେଲା ସେମାନଙ୍କର ଯାଏ କେତେ ଆସେ କେତେ ? ଫୁଙ୍ଗୁଳା ଦେହ ସେଁକା ଛାତି, ଅଣ୍ଟାରେ ଖଣ୍ଡିଏ ଲୁଗୁଆ ଓ ମୁଣ୍ଡରେ ଟାୟା । ଘର ପାଖରେ ବିଲେଇଟିଏ ଶୋଇଥାଏ ବା କୁକୁରଟିଏ ଜଗି ରହିଥାଏ । ସେଇମାନେତ ସେମାନଙ୍କ ଜୀବନରେ ସାଙ୍ଗ ସାଥୀ ଓ ସଖା ସହଚର । ଘର ପାଖରେ ସଜନା ଗଛଟିଏ ଅଥବା ଅମୃତ ଭଣ୍ଡା ଗଛଟିଏ ଅବା ମରିଚ ଗଛ ଗୋଟେ କି ଦି ଟା ।

ପିଢା ଉପରେ ପୋଇ ବା କଖାରୁ ଗଛ ମାଡ଼ି ଥାଏ । ବାସ୍ ସେଇ ସେତିକି ତାଙ୍କର ସମ୍ବଳ । ଆଉ ଅଧିକ କ'ଣ ସେମାନେ କିଛି ଜାଣନ୍ତି ନାହିଁ । ଖାଲି କାମ ଓ କାମ । ଦିନ ରାତି ସେ ଧନ୍ଦାରେ ଲାଗିଥାନ୍ତି । ସେଇଥିରେ ତାଙ୍କର ଆନନ୍ଦ ଓ ଆତ୍ମାର ପରିତୃପ୍ତି । ଦୁଃଖ ଅପମୋଦନ ନିମନ୍ତେ ବେଳେ ବେଳେ ତାଙ୍କ ପାଟିରୁ ଝରି ପଡେ କେଇପଦ ମିଠା କଥା – ନା.. ନା.. ନା.. ନୋହିଲେ ସଙ୍ଗୀତର ମଧୁର ଲଳିତ ସ୍ୱରର ମୂର୍ଚ୍ଛନା । ତଥାପି ପେଟ ଚାଖଣ୍ଡକ ପୂରେ ନାହିଁ । ସେତକ ପାଇଁ କ'ଣ ତାକୁ କଷ୍ଟ ଉଠାଇବାକୁ ନ ପଡେ ? ସଲପ ଗଛର ଚେର ଆଣି ହାଣ୍ଡିଆ ରାନ୍ଧେ । ରାତିରେ ନିଶାରେ ଖୁବ୍ ଝୁମେ । ଉଚ୍ଚ ସ୍ୱରରେ ଗୀତ ଗାଏ । ନାଚି ନାଚି ବେଦମ ହୋଇଗଲେ ସେଇଠି ସେ ପଡିଯାଏ । କେହି ତାକୁ ଉଠାଇ ଆଣି ପିଣ୍ଡାରେ ଶୁଆଇ ଦିଏ, ନହେଲେ ସେଇଠି ତା'ର ରାତି ପାହିଯାଏ । ସକାଳୁ ଉଠି ନିଶା ଛାଡି ଗଲେ ପୁଣି କାମରେ ଧନ୍ଦାରେ ମାତି ଯାଏ । ବେଶ୍ ହର୍ଷ ଓ ବିଷାଦ ଭରା ଏଇ ତାଙ୍କର ଜୀବନ । ଯେଉଁଠି ସ୍ୱପ୍ନ ଗୁଡାକ ସବୁ ତା'ର ନିଶା ପାଖରେ ମରିଯାଏ । ଏହାଠାରୁ ଆଉ ଆଗକୁ ଯାଇ ସେ କିଛି ଚିନ୍ତା କରି ପାରେ ନାହିଁ କି ଭାବି ପାରେ ନାହିଁ । ଏମାନେ ଏଇମିତି..... ନିଜର ଜୀବନ ଶୈଳୀରେ କୌଣସି ପରିବର୍ତ୍ତନ ନାହିଁ ।

ଏ ହେଉଛି ତୁଳାର ପରିବାର । ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ଏହି କାମରେ ବୁଡି ରହିଥାନ୍ତି । ଜୀବନର ସୁଖଦୁଃଖ ଆନନ୍ଦ ବିଷାଦ ସବୁ ସେଥିରେ ହିଁ ଅନୁଭବ କରିଥାନ୍ତି । ଘରେ ବୁଢି ମାଆ ଆଉ ପୁଅ ବଇଦା । ବୁଢି ମା' ବଇଦା'ର ଆଖିର ପିତୁଳା । ବୟସର ଚାପରେ ଆଖିକୁ ଅଦୃଶ୍ୟ ଦେଖାଯାଉଥିବା ବୃଦ୍ଧ ଜେଜେ ମାଆ ପାଖରେ ରହିଯାଉଥିଲା ନାତି ବଇଦା । ନାତିଆ ନୁହେଁ ତ... ସେ ସତେ ଯେମିତି ବୁଢ଼ୀର ହାତ ବାରିସୀ । ଠୁକଠାକ କରି ବୁଢି ଚାଉଳ ଗଣ୍ଡେ ଫୁଟେଇ ଦିଏ । ବାଡିର ଶାଗ ମୁଗ କି ବଡ଼ିଟାଏ ଅଥବା କେରାଣ୍ଡିଟାଏ ପୋଡ଼ିଦେଲେ ହୋଇଯାଏ ଖାଇବାଟା । ବଇଦା ଟିକେ ବଡ ହେଲାଣି । ଜାଣିବାର ହେଲାଣି । ପାଠ ବଢିବାକୁ ପ୍ରବଳ ଇଛା । କିନ୍ତୁ ଆର୍ଥିକ ଅଭାଟ ଅନଟନ ମନଟା ବାଧକ ସାଜୁଛି । ପାଠ ପଢିବାର ଇଛା ଥିଲେ ଅର୍ଥର ଦ୍ୱାହି ଦେଇ ଯାଇପାରେନି ଇସ୍କୁଲକୁ ବଇଦା । ତଥାପି ଗାଁ ଦାଣ୍ଡ ଦେଇ ଇସ୍କୁଲକୁ ଯାଉଥିବା ଛୁଆଙ୍କୁ ଦେଖିଲେ , ସେ ଚାତକ ପରି ଚାହିଁ ରୁହେ । ଆଖିରେ ଆଖିଏ ସ୍ୱପ୍ନ ନେଇ ଖୁସି ହେଇଯାଏ । ସେ ବି ଦିନେ ଏମିତି ପିଠିରେ ବେଗ୍ ପକେଇ ଧାଇଁବ ଇସ୍କୁଲକୁ । ଆଉ ପାଠ ଦିଅକ୍ଷର ପଢି ବଡ଼ ମଣିଷଟେ ହବ । ଯେତେବେଳେ ଗାଁ ଶେଷ ମୁଣ୍ଡରେ ଥିବା ସ୍କୁଲରେ ଘଣ୍ଟା ବାଜିଉଠେ ଭାଙ୍ଗିଯାଏ ତାର ସ୍ୱପ୍ନ ସବୁ । ଏମିତି ନୀତି ହୁଏ । ଝାଟିମାଟିର ଛପର ଦେଇ ଖରା ଯେତେବେଳେ ଅଗଣା ଛୁଏଁ ବଇଦା ଜାଣିପାରେ ଇସ୍କୁଲ ସମୟ । ଆଉ ଲମ୍ବା ଗଛର ଛାଇ ଯେବେ ବାଡ଼ି ଓଳିତଳୁ ଖସିବାକୁ ଲାଗେ ସେ ଜାଣିପାରେ ଛୁଟି ହେବାର ଓ ପିଲା ଘରକୁ ଫେରିବାର ସମୟ । ଦୌଡ଼ି ଯାଏ ଗାଁ ଦାଣ୍ଡକୁ.... ତାରି ପରି ଛୋଟ ପିଲାମାନଙ୍କୁ ଦଳ ଦଳ ହୋଇ ଯିବା ଆସିବାର ଲୋଭନୀୟ ଦୃଶ୍ୟକୁ ଉପଭୋଗ କରେ । ମନରେ ଅସୁମାରୀ ସ୍ୱପ୍ନ ଦେଖେ । ନିଜକୁ ପ୍ରଶ୍ନ କରେ ମୁଁ କ'ଣ ସେମାନଙ୍କ ପରି ପାଠ ଦିଅକ୍ଷର ପଢି ପାରିବି ନାହିଁ ?

ମନର କଥା ମନରେ ମାରି ରହେ । ବୁଢିଟି ସବୁ ଜାଣି ପାରେ.. ପିଲା ମନର କଥାକୁ ବୁଝିପାରେ । ତଥାପି ଫଳେଇ ହୋଇ ପଚାରେ କିରେ ବଇଦା ! କଣ ହୋଇଛି କିରେ ତୋର ? କ' ଣ ଏମିତି ପାମ୍ପେଡା ଶୁଖୁଆ ପରି ମୁହଁ ଟା କରିଛୁ ? ଭୋକ ହେଲାଣି କିରେ ବାପା ? ଏତିକିରେ ଭୋ, ଭୋ ହୋଇ କାନ୍ଦି ଉଠିଲା ବଇଦା । କ୍ଷମତା ସିନା ନାହିଁ ! ! ହେଲେ ତାର ପ୍ରବଳ ଇଛା । ପାଠ ପଢିବାକୁ ଢେର ସ୍ପୃହା । ଆଉ ସହିପାରିଲାଣି ବୁଢ଼ୀ ମାଆଟି । ଚିନ୍ତା କରି କଥାବାର୍ତ୍ତା ହୋଇ ଜେଜେ ମାଆ ନାତିଆ ଦୁହେଁ ସାହୁ ସାର୍‌ଙ୍କ ଘର ଦୁଆରେ ହାଜର । ବୁଢ଼ୀ ମାଆଟି ଗୋଟେ ବାଡ଼ି ଲାଉ ଆଉ, ପାଣି କଖାରୁ ପିଣ୍ଡାରେ ଥୋଇଦେଇ...... କହିଲା - ଆଜ୍ଞା, ଆପଣ ତେମେ..। ସାରେ ପଚାରିଲେ କ'ଣ ହେଲା ? ଏହାକୁ ବିକିବାକୁ ଆଣିଛ ନା କ'ଣ ? ବୁଢୀ ମାଆ'ଟି କିଛି ନ କହି ଆଗ ମୁଣ୍ଡିଆଟେ ମାରିଲା । ତା' ପରେ କହିଲା.... ମୋ ନାତି ଛୁଆଟାର ପାଠ ପଢିବାକୁ ଢେର ଇଛା । ମାତ୍ର ପଇସା ପତ୍ରର ଅସୁବିଧା ଯୋଗୁ ତାକୁ ପାଠ ପଢେଇ ପଢିପାରୁ ନାହିଁ । ତୁ କ'ଣ ଗୋଟେ କରନା ବାବୁ ! ତେମେ ଆପଣେ ଚାହିଁଲେ ! ସବୁ ହେବ... ମୁଁ, ପଇସା ନହେଲେ ନାହିଁ , ମୋ ବାଡ଼ି ଘରେ ଯାହା ଶାଗ ମୁଗ ଅଛି ମୁଁ ଦେଇ ଶୁଝିଦେବି ।

ସାହୁ ସାର୍ ଦେଖିଲେ ପିଲାଟିର ଅଦମ୍ୟ ଇଛା । ପାଠ ପଢିବାର ଖୁସି ତାର କହିଲେ ନ ସରେ । ତାର ଯଦି ଏତେ ଆଗ୍ରହ ସାର୍ ତାକୁ ବହି ଖାତା କଲମ ସବୁ ଆଣି ଘରେ ଦେଇ ଦେଲେ ଅସୁବିଧା କଣ ଅଛି ? ଆଗାମୀ ଦିନରେ ହଷ୍ଟେଲ ସ୍କୁଲରେ ଜଏନ କରିବା ପାଇଁ ପ୍ରସ୍ତାବ ଦେଲେ । ବୁଢୀ ରାଜି ହୋଇଗଲା । ସାହୁ ସାର୍ ପ୍ରଧାନ ଶିକ୍ଷକଙ୍କ ସହିତ କଥା ହୋଇ ଜଣାଇବି ବୋଲି ପ୍ରତିଶ୍ରୁତି ଦେଲେ । ଏତିକିରେ କୁରୁଳି ଉଠିଲା ବଇଦାର ମନଟା । ଦୁହିଁଙ୍କର ଶୁଖିଲା ଓଠରୁ ଝରିଗଲା ଦରଫୁଟା ହସ ଚେନାଏ । ସମୟ କ୍ରମରେ ବଇଦା ହଷ୍ଟେଲ ସ୍କୁଲରେ ରହି ପାଠ ପଢିଲା । ତାର ଅଦମ୍ୟ ଇଛା ଶକ୍ତି ତାକୁ ଆଗକୁ ବଢିବାରେ ସହାୟକ ହେଲା । ସ୍କୁଲରେ ଭଲ ପାଠ ପଢି ନାଁ କମାଇଲା । ବକ୍ତୃତା ପ୍ରତିଯୋଗୀତା ହେଉ ଅଥବା ସାଧାରଣଜ୍ଞାନ ପ୍ରତିଯୋଗିତା ସବୁଥିରେ ବିଦ୍ୟାଳୟର ସୁନାମ ଅର୍ଜନ କଲା । ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କଠାରୁ ଆରମ୍ଭ କରି ଅଫିସରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ପ୍ରଶଂସା ସାଉଁଟିଲା । ଆଗକୁ ବଢିବାର ପ୍ରେରଣା ପାଇଲା । ନମ୍ର ଭଦ୍ର ଶୃଙ୍ଖଳିତ ଜୀବନ ତାକୁ ଆଗକୁ ବଢିବାରେ ସହଯୋଗୀ ହେଲା । ଏମିତି ସୁନାମ ଅର୍ଜନ କଲା ଯେ ପଛକୁ ଫେରିବାର ଜ୍ଞ ରଖିଲା ନାହିଁ । ମାଟ୍ରିକରେ ଭଲ ନମ୍ବର ରଖି ବିଦ୍ୟାଳୟ ନାମ ଆଗକୁ ବଢାଇଲା । ବାପା ମାଆ ଜେଜେ ମାଆଙ୍କ ଖୁସି କହିଲେ ନ ସରେ । ଏବେ କଲେଜରେ କେଉଁଠି ପଢିବ ସମସ୍ତଙ୍କର ଚିନ୍ତା ।

ଜଣେ ଭଦ୍ର ଶିକ୍ଷିତ ମହାନୁଭାବ ବ୍ୟକ୍ତି ତାଆଡ଼କୁ ସହଯୋଗର ହାତ ବଢାଇଲେ । ଭୁବନେଶ୍ୱର ନେଇ ପାଠ ପଢାଇବାକୁ ପ୍ରତିଶ୍ରୁତି ଦେଲେ । ବଇଦାର ବାପା ମାଆ ରାଜି ହେଲେ । ତା'ପରେ ସାହୁ ସାର୍‌ଙ୍କ ସେଠାରୁ ବଦଳି ହୋଇ ଯାଇଥିଲା । ବଇଦା ବିଷୟରେ ସେ ଆଉ ଅଧିକ ଜାଣି ପାରି ନ ଥିଲେ । କିନ୍ତୁ ଆଜି ଏଭଳି ଅବସ୍ଥାରେ ପାଇ ନିଜକୁ ଧନ୍ୟ ମନେ କଲେ । ନିଜର ନିଷ୍ଠା ଓ ଦୃଢ଼ ମନୋବଳ ତାକୁ ଏ ସ୍ଥାନରେ ଆଣି ଉପସ୍ଥାପିତ କରିଛି । ଖୁସି ଲାଗିଲା । ଜଣେ ଗୁରୁ ପାଇଁ ଆଉ କ'ଣ ଅଧିକ ହୋଇପାରେ ? ତୁଳସୀ ଦୁଇପତ୍ରରୁ ବାସିଲା ପରି ତାର ବାସ ଏବେ ଚତୁର୍ଦ୍ଦିଗ ମହକୁଛି । ଗୋଟିଏ ଛୋଟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ନିଜର ନାମକୁ ନିଜେ ବଢାଇ ପାରିଛି । ସାହୁ ସାର୍ ଆଜି ଭାରି ଗର୍ବିତ । ତାଙ୍କର ଛାତ୍ରଟି ଦେଶ ବିଦେଶରେ ନାମ କମାଇଲା ତା'ଠାରୁ ଆଉ ଅଧିକ ତାଙ୍କର ପାଇଁ କଣ ହୋଇପାରେ ? ଶିକ୍ଷକଟି ତାର ଜୀବନରେ ଆଇ. ଏସ୍ ଅଫିସର, ଡାକ୍ତର ଇଞ୍ଜିନିୟରି ହୋଇପାରେ ନାହିଁ କିନ୍ତୁ ସୃଷ୍ଟି କରିପାରେ । ବଇଦାଠାରୁ ଚିକିତ୍ସିତ ହୋଇ ଫେରୁଥିଲା ବେଳେ ସାହୁ ସାର୍‌ଙ୍କୁ ଲାଗୁଥିଲା ରୋଗ ତ କେଉଁକାଳରୁ ତାରିସିଏ ଭଲ ହୋଇ ଯାଇଛି । ଆଉ ତାଙ୍କର ଛାତିଟା କୁଣ୍ଢେମୋଟ ହୋଇ ଆଗକୁ ଚାଲିଛନ୍ତି ରାସ୍ତାଟା ଜଣା ପଡୁ ନ ଥାଏ । ସେ ନିଜକୁ ଭାବି ହେଉଥିଲି ଜଣେ ସଫଳ ରୂପକାର.... ।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି
ମୋ: ୯୪୩୭୯୮୫୮୬୬

# ସନ୍ଦେହ ନୁହେଁ ସମାଧାନ





ଝରଣା ବାରିକ

ଫେବୃଆରୀ ମାସ ସକାଳର କଅଁଳ ଖରା ଭାରି ସୁନ୍ଦର ଲାଗୁଥାଏ । ସକାଳୁ ସକାଳୁ ଖରାରେ ବସିଲେ , ମନଟା ଖୁବ୍ ଶାନ୍ତି ଲାଗେ । ଆଲୁର ବାଲୁର ମୁଣ୍ଡରେ ଖରା ପୋଉଥାଏ ସିପ୍ରା ।

ଆଗକୁ ଥାଏ ମାଟ୍ରିକ ପରୀକ୍ଷା । ପାଠ ପଢ଼ାରେ ତା'ର ଖୁବ୍ ଆଗ୍ରହ, ଆଗ୍ରହ ଥିଲେ ବି କେମିତି ଗୋଟାଏ ଡର ଡର ଲାଗୁଥାଏ । ପାଠ ପଢ଼ାରେ ମନ ଦେବାପାଇଁ ବାପାଙ୍କର ତାଗିଦ । ଟିଭି ପାଖରେ ବସିଲେ ବୋଉର ଗାଳି ଶୁଣିବାକୁ ପଡେ ।

କିଛିଦିନ ପରେ ଠିକ ସମୟ ଆସିଗଲା । ପରୀକ୍ଷା ହେଲା । ଭଲ ନମ୍ବର ରଖି ସିପ୍ରା ପାଶ ବି କଲା । ମନରେ ତାର କେତେ ଆଶା, ନୂଆ ନୂଆ କଲେଜ ଯିବ । କେତେ ନୂଆ ନୂଆ ସାଙ୍ଗମାନଙ୍କ ସହ ମିଶିବ । ଖୁବ୍ ମଜା ଲାଗିବ ।

ଦୂର କଲେଜରେ ଆଡ଼ମିଶନ କରିଦେଲେ ବାପା । ଘରେ ରହିଲେ ପଢିବାରେ କାଳେ ଅସୁବିଧା ହେବ, ସେଥିପାଇଁ ହଷ୍ଟେଲରେ ରହିବାର ବ୍ୟବସ୍ଥା ମଧ କରିଦେଲେ । ଘରଛାଡି ଯିବାକୁ ସିପ୍ରାର ଯମା ବି ଇଛା ନଥାଏ । ହେଲେ କଣ ବା ? କରିପାରିବ ସିଏ ? ବାପାଙ୍କ କଥା ମାନିବାକୁ ବାଧ । ନହେଲେ ପାଠ ପଢ଼ାରେ ଡ଼ୋରି ବାନ୍ଧି ବାକୁ ପଡିବ ।

ଆଷାଢ଼ ମାସ ବର୍ଷାର ପହିଲି ସ୍ପର୍ଶରେ ପୃଥିବୀଟା ଯେମିତି ଖୁଲି ଖୁଲି ହୋଇ ହସି ଉଠୁଥିଲା । କଲେଜ ଖୋଲିବା ସମୟ ହେଇଯାଇଥିଲା । ସକାଳୁ ସକାଳୁ ସିପ୍ରାକୁ ହଷ୍ଟେଲ ଛାଡ଼ିବାପାଇଁ ବାପା ପ୍ରସ୍ତୁତ ହେଉଥାନ୍ତି । ସବୁ ଜିନିଷପତ୍ର ଠିକ ଠାକ୍ ମନେ ପକେଇ ରଖ ଭୁଲିଗଲେ ହଇରାଣ ହବୁ ବଡ଼ ପାଟିରେ ସିପ୍ରାକୁ କହୁଥାନ୍ତି ବାପା । ସିପ୍ରାର ମନ କିନ୍ତୁ ଆଉ କୁଆଡେ, ଘର ଛାଡ଼ି ଯିବା କଥା ଭାବିଲେ ଆଖିରେ ତାର ଲୁହ ଜକେଇ ଆସୁଥାଏ ।

ଏତିକି ବେଳକୁ ବୋଉ ଆସି ତା ପାଖରେ ପହଞ୍ଚିଲା । ବୋଉର ଚିନ୍ତାଧାରା ବାପାଙ୍କ ଠୁ ନିଆରା । ସିଏ କହିବା ଆରମ୍ଭ କଲା । ଠିକ ସମୟରେ ଖାଇବୁ ,ଦେହର ଯତ୍ନ ନେବୁ, ବାହାରେ ବେଶୀ ବୁଲାବୁଲି କରିବୁନି । କଲେଜ ଛୁଟି ହେଲେ ବାପାଙ୍କୁ କହିବି ତତେ ଘରକୁ ନେଇଆସିବେ । ଏତିକି କଥା ଶୁଣିଲା ପରେ ସିପ୍ରା ବୋଉକୁ କୁଣ୍ଢେଇ କାନ୍ଦିବାକୁ ଲାଗିଲା । ବୋଉ ବି ନିଜକୁ ସମ୍ଭାଳି ପାରିଲାନି ।

ମାଆ ଝିଅଙ୍କର କାନ୍ଦ ଶୁଣି ବାପା ତେଣେ ଡାକ ଛାଡିଲେ କଣ କରୁଛ ସରିଲା ନା ନାହିଁ ।

ବାପାଙ୍କ ଡାକ ଶୁଣି ବୋଉ ଜବାବ ଦେଲା ହଁ ହଁ ସରିଲାଣି । ବାପାଙ୍କ ସହିତ ଘରୁ ବାହାରି ଗଲା ସିପ୍ରା । ଘରଠାରୁ ଅଳ୍ପ ଦୂରରେ ବସ ଷ୍ଟାଣ୍ଡ । ଖୁବ୍‌ଶୀଘ୍ର ଷ୍ଟାଣ୍ଡରେ ପହଞ୍ଚି ଗଲେ ସିପ୍ରା ଆଉ ତା ବାପା । କିଛି ସମୟ ପରେ ବସ ଆସିବାର ଶବ୍ଦ ଶୁଭିଲା । ବାପା ସିପ୍ରାକୁ କହିଲେ ବସ ଆସିଲାଣି ତୋ ବ୍ୟାଗଟା କାନ୍ଧରେ ପକେଇ ଦେ । ବାକି ଜିନିଷ ତକ ମୁଁ ନେଇ ରଖି ଦଉଛି ।

ତର ତର ହେଇ ବସକୁ ଚଢିଗଲେ ବାପା । ତାଙ୍କ ପଛେ ପଛେ ସିପ୍ରା ବି ବସ ଉପରକୁ ଉଠିଗଲା । ବସଟି ବହୁତ ଭିଡ଼ ଥିଲା । ଠିଆ ହେଇକି ଯିବା ବି କଷ୍ଟକର । କିଛି ବାଟ ଯିବାପରେ, ପାଖ ସିଟରେ ବସିଥିବା ପିଲାଟିଏ ନିଜେ ଉଠିଯାଇ ତା ସିଟରେ ସିପ୍ରାକୁ ବସିବା ପାଇଁ କହିଲା । ସିପ୍ରା ବାପାଙ୍କୁ ଟିକେ ଚାହିଁଲା । ବାପା ଇସାରା ଦେଇ ବସିବା ପାଇଁ କହିଲେ । ସୁନା ଝିଅଟିଏ ପରି ସିପ୍ରା ଯାଇ ସିଟରେ ବସିପଡ଼ିଲା ।

ବାପାଙ୍କ ପାଖରେ ଠିଆ ହୋଇଥିଲା ପିଲାଟି ।

ବାପା ପଚାରିଲେ ତମ ନାଁ କ'ଣ ? ପିଲାଟି ଉତ୍ତର ଦେଲା ସୋମୁ । ସୋମୁ ବା ବଢିଆ ନାଁଟିଏ ତ ବାପା କହିଲେ ।

କିଛି ସମୟ କଥା ହେଲା ପରେ ବାପା ଜାଣିଲେ, ସିପ୍ରାର ଆଡ଼ମିଶନ ହେଇଥିବା କଲେଜରେ ସୋମୁ ପଢୁଛି ।

ସିପ୍ରା କୁ ଡାକି ବାପା କହିଲେ ଦେଖ ଇଏ ହେଲେ ସୋମୁ, ତୁ ଯୋଉ କଲେଜରେ ପଢିବା ପାଇଁ ଯାଉଛୁ ଇଏ ବି ସେଇଠି ପଢୁଛନ୍ତି ।

ସିପ୍ରା ସୋମୁ ଆଡ଼କୁ ଟିକେ ଚାହିଁଲା, ସୋମୁ ବି ସିପ୍ରାକୁ ଚାହିଁ ଟିକେ ହସି ଦେଲା ।

ୟା ଭିତରେ ବସ୍‌ଟି ଆସି ଠିକ ଜାଗାରେ ପହଞ୍ଚି ସାରିଥାଏ । ବସ ରହିବା ମାତ୍ରେ ତର ତର ହୋଇ ଓହ୍ଲାଇ ପଡ଼ିଲେ ସିପ୍ରା ଆଉ ତାର ବାପା ସୋମୁ ମଧ ସେଇଠି ଓହ୍ଲାଇଲା । ବାପାଙ୍କଠାରୁ କିଛି ବ୍ୟାଗ୍ ସୋମୁ ଧରି ନେଲା । ତିନି ଜଣ ଯାକ ହଷ୍ଟେଲ ଆଡ଼କୁ ମୁହାଁଇଲା ।

କଲେଜରେ ପହଞ୍ଚିଲା ପରେ ସୋମୁ ତା ହଷ୍ଟେଲ ଆଡ଼କୁ ଯିବାପାଇଁ ବାହାରିଲା । ବାପାଙ୍କ ହାତକୁ ବ୍ୟାଗ ତକ ବଢେଇ ଦେଇ କହିଲା ମଉସା ଆଗକୁ ଯାଇ ବାମ ଆଡ଼କୁ ଗଲେ ଝିଅ ମାନଂକ ହଷ୍ଟେଲ ପଡିବ । ମୁଁ ଏଥର ଆସୁଛ । ସୋମୁ ତା ହଷ୍ଟେଲ ଆଡ଼କୁ ମୁହାଁଇଲା ।

ବାପା ସିପ୍ରାକୁ ସାଙ୍ଗରେ ଧରି ଆଗକୁ ପାଦ ବଢାଇଲେ । ହଷ୍ଟେଲର ନିୟମ ଅନୁସାରେ ପରିଚୟପତ୍ର ଦେଇସାରିବା ପରେ ସିପ୍ରାକୁ ନେଇ ତା ରୁମରେ ଛାଡି ଦେଲେ ବାପା । କିଛି ସମୟ ରହିବା ପରେ ବାପା ଘରକୁ ଯିବା ପାଇଁ ବାହାରିଲେ । ବାପାଙ୍କ ଯିବା କଥା ଶୁଣି ସିପ୍ରା କାନ୍ଦି ପକାଇଲା । ବାପା ସିପ୍ରା ଆଖିରୁ ଲୁହ ପୋଛି ଦେଇ ବୁଝାଇଦେଲେ ମାଆରେ ତୁ ଯମା ବ୍ୟସ୍ତ ହଅନି । ସୁବିଧା ଅସୁବିଧାରେ ଘରକୁ ଫୋନ କରିବୁ । ଛୁଟି ହେଲେ ମୁଁ ଆସି ତତେ ନେଇ ଯିବି । ତାପରେ ବାପା ଚାଲିଯାଇଥିଲେ ।

ୟା ଭିତରେ କିଛି ଦିନ ବିତି ଯାଇଥିଲା । ସେଇ ପରିବେଶରେ ନିଜକୁ ସଜାଡି ନେଇ ଥିଲା ସିପ୍ରା । କିଛି ଦିନ ପରେ ପଡ଼ିଲା ରାକ୍ଷୀପୂର୍ଣ୍ଣିମା । ପ୍ରାୟ ସମସ୍ତେ ଘରକୁ ଯିବା ପାଇଁ ବାହାରିଲେ । ସିପ୍ରା ସାଙ୍ଗ ମିକି ଆସି ପଚାରିଲା ସିପ୍ରା ତୁ ଘରକୁ ଯିବୁ ନାହିଁ କି ? ସିପ୍ରା ମୁଣ୍ଡ ହଲେଇ ନାଇଁ କଲା । ମିକି ପଚାରିଲା ତୁ କ'ଣ ତୋ ଭାଇ ହାତରେ ରାକ୍ଷୀ ବାନ୍ଧିବୁ ନାହିଁ କି ? ସିପ୍ରା ଟିକେ ମିକିକୁ ଚାହିଁ କହିଲା ସେ ଭାଗ୍ୟ ମୋର ନାହିଁ । ମାନେ ! ମିକି ପଚାରିଲା । ସିପ୍ରା କହିଲା ମୋର ଭାଇ ନାହିଁ ।

ତାପରେ ମିକି ତା ବାଟରେ ଚାଲିଗଲା । ଏପଟେ ସୋମୁର ବି ସେଇ ଅବସ୍ଥା ତା ସାଙ୍ଗମାନେ ବି ସୁନ୍ଦର ସୁନ୍ଦର ଉପହାର କିଣି ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ସୋମୁ କିନ୍ତୁ ମନ ମାରି ବେଡ଼ ଉପରେ ବସି ଥାଏ । ମନେ ମନେ ଭାବୁଥାଏ ଭଗବାନ ମତେ ଗୋଟେ ଭଉଣୀ ଦେଇଥାନ୍ତେ କି । କିଛି ସମୟପରେ ହଷ୍ଟେଲଟା ପ୍ରାୟ ଫାଙ୍କା ହେଇଗଲା । ଖାଇବା ସମୟ ଘଣ୍ଟା ବାଜିବାରୁ ସମସ୍ତେ ନିଜ ନିଜର ଖାଇବା ଆଣିବା ପାଇଁ ବାହାରିଲେ । ସେଇଠି ସିପ୍ରା ଆଉ ସୋମୁଙ୍କର ଦେଖା ହୁଏ । ସିପ୍ରା ସୋମୁକୁ ପଚାରେ ଭାଇ ତମେ କଣ ଘରକୁ ଯାଇ ନାହଁ କି ? ସୋମୁ ନାଁ କହେ । ସିପ୍ରା ପୁଣି ପଚାରିଲା, ତମେ ନ ଗଲେ ତମ ଭଉଣୀ ମନ ଦୁଃଖ କରିବନି । ସୋମୁ କହେ ନାଁ ମନ ଦୁଃଖ କରିବାପାଇଁ ମୋ ଭଉଣୀ ହିଁ ନାହିଁ । ସେଥିପାଇଁ ଏହି ଦିନଟି ମତେ ବହୁତ କଷ୍ଟ ହୁଏ । ଏକଥା ଶୁଣି ସିପ୍ରାକୁ ବି ବହୁତ କଷ୍ଟ ହେଲା । ସେ ସୋମୁକୁ କହିଲା ଭାଇ ମୁଁ ତୁମର ଭଉଣୀ ହେଇପାରିବି ।

ଏକଥା ଶୁଣି ସୋମୁ ଆଖି ଛଳଛଳ ହେଇଗଲା । ତା ପାଟିରୁ କଥା ବାହାରୁ ନ ଥାଏ । ତା ନିରବତା ହିଁ ସିପ୍ରା ପ୍ରଶ୍ନର ଉତ୍ତର ଥିଲା । ସିପ୍ରା ତା ରୁମକୁ ଦୌଡ଼ି ଚାଲିଗଲା । କିଛି ସମୟ ପରେ ରାକ୍ଷୀଟିଏ ନେଇ ସୋମୁ ପାଖରେ ପହଞ୍ଚିଲା । ସୋମୁ ହାତରେ ରାକ୍ଷୀଟି ବାନ୍ଧି ଦେଇ ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲା । ସତରେ ଯେମିତି ତାର ବହୁତ ଦିନର ଆଶା ସଫଳ ହେଇଛି ।

ରାକ୍ଷୀ ବାନ୍ଧି ଥିବାରୁ ସୋମୁ ତାକୁ ଗୋଟେ ସୁନ୍ଦର ଉପହାରଟିଏ ଦିଏ । ସିପ୍ରା ବହୁତ ଖୁସି ହୁଏ । ୟା ଭିତରେ ବହୁତ ଦିନ ବିତି ଯାଇଥାଏ । ସିପ୍ରା ଓ ସୋମୁର ମିଳାମିଶା ବହୁତ ବଢିଯାଇଥାଏ । ସମସ୍ତଙ୍କୁ କିନ୍ତୁ ଏ ସବୁ ଭଲ ଲାଗେନାହିଁ । କିଏ କେତେ ପ୍ରକାର କଥା କୁହନ୍ତି । ସେ ସବୁ କଥା ଶୁଣିଲେ ବି ଦୁହେଁ କାନକୁ ନିଅନ୍ତି ନାହିଁ । ସଜମାଛରେ ପୋକ ପକେଇବା ଆଜିକାଲି ଲୋକ ମାନଙ୍କର କାମ । କାନକୁ ଦୁଇ କାନ ହେଇ ଦିନେ ଏ କଥା କଲେଜ ସାରା ପ୍ରଘଟ ହୋଇଗଲା । ସିପ୍ରାର ବାପା ମାଆ ମଧ ଏକଥା ଜାଣିଲେ । ସିପ୍ରା ସୋମୁକୁ ଭାଇ କରିଥିବା କଥା କେହି ବି ବିଶ୍ୱାସ କଲେନାହିଁ । ସିପ୍ରା ବହୁତ ଭାଙ୍ଗି ପଡ଼ିଲା । ସନ୍ଦେହ ରାକ୍ଷସଟା ଯେମିତି ସମସ୍ତଙ୍କ ମନରେ ବସା ବାନ୍ଧି ସାରିଥିଲା । ସବୁ ଆଡ଼େ ତାକୁ ଅନ୍ଧାର ଦେଖାଯାଉଥିଲା । କ'ଣ କରିବ ସେ କିଛି ଭାବି ପାରୁନଥିଲା । ଏଥର ତାର କଲେଜରେ ଦିତୀୟ ବର୍ଷ ।

କିଛି ଦିନ ପରେ ଫାଇନାଲ ପରୀକ୍ଷା । ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଚେଷ୍ଟା କରୁଥାଏ ସିପ୍ରା । କିନ୍ତୁ ପାରୁନଥାଏ, ସାଙ୍ଗସାଥିଙ୍କ ଟାହିଟାପରା । ବାପା ବୋଉଙ୍କ ସନ୍ଦେହ ତା ମନଟାକୁ ଦୋହଲାଇ ଦେଉଥାଏ । ତଥାପି ପଢିବାରେ ଲାଗି ପଡ଼ିଥାଏ ସିପ୍ରା । ପରୀକ୍ଷା ସମୟ ଆସିଗଲା । ସିପ୍ରା ମନ ଦେଇ ପରୀକ୍ଷା ଦେଲା ।

ପରୀକ୍ଷା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ । ସିପ୍ରା ବି ଗଲା । କିନ୍ତୁ ଆଗ ଭଳି ବୋଉ ବାପାଙ୍କୁ ସେଠି ପାଇଲା ନାହିଁ । ବୋଉ ସବୁ କଥାରେ ତାକୁ ଗାଳି କରୁଥାଏ । ପାଠ ପଢି ପାଇଁ ଦୂରକୁ ଛାଡ଼ିବା ଆମର ସବୁଠାରୁ ବଡ଼ ଭୁଲ ବୋଲି ବୋଉ କହୁଥାଏ । ବାପାଙ୍କ ଠାରେ ବି ବହୁତ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲା ସିପ୍ରା ।

ନିଜ ଲୋକଙ୍କର ଏପରି ବ୍ୟବହାର ସିପ୍ରାକୁ ବହୁତ ଦୁଃଖ ଦେଉଥାଏ । ତଥାପି ମନକୁ ଦୃଢ କରି ସବୁ ସହିଯାଉଥାଏ । ଆଖିର ଲୁହକୁ ଆଖିରେ ଚାପି ହସିବା ପାଇଁ ଚେଷ୍ଟା କରୁଥାଏ । ତଥାପି ନିଜ ଘରେ ପରଲୋକ ଭଳି ବ୍ୟବହାର ତା ପାଇଁ ଅସହ୍ୟ ହେଇ ପଡୁଥାଏ । ଏ ସବୁ ଭିତରେ ତାକୁ ଆଉ ବଞ୍ଚି ରହିବାକୁ ଇଛା ହେଉନଥାଏ । ବାହାର ଲୋକଙ୍କ କଥା ଅଲଗା, ନିଜ ଲୋକ ଯଦି ପର ଭାବନ୍ତି ସେଠି କିଏ ବା ସହିପାରିବ । ୟା ପରେ ସିପ୍ରାର ଦେହ ବହୁତ ଖରାପ ହେବାରେ ଲାଗିଲା । ଯେତେ ଔଷଧ ଖାଇଲେ ବି କାମ କଲାନାହିଁ । ଯେତେ ଯାହା ହେଲେ ବାପା ମାଆଙ୍କ ମନ ପିଲା ପାଇଁ ବ୍ୟାକୁଳ । ବାପା ନେଇ ମେଡିକାଲରେ ଆଡ଼ମିଶନ କରିଦେଲେ । ଡକ୍ଟର ଆସି ସିପ୍ରାକୁ ଦେଖିଲେ ।

ସେତେବେଳେକୁ ସିପ୍ରା ଜାଣି ସାରିଥିଲା ଯେ ମୁଁ ଆଉ ବଞ୍ଚିବି ନାହିଁ । ଡକ୍ଟର ବି ଜଣେଇ ଦେଲେ । ଏକ ପ୍ରକାର ପଏଜନ ତା ଦେହ ସାରା ଚରିଗଲାଣି । ୟାକୁ ବଞ୍ଚେଇବା ଆମ ପକ୍ଷେ ଅସମ୍ଭବ । ଏ କଥା ଶୁଣି ସିପ୍ରା ବାପା ବୋଉଙ୍କ ଗୋଡ଼ ତଳୁ ମାଟି ଖସିଗଲା ପରି ଲାଗିଲା । ଦୁହେଁ କୁଣ୍ଢାକୁଣ୍ଢି ହୋଇ କାନ୍ଦିବାକୁ ଲାଗିଲେ ।

ଏହି ସମୟରେ ସିପ୍ରା ବୋଉକୁ ପାଖକୁ ଡାକି କହିଲା । ବୋଉ ମୋର ଗୋଟିଏ ଶେଷ କଥା ରଖିବୁ । ମୁଁ ଟିକେ ସୋମୁକୁ ଭାଇଙ୍କୁ ଦେଖିବାକୁ ଚାହେଁ । ସୋମୁକୁ ଖବର ଦେଲାପରେ ସୋମୁ ଆସି ପହଞ୍ଚିଲା । ସୋମୁକୁ ଦେଖି ସିପ୍ରା ବହୁତ ଖୁସି ହେଲା ।

ସୋମୁର ହାତ ଧରି ବହୁତ କାନ୍ଦିଲା ସିପ୍ରା । ତାର କାନ୍ଦ ଦେଖି ବାପା, ବୋଉ, ସୋମୁ ସମସ୍ତେ କାନ୍ଦି ପକାଇଲେ । ସୋମୁ ହାତଧରି ସିପ୍ରା କହିଲା ଭାଇ ତମ ଭଉଣୀ ତମକୁ ଛାଡି ବହୁତ ଦୁରକୁ ଚାଲିଯାଉଛି । ତମର ମୋର ସମ୍ପର୍କରେ କଳଙ୍କ ନଲାଗୁ ସେଥିପାଇଁ ତମକୁ ମୁଁ ଡାକିଛି । ବାପା ବୋଉ ତାଙ୍କ ଭୁଲ ବୁଝିପାରିଥିଲେ । କିଛି ଦିନ ହେଲା ମୁଁ ପଏଜନ ଅଳ୍ପ ଅଳ୍ପ ଖାଉଥିଲି । ଯୋଉଥି ପାଇଁ ଆଜି ମୋର ଏ ଅବସ୍ଥା । ସିପ୍ରା କହିଲା । ନିଜ ଲୋକମାନେ ଯେତେବେଳେ ମୁହଁ ଫେରାଇ ନିଅନ୍ତି । ସେତେବେଳେ ସବୁ ବାଟ ବନ୍ଦ ହେଇଯାଏ ।

ସବୁ ଭୁଲ ବୁଝିପାରିଲେ ବାପା ଆଉ ବୋଉ । ସେତେବେଳକୁ ସିପ୍ରା ଆଉ ତାଙ୍କ ପାଖରେ ନଥିଲା । ପ୍ରକୃତ ସତ୍ୟ ନ ଜାଣି କାହାକୁ ଦୋଷୀ ଭାବିବା ଉଚିତ ନୁହେଁ ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ସ୍ମାର୍ଟସିଟି ଭୁବନେଶ୍ୱରରେ ଅସୁରକ୍ଷିତ ନାବାଳିକା, ମହିଳା

ଭୁବନେଶ୍ୱର,୨୮/୧୧ (ନି.ପ୍ର): ସ୍ମାର୍ଟସିଟି ଭୁବନେଶ୍ୱର। ଇଏ ପୁଣି ଆମ ରାଜଧାନୀ। ଏଠି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟଶାସନ ସଚିବ ପର୍ଯ୍ୟନ୍ତ ରହୁଛନ୍ତି। ଏଠି ରହୁଛନ୍ତି ପୁଲିସ୍ କମିଶନର। କେବଳ ଏତିକି ନୁହେଁ, ଏଠାରେ ବହୁ ବଡ଼ବଡ଼ ରାଜନେତାଙ୍କଠାରୁ ଆରମ୍ଭ କରି ବଡ଼ବାବୁ ଓ ବାବୁଆଣୀମାନେ ମଧ୍ୟ ରହୁଛନ୍ତି। ଆଉ ନାରୀ ସ୍ୱାଧୀନତା ଓ ସୁରକ୍ଷା ନେଇ ଦେଉଛନ୍ତି ଲମ୍ବାଲମ୍ବା ଭାଷଣ। ତଥାପି ଏଠି ମହିଳା ଓ ନାବାଳିକା ଅସୁରକ୍ଷିତ। ନିତି ଆୟୋଗଙ୍କ ଅର୍ବାନ ଇଣ୍ଡେକ୍ସ ରିପୋର୍ଟରୁ ଏପରି ଖୋଲାସା ହେବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ନିତି ଆୟୋଗର ଅର୍ବାନ ଇଣ୍ଡେକ୍ସ ରିପୋର୍ଟ ୨୦୨୧-୨୨ ଅନୁଯାୟୀ ଭୁବନେଶ୍ୱରରେ ଅସୁରକ୍ଷିତ ନାବାଳିକା ଓ ମହିଳା। ରାଜଧାନୀରେ ପ୍ରତି ଲକ୍ଷେରେ ୧୭୦ରୁ ଅଧିକ ମହିଳା ବିରୋଧୀ ଅପରାଧ ଘଟୁଥିବା ବେଳେ ୫୫ ନାବାଳିକା ଯୌନ ଅପରାଧର ଶିକାର ହେଉଛନ୍ତି। ପ୍ରତି ଲକ୍ଷେରେ ଘରୋଇ ହିଂସାର ଶିକାର ହେଉଛନ୍ତି ୨୩ ଜଣ। ସେହିପରି ୧୦ ହଜାର ଶିଶୁଙ୍କ ମଧ୍ୟରେ ୯ରୁ ଅଧିକ ଶିଶୁ ନିଖୋଜ ହେଉଥିବା ବେଳେ ପ୍ରତି ଲକ୍ଷେରେ ୧୪ ଜଣ ସାଇବର ଅପରାଧର ଶିକାର ହେଉଛନ୍ତି। ଅର୍ଥନୈତିକ ଅପରାଧ ମଧ୍ୟ କିଛି କମ ନୁହେଁ। ଲକ୍ଷେ ଜନ ସଂଖ୍ୟାରେ ୭୩ରୁ ଅଧିକ ଅର୍ଥନୈତିକ ଅପରାଧର ଶିକାର ହେଉଥିବା ବେଳେ ଦୁର୍ନୀତି ବିରୋଧରେ ଲକ୍ଷେ ଜନସଂଖ୍ୟାରେ ୩ ରୁ ଅଧିକ ମାମଲା ରୁଜୁ ହେଉଛି।

# ଅଦୃଶ୍ୟ ମୁଦ୍ରା ମୋହରେ ନିବେଶକ : ବାଜିରେ ଲାଗିଛି ୪୦ ହଜାର କୋଟି

ଭୁବନେଶ୍ୱର,୨୮/୧୧ (ନି.ପ୍ର): କ୍ରିପ୍ଟୋ କରେନସିକୁ ନେଇ ଦେଶରେ ଏବେ ହଟଚମଟ ସୃଷ୍ଟି ହୋଇଛି। ଏହି ଡିଜିଟାଲ ମୁଦ୍ରାକୁ ନେଇ ଯେତିକି ଉତ୍ସାହ, ସେତିକି ଅନିଶ୍ଚିତତା ମଧ୍ୟ ରହିଛି। ଏହାକୁ ନେଇ ସାରା ବିଶ୍ୱରେ ବିଶେଷ କରି ଯୁବ ପିଢ଼ି ମଧ୍ୟରେ ଅତିମାତ୍ରାରେ ଉତ୍ସାହ ଦେଖିବାକୁ ମିଳୁଛି। ସେମାନେ କୋଟି କୋଟି ଡଲାର ଏହି ବ୍ୟବସ୍ଥାରେ ନିବେଶ କରୁଛନ୍ତି। ରାତାରାତି ବହୁଗୁଣା ଲାଭ ଲୋଭରେ ଆଖିବୁଜି ନିବେଶ କରିବାରେ ଲାଗିଛନ୍ତି। ୨୦୦୯ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ସାରା ବିଶ୍ୱରେ ଏବେ ୬୦ ହଜାର କୋଟି ଡଲାର ବା ପ୍ରାୟ ୪୫ ଲକ୍ଷ କୋଟି ଟଙ୍କାର କାରବାର ଚାଲିଛି। ସେଥିମଧ୍ୟରୁ କେବଳ ଭାରତରେ ଦେଢ଼ କୋଟିରୁ ଦୁଇ କୋଟି ନିବେଶକ ୪୦ ହଜାର କୋଟି ଟଙ୍କା ନିବେଶ କରିଛନ୍ତି। ଚିଟ୍‌ଫଣ୍ଡ ଭଳି ଦେଖାଯାଉଥିବା ଏହି ବ୍ୟବସ୍ଥାରେ ଲାଭର ଆଶା ଯେତେ ରହିଛି ତାହାଠାରୁ ଅଧିକ କ୍ଷତିର ଆଶଙ୍କା ମଧ୍ୟ ରହିଛି। ସରଳ ଭାଷାରେ କହିବାକୁ ଗ ?ଲେ କ୍ରିପ୍ଟୋ କରେନସି ଅର୍ଥ ହେଉଛି ଗୁପ୍ତ ମୁଦ୍ରା ବା ଗୁପ୍ତ ଧନ। ବିଭିନ୍ନ ଘରୋଇ ସଂସ୍ଥା ନିଜ ନିଜର ଆପ୍ ମାଧ୍ୟମରେ କାଗଜବିହୀନ ମୁଦ୍ରା ପ୍ରଚଳନ କରୁଛନ୍ତି। ଏହାକୁ ଡିଜିଟାଲ ମୁଦ୍ରା କୁହାଯାଉଛି। ଏବେ ୬ ହଜାର ପ୍ରକାର ଡିଜିଟାଲ ମୁଦ୍ରା ବିଶ୍ୱରେ ପ୍ରଚଳନ ହେଉଛି। ଏଥିରେ ସବୁଠାରୁ ଲୋକପ୍ରିୟ ରହିଛି ବିଟ୍‌କଏନ୍, ଏଥେରାମ୍, ଟେଥର। ଏହି ସଂସ୍ଥାମାନେ ନିଜ ମୁଦ୍ରାର ପ୍ରାଥମିକ ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ଏହାର ଚାହିଦା ଯେତେ ବଢ଼ିବ, ମୂଲ୍ୟ ବି ସେହି ଅନୁପାତରେ ବଢ଼ିବ। ଚାହିଦା କମିଲେ ମୂଲ୍ୟ କମିଯାଏ। ସେୟାର ବଜାର ଭଳି ଏହା କାମ କରୁଛି। ୨୪ ଘଣ୍ଟା ଧରି ଏହି ବଜାର ବା ମେକାନିଜମ କାମ କରୁଥିବାରୁ ଏହାର ମୂଲ୍ୟ ପ୍ରତି ମୁହୂର୍ତ୍ତରେ ବଦଳୁଛି। ତଥ୍ୟ ଅନୁସାରେ ଗୋଟିଏ ବିଟକଏନ୍ ଦାମ ଚଳିତ ବର୍ଷ ଆରମ୍ଭରେ ୩୪ ହଜାର ଡଲାର (୨୫ ଲକ୍ଷ ୫୦ ହଜାର ଟଙ୍କା) ଥିବା ବେଳେ ନଭେମ୍ବର ୯ରେ ଏହା ସର୍ବୋଚ୍ଚ ସ୍ତର ୬୭ ହଜାର ଡଲାର(୫୦ ଲକ୍ଷ ଟଙ୍କା)କୁ ଛୁଇଁଥିଲା। ଏବେ ଏହା ପ୍ରାୟ ୪୪ ଲକ୍ଷ ଟଙ୍କାରେ କାରବାର ହେଉଛି। ଫଳରେ ଲୋକମାନେ ଏଥିରେ ଆକର୍ଷିତ ହୋଇ ନିବେଶ କରୁଥିବା ଦେଖିବାକୁ ମିଳୁଛି। ନିବେଶକାରୀ ବିଟକଏନ୍ ଭଳି ଡିଜିଟାଲ ବା ଅଦୃଶ୍ୟ ମୁଦ୍ରାର ଆପ୍ ଡାଉନଲୋଡ୍ କରି ଏହିସବୁ ମୁଦ୍ରା ସହଜରେ କିଣିପାରୁଛନ୍ତି। ମୁଦ୍ରାର ମୂଲ୍ୟ ଅନୁସାରେ ବ୍ୟାଙ୍କ ଆକାଉଣ୍ଟରୁ ଏହି ଆପ୍‌କୁ ଅର୍ଥ ଟ୍ରାନ୍ସଫର କରୁଛନ୍ତି। ଏଭଳି ଡିଜିଟାଲ ମୁଦ୍ରା ଗ୍ରାହକଙ୍କ ଆପ୍ ଆକାଉଣ୍ଟରେ ରହୁଛି। ଏଥିପାଇଁ କୋଡିଂ (ପାସ୍ ୱାର୍ଡ) ବ୍ୟବସ୍ଥା ଏମିତି କରାଯାଇଛି ଯେ ଅନ୍ୟ କେହି ଏସଂକ୍ରାନ୍ତ ତଥ୍ୟ ପାଇପାରିବେ ନାହିଁ। ଗ୍ରାହକ ଚାହିଁଲେ ଏହାକୁ ବିକିପାରିବ କିମ୍ବା ଅନଲାଇନରେ ବିଶ୍ୱର ଯେକେ ?ଣସି ସ୍ଥାନକୁ ପଠାଇପାରିବ। ଅର୍ଥ ଟ୍ରାନ୍ସଫର ଲାଗି ବ୍ୟାଙ୍କ ଭଳି ମଧ୍ୟସ୍ଥିର କେ ?ଣସି ଭୂମିକା ରହିବ ନାହିଁ। ତେବେ ଏହି ବ୍ୟବସ୍ଥାରେ ସବୁଠାରୁ ଚିନ୍ତାଜନକ କଥା ହେଲା ଯେ ବିଭିନ୍ନ ଘରୋଇ ସଂସ୍ଥା ଏହାକୁ ଚଳାଇଛନ୍ତି ଏବଂ ଏଥିରେ ସରକାରୀ ନିୟନ୍ତ୍ରଣ ଆଦୌ ? ନାହିଁ। ଏହି ଅର୍ଥ କୁଆଡ଼େ ଯାଉଛି, କିଏ ପାଉଛି, କେତେ ପାଉଛି, କ୍ରିପଟୋ ଆପ୍ ଆକାଉଣ୍ଟରେ କେତେ ଅର୍ଥ ରହୁଛି, ସେହି ତଥ୍ୟ କେବଳ ଅର୍ଥ ଦେଉଥିବା ଏବଂ ଅର୍ଥ ନେଉଥିବା ଲୋକ ବା ସଂସ୍ଥା ହିଁ ଜାଣନ୍ତି। ତେଣୁ ଏହି ବ୍ୟବସ୍ଥାରେ ଅର୍ଥ ହେରଫେର ହେବାର ଆଶଙ୍କା ସହିତ ଆତଙ୍କବାଦୀ ପାଣ୍ଠିକୁ ଯିବାର ଭୟ ମଧ୍ୟ ରହିଛି।

# ଝାଡ଼ଖଣ୍ଡ ପଦାଧିକାରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୭ ନଭେମ୍ବର – ଓଡ଼ିଶାରେ ଜନଜାତିଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ନିଆଯାଉଥିବା ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମଗ୍ର ଭାରତର ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଯୋଜନା ନିର୍ବାହୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ଝାଡ଼ଖଣ୍ଡର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପଦାଧିକାରୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ ।

ପ୍ରଥମ ଦିବସରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଝାଡ଼ଖଣ୍ଡର ଅତିରିକ୍ତ ସଚିବ ରବିରଞ୍ଜନ ମିଶ୍ର ଓ ଆଇଟିଡିଏ, ରାଂଚିର ପ୍ରକଳ୍ପ ପ୍ରଶାସକ ସୁଧୀର ବାରାଙ୍କୁ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ ଶିକ୍ଷାର ବିକାଶ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଅଭିନବ ଯୋଜନାଗୁଡ଼ିକୁ ଝାଡ଼ଖଣ୍ଡର ପଦାଧିକାରୀମାନେ ପ୍ରଶଂସା କରିଥିଲେ।

ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ, ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଗୁହା ପୁନମ ତାପସ କୁମାର, ନିର୍ଦ୍ଦେଶକ, ଏସ୍‌ସିଏସ୍‌ଟିଆରଟିଆଇ ପ୍ରଫେସର (ଡ.) ଏ. ବି.ଓତା ଏବଂ ଓଡ଼ିଶା ସରକାରଙ୍କର ଅନ୍ୟାନ୍ୟ ପଦାଧିକାରୀମାନେ ଝାଡ଼ଖଣ୍ଡର ପଦାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ । ଓଡ଼ିଶା ରାଜ୍ୟରେ ଜନଜାତି ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଏକ ଉପସ୍ଥାପନା କରାଯାଇଥିଲା।

# ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର,୨୮/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପରିଣାମଦର୍ଶୀ କୃଷିନୀତି ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରି ଚାଲିଛନ୍ତି । ରାଜ୍ୟର ନବୀନ ସରକାର ଚାଷୀ ହତ୍ୟାକାରୀ । ଏହି ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରବକ୍ତା ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଗତ ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରର ଶାଳୀକୋଠା ଗ୍ରାମର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ବିଲରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଚକଡ଼ା ପୋକ ତାଙ୍କ ୪ ଏକର ଧାନ କ୍ଷେତକୁ ନଷ୍ଟ କରି ଦେଇଥିଲା। ଏହି ଚାଷ ପାଇଁ ସେ ୨ ଲକ୍ଷ ଟଙ୍କା ଶତକଡ଼ା ମାସିକ ୪% ହାରରେ ଗାଁ ମହାଜନଠୁ ସୁଧରେ ଆଣିଥିଲେ। ଚାଷ ନଷ୍ଟ ହେବା ନେଇ ଏବଂ ଋଣ ସୁଝି ନ ପାରିବାର ଭୟ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲା। ଠିକ୍ ଅନୁରୂପ ଭାବରେ ଚଳିତ ମାସ ୨୦ ତାରିଖରେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ତୃଣବେଢ଼ା ଗାଁର ବିଭୂତି ଭୂଷଣ ସରକାର ମଧ୍ୟ ନିଜର ୨ ଏକର ପରିମିତ କୋବିଚାଷର ଫସଲ ଅଜଣା ପୋକ ଦ୍ୱାରା କ୍ଷତିଗ୍ରସ୍ତ ହେବା ଏବଂ ୨ ଲକ୍ଷ ଟଙ୍କାର ଋଣବୋଝ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ସେହିପରି ଯଦି ଚାଷୀମାନଙ୍କ ପ୍ରତି ପ୍ରକୃତ ସମ୍ବେଦନଶୀଳତା ଥାଏ, ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରକାରଙ୍କ ଭଳି ଧାନ କିଣାରେ ପ୍ରତି କ୍ୱିଂଟାଲରେ ଅତିରିକ୍ତ ସହାୟତା ଦେଇ ଓଡ଼ିଶା ସରକାର ଚାଷୀମାନଙ୍କଠୁ ୨୯୩୦ ଟଙ୍କାରେ ନିଜେ ଧାନ କିଣି ଉଦାହରଣ ସୃଷ୍ଟି କରନ୍ତୁ ବୋଲି କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାବୀ କରିଛନ୍ତି। ଏହା ସହିତ ରାଜ୍ୟର ସମସ୍ତ ଚାଷୀଙ୍କଠାରୁ ସବୁ ଖରିଫ୍ ଧାନ କିଣିବା ପାଇଁ ନିର୍ଦ୍ଧାରିତ ସମୟରେ ବ୍ୟବସ୍ଥିତ ଢଙ୍ଗରେ ତୁରନ୍ତ ମଣ୍ଡି ଖୋଲିବା, ପୂର୍ବ ବର୍ଷ ଭଳି କୌଣସି ଏକ ଚାଷୀଙ୍କ ଟୋକନ ଲାପ୍ସ ନ କରିବା, କଟଣୀ ଛଟଣୀ ବନ୍ଦ କରିବା, ପରିବହନ ଖର୍ଚ୍ଚ ଓ ଅଖାର ଦାମ୍ ଚାଷୀଙ୍କୁ ଦେବା ପାଇଁ ସେ ଦାବୀ କରିଛନ୍ତି। ଏମ.ଏସ୍.ପିର ଆଇନଗତ ବ୍ୟବସ୍ଥା, ପ୍ରଚଳିତ ଏମ.ଏସ୍.ପିର ବୃଦ୍ଧି, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ଭାଗଚାଷୀ ସୁରକ୍ଷାର ଆଇନ ପ୍ରଣୟନ, ଅଣଧାନ ଚାଷର ଅଭିବୃଦ୍ଧି, ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟ ପତ୍ର ପ୍ରଦାନ, ଆଳୁ ପିଆଜ ଓ ଅନ୍ୟ ପନିପରିବା ଓ ଫୁଲ ଚାଷର ବ୍ୟାପକତା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେମାନେ ଦାବୀ କରିଛନ୍ତି। ଚାଷୀମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କଂଗ୍ରେସ ଆୟୋଜନ କରିବ ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ଦାସ କହିଥିବା ବେଳେ ଏଥିପାଇଁ ଆସନ୍ତା ଡିସେମ୍ବର ୧ ତାରିଖରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ଅଣଦେଖାକୁ ପ୍ରତିବାଦ କରାଯିବା ପାଇଁ ଏହି ବୈଠକରେ ଆନ୍ଦୋଳନର ରୂପରେଖ ଚୂଡ଼ାନ୍ତ ହେବ ବୋଲି ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୯୧ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୮/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୯୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୨ ଜଣ ସଙ୍ଗରୋଧ




କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୩ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ଜଣ, ବୌ ?ଦ୍ଧରୁ ୨ ଜଣ, କଟକରୁ ୧୩ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୧ ଜଣ, ଖୋର୍ଦ୍ଧାରୁ ୮୭ ଜଣ, କୋରାପୁଟରୁ ୧ ଜଣ, ମୟୂରଭଞ୍ଜରୁ ୪ ଜଣ, ନୟାଗଡ଼ରୁ ୧ ଜଣ, ନୂଆପଡ଼ାରୁ ୪ ଜଣ, ପୁରୀରୁ ୪ ଜଣ, ସମ୍ବଲପୁରରୁ ୯ ଜଣ, ସୋନପୁରୁ ୩ ଜଣ, ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ ପୁଲରୁ ୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୮ ହଜାର ୬୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୩୭ ହଜାର ୮୬୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨ ହଜାର ୩୫୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଲୋଧା ଜନଜାତିଙ୍କ ପାରମ୍ପରିକ କଳା ଓ କାରିଗରୀ

ଭୁବନେଶ୍ୱର,୨୮/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଆସନ୍ତାକାଲି (ନଭେମ୍ବର ୨୮) ରବିବାର ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ଓଡ଼ିଶାର ଲୋଧା ଜନଜାତିଙ୍କ କଳା ଓ କାରିଗରୀ ସଂପର୍କରେ ଜାଣିପାରିବେ। ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଗୋଲ୍‌ଡେନ୍ ଗ୍ରାସ୍ ନାମରେ ପରିଚିତ ସବାଇ ଘାସ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ଦେଖାଯାଏ । ପାରମ୍ପରିକ ଭାବେ ଲୋଧା ଜନଜାତି ସେମାନଙ୍କର ସରଳ ଉପକରଣ ଯୋଗେ ସବାଇ ଘାସରୁ ଦଉଡ଼ି ପ୍ରସ୍ତୁତ କରିଥାନ୍ତି । ପ୍ରସ୍ତୁତ ହୋଇଥିବା ଦଉଡ଼ିକୁ ଘରକରଣା ସାମଗ୍ରୀ ପ୍ରସ୍ତୁତରେ ବ୍ୟବହାର କରିବା ପରେ ଅବଶିଷ୍ଟକୁ ବଜାରରେ ବିକ୍ରୟ କରି ରୋଜଗାର କରିଥାନ୍ତି। ସବାଇ ଘାସ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଅଂଶ । ଅତୀତରେ ଦଉଡ଼ି ତିଆରି କରିବା ପାଇଁ ଫାଶ ଘରେଇ ବ୍ୟବହାର କରୁଥିଲେ । ଏବେ ସବାଇ ଘାସରେ ଦଉଡ଼ି ପ୍ରସ୍ତୁତି ନିମନ୍ତେ ସେମାନେ ସରଳ ଯାନ୍ତ୍ରିକ ଉପକରଣ ବ୍ୟବହାର କରୁଛନ୍ତି । କ୍ରମଶଃ ସବାଇ ଘାସ ପ୍ରସ୍ତୁତ ସାମଗ୍ରୀ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଉଅଛି ଏବଂ ପ୍ରସିଦ୍ଧି ଲାଭ କରିଛି ।

# ବୋତଲ, ବ୍ରାଣ୍ଡ, ସରକାରୀ ଲେବଲ, ପ୍ୟାକି ସବୁ ଅସଲି : କିନ୍ତୁ ମଦ ନକଲି

## ନକଲି ବିଦେଶୀ ମଦରେ ଉବୁଟୁବୁ ରାଜ୍ୟ

ଭୁବନେଶ୍ୱର ,୨୮/୧୧ (ନି.ପ୍ର): ବୋତଲ, ବ୍ରାଣ୍ଡ, ସରକାରୀ ଲେବଲ, ପ୍ୟାକିଂ... ସବୁ ଅସଲି। ଚକାଚକ୍ ଦେଖାଯାଉଥିବା ଭଳିକି ଭଳି ନାମୀଦାମୀ ବିଦେଶୀ ବ୍ରାଣ୍ଡ ଭିତରେ କିନ୍ତୁ ମଦ ନକଲି। ଏମିତି ଢଙ୍ଗରେ ତିଆରି ହେଉଛି ଯେ ନକଲି ବୋଲି କେହି ଠଉରାଇ ପାରିବେ ନାହିଁ। କାହାର ସାମାନ୍ୟତମ ସନ୍ଦେହ ମଧ୍ୟ ହେବ ନାହିଁ। ସାରା ରାଜ୍ୟକୁ ମାଡ଼ି ଗଲାଣି ନକଲି ମଦ। କେବଳ ଦେଶୀ ନୁହେଁ, ବିଦେଶୀ ମଦ ବି ଭେଜାଲ୍ ହେଉଛି। ରାଜଧାନୀ, ଉପକଣ୍ଠ ଓ ଖୋର୍ଦ୍ଧା ଜିଲ୍ଲାରେ ମାଳମାଳ କାରଖାନାରେ ଏହି ବେଆଇନ କାରବାର ଚାଲିଥିବା ଜଣାପଡ଼ିଛି। ବିଶେଷକରି ଏହି ନକଲି ମଦ ଢାବା, ରାସ୍ତାକଡ଼ରେ ବିକ୍ରି ହେଉଛି। କେତେବେଳେ ଜୀବନ ନେଇଯିବ, ତାହା କହିବା ମୁସ୍କିଲ। ୨୦୨୧ ଅକ୍ଟୋବର ୯ ତାରିଖରେ ବାରିପଦାରୁ ୯୪ ପେଟି ନକଲି ମଦ ଜବତ କରାଯାଇଥିଲା। ଏହାସହ ମଦରେ ବ୍ୟବହୃତ ରଙ୍ଗ, ବୋତଲ, ଠିପି, ଲେବୁଲ୍ ଜବତ କରାଯାଇଥିଲା। ବାଲେଶ୍ୱର ଭୋଗରାଇ ବାଟଗ୍ରାମଠାରୁ ୯ ଶହ ଲିଟର ନକଲି ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରିଥିଲା ଅବକାରୀ ଥାନା। ନଭେମ୍ବର ୧୦ ତାରିଖରେ ନବରଙ୍ଗପୁର କୋଷମଗୁଡ଼ାରୁ ନକଲି ମଦ, ସ୍ପିରିଟ୍ ଜବତ କରାଯାଇଥିଲା। ଖୋର୍ଦ୍ଧାରୁ ସର୍ବାଧିକ ୨୨୫ଲିଟର ନକଲି ମଦ ଜବତ କରାଯାଇଥିଲା। ବିଗତ ଦିନରେ ଖୋର୍ଦ୍ଧା ଜିଲ୍ଲାରେ ନକଲି ବିଷାକ୍ତ ମଦ ଯୋଗୁଁ ସର୍ବାଧିକ ଜୀବନ ଯାଇଛି। ଏତେ ପରିମାଣର ନକଲି ମଦ କେମିତି ତିଆରି ହେଉଛି? କେଉଁଠୁ ଆସୁଛି କଞ୍ଚାମାଲ୍ କେଉଁଠି ତିଆରି ହେଉଛି ଜାଲ୍ ସରକାରୀ ଲେବୁଲ କିଏ ଧରିଛି ମଙ୍ଗ କେଉଁଠି ଲୁଚିଛି କିଙ୍ଗପିନ୍? ଏସବୁ ଉପରୁ ଏଯାଏ ରହସ୍ୟ ଉଠିପାରିନାହିଁ।



ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନକଲି ବିଦେଶୀ ମଦ ତିଆରିରେ ବ୍ୟବହୃତ ସ୍ପିରିଟ୍ ପଶ୍ଚିମବଙ୍ଗରୁ ଆସୁଛି। ଓଡ଼ିଶା ସୀମା ଦେଇ ପ୍ରତିଦିନି ହଜାର ହଜାର ଲିଟର ଆସୁଛି ରାଜଧାନୀ ଯାଏ। ଜାଲ୍ ସରକାରୀ ଲେବୁଲ ତିଆରି କରାଯାଉଛି କୋଲକାତାରେ। ସେଠାରୁ ଲେବୁଲ ଓ ନାମୀଦାମୀ କମ୍ପାନିର ଲୋଗୋ ଆସୁଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଗଞ୍ଜାମକୁ ଏ ସବୁ ସାମଗ୍ରୀ ଆସୁଛି। ଏହା ପରେ ପ୍ରସ୍ତୁତ କରାଯାଉଛି ନକଲି ମଦ। ସ୍ପିରିଟ୍‌ରେ ପାଣି, କାରାମେଲ୍, ରଙ୍ଗ ମିଶାଯାଇ ନକଲି ମଦ ତିଆରି କରାଯାଉଛି। ଏହା ପରେ ମେସିନ୍ ସାହାଯ୍ୟରେ ପ୍ୟାକିଂ କରାଯାଉଛି। ପୂରା ଅସଲି ଭଳି ଦେଖା ଯାଉଥିବା ଏହି ନକଲି ମଦକୁ ଚୋରା ବେପାରୀମାନେ ଆଣି ଢାବା ଓ ଅନ୍ୟ ସ୍ଥାନରେ ବିକ୍ରି କରୁଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜଧାନୀ ଉପକଣ୍ଠ ହଂସପାଳ, ବାଲିଅନ୍ତା, ଚନ୍ଦକା, ବାରଙ୍ଗ ଅଞ୍ଚଳରେ ମଦ ମାଫିଆମାନେ ଏହି ନକଲି କାରବାରର ମଙ୍ଗ ଧରିଛନ୍ତି। ସେହିପରି ଖୋର୍ଦ୍ଧା, ବାଲୁଗାଁ ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ବିପୁଳ ପରିମାଣର ନକଲି ମଦ ତିଆରି ହେଉଛି। ହାତଗଣତି କିଛି ବେପାରୀ ଗିରଫ ହୋଇଥିଲେ ମଧ୍ୟ ଏହା ପଛରେ ଥିବା କିଙ୍ଗପିନ୍ ଧରାପଡ଼ୁ ନାହାନ୍ତି।

ପୂର୍ବତନ ଅବକାରୀ କମିସନର ସୁଦର୍ଶନ ନାୟକଙ୍କ କହିବା ଅନୁସାରେ, ସରକାରୀ ମଦରେ ନିର୍ଦ୍ଦିଷ୍ଟ ପରିମାଣର ଭାଗମାପ ରହିଥାଏ। କିନ୍ତୁ ନକଲି ମଦରେ ସେମିତି କିଛି ନ ଥାଏ। ନକଲି ମଦରେ ଟାରଟାରିକ୍ ଏସିଡ୍, ଆସେଟିକ୍ ଏସିଡ୍, ଆଲଡେହାଇଡ୍ ଏସିଡ୍, ମିଥାଇଲ୍ ଆଲକହଲ୍ ଅଧିକ ପରିମାଣରେ ରହିଥାଏ। ଯଦି ନିର୍ଦ୍ଦିଷ୍ଟ ସୀମାଠାରୁ ମିଥାଇଲ ଆଲକହଲ୍ ପରିମାଣ ଅଧିକ ହୋଇଯାଏ, ତାହା ମଣିଷର ଜୀବନ ନେଇପାରେ। ନକଲି ଦେଶୀ ମଦରେ ଅଧିକ ବିଷାକ୍ତ ହେବାର ସମ୍ଭାବନା ରହିଥାଏ। ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ କହିଛନ୍ତି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୨୦-୨୧ ବର୍ଷରେ ୧୧୭ ଲିଟର ନକଲି ମଦ ଜବତ ହୋଇଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ଅକ୍ଟୋବର ସୁଦ୍ଧା ପ୍ରାୟ ୪୧୫୦ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏଥିରୁ ରାଜ୍ୟରେ ନକଲି ମଦ କାରବାର ସ୍ପଷ୍ଟ ବାରି ହୋଇପଡ଼ୁଛି।

# ହ୍ୟାକରଙ୍କୁ ସାବାଡ଼୍ କରିବ ସିଏସ୍‌ଓସି

ଭୁବନେଶ୍ୱର ,୨୮/୧୧ (ନି.ପ୍ର): ବିଦେଶରେ ରହି ହ୍ୟାକରମାନେ ଆମ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ୱେବ୍‌ସାଇଟ୍‌କୁ ଅଚଳ କରିପାରୁଛନ୍ତି। ଭାରତରେ ରହୁଥିବା କିଛି ବିଦେଶୀ(ନାଇଜେରୀୟ) ନାଗରିକ ମଧ୍ୟ ଆମ ଦେଶର ସରକାରୀ ୱେବ୍‌ସାଇଟ୍‌କୁ ହ୍ୟାକ୍ କରିପାରୁଛନ୍ତି। ଏହାକୁ ମୁକାବିଲା ଲାଗି ଏବେଠୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୀର୍ଘସୂତ୍ରୀ ଯୋଜନା କରୁଥିବା ଜଣାପଡ଼ିଛି। ହ୍ୟାକରଙ୍କୁ ସାବାଡ଼୍ କରିବା ପାଇଁ ଗଠନ ହେବ ସାଇବର ସିକ୍ୟୁରିଟି ଅପରେସନ୍ ସେଣ୍ଟର(ସିଏସ୍‌ଓସି)। ୱେବ୍‌ସାଇଟ୍ ହ୍ୟାକ୍ ହେବା ମାତ୍ରେ ହ୍ୟାକରକୁ ଠାବ କରିବା ଓ ୱେବ୍‌ସାଇଟ୍‌କୁ ତ୍ୱରିତ୍ କାର୍ଯ୍ୟକ୍ଷମ କରିବା ଏହାର ମୁଖ୍ୟ କାମ ହେବ। ସାଇବର ଅପରାଧ ଓ ତଥ୍ୟ ଚୋରିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ପ୍ରଶାସନ ଏବେ ଏକ ନୂଆ ଧରଣର ସାଇବର ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଯୋଜନା କରୁଛି। ଏହି ପରିକଳ୍ପିତ ସାଇବର ସୁରକ୍ଷା ବ୍ୟବସ୍ଥା ତଥା ସାଇବର ଠକଙ୍କୁ ପ୍ରତିହତ କରିବା ପାଇଁ ରାଜ୍ୟ ପ୍ରଶାସନ ସାଇବର ସିକ୍ୟୁରିଟି ଅପରେସନ୍ ସେଣ୍ଟର(ସିଏସ୍‌ଓସି) ଗଠନ କରୁଥିବା ଜଣାପଡ଼ିଛି। ଏହାର କାମ ହେଉଛି, ସମସ୍ତ ପ୍ରକାରର ସାଇବର ଅପରାଧଠୁ ନେଇ ସର୍ଭର, ତଥ୍ୟ, ନେଟୱର୍କ, ୱେବ୍‌ସାଇଟ୍ ହ୍ୟାକ୍ ଉପରେ ରୋକ୍ ଲଗାଇବା। ବଡ଼ କଥା ହେଉଛି ଏହା ସରକାରୀ ବିଭାଗର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ। ସିଏସ୍‌ଓସି ନିଜେ ସାଇବର ଠକେଇର ତଦନ୍ତ କରିବା ସହିତ ସରକାରୀ ବିଭାଗ ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜର ୱେବ୍‌ସାଇଟ୍‌କୁ ହ୍ୟାକରଙ୍କ ଠାରୁ ସୁରକ୍ଷା ଯୋଗାଇବ। ସେହିଭଳି ସରକାରୀ ତଥ୍ୟ ଚୋରି କରିବା ପାଇଁ ବିଭିନ୍ନ ବିଭାଗକୁ ବାରମ୍ବାର ଆକ୍ରମଣ କରୁଥିବା ସାଇବର ଠକଙ୍କୁ ଠାବ କରି ସେମାନଙ୍କୁ ଗିରଫ କରିବାକୁ ସିଏସ୍‌ଓସିର ସ୍ୱତନ୍ତ୍ର ୱିଙ୍ଗ୍ କାର୍ଯ୍ୟ କରିବ।

# ଜିଲ୍ଲାପାଳ, ସିଡିଏମ୍‌ଓଙ୍କୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ: ବିଦେଶ ଫେରାନ୍ତଙ୍କ ଉପରେ କଡ଼ା ନଜର ରଖ

ଭୁବନେଶ୍ୱର ,୨୮/୧୧ (ନି.ପ୍ର): ଦକ୍ଷିଣ ଆଫ୍ରିକାରେ କରୋନାର ଏକ ନୂଆ ଭାରିଏଣ୍ଟ 'ଓମ୍ରିକନ୍'(ବି.୧.୧.୫୨୯) ଚିହ୍ନଟ ହେବା ପରେ ବିଶ୍ୱବ୍ୟାପୀ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଏକାଧିକ ଦେଶରେ ଏହି ଭାରିଏଣ୍ଟ ଚିହ୍ନଟ ହେବା ପରେ ଏବେ ବିଦେଶ ଫେରାନ୍ତଙ୍କ ଉପରେ ସମସ୍ତଙ୍କର ନଜର ରହିଛି। ତେଣୁ ଏହି ଭାରିଏଣ୍ଟ ଚିହ୍ନଟ ହୋଇଥିବା ଦେଶରୁ ଓଡ଼ିଶାକୁ ଫେରୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ସବୁ ଜିଲ୍ଲାପାଳ, ସିଡିଏମ୍‌ଓଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟରେ ଗତ କିଛିଦିନ ହେବ ସ୍କୁଲ/କଲେଜ ହଷ୍ଟେଲରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହା କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ହୋଇ ରହିନାହିଁ। ଏକାଧିକ ଜିଲ୍ଲାରେ ଆକ୍ରାନ୍ତ ଚିହ୍ନଟ ହେଉଥିବା ନଜରକୁ ଆସୁଛି। ରାଜ୍ୟରେ ସ୍କୁଲ, କଲେଜ ଖୋଲିଥିବା ବେଳେ ଏଥିରେ ହେବାକୁ ଥିବା ସଂକ୍ରମଣକୁ ରୋକିବା ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିଛି। ଏଭଳି ପରିସ୍ଥିତିରେ ସବୁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଟେଷ୍ଟିଂ-ଟ୍ରାକିଂ-ଟ୍ରିଟମେଣ୍ଟ-ଟିକାକରଣ ଓ କୋଭିଡ ନୟମାବଳୀର କିଭଳି କଡ଼ାକଡ଼ି ପାଳନ ହେବ ତାହାକୁ ଗୁରୁତ୍ୱ ଦିଆଯାଉ। ଯେଉଁ ସମ୍ବେଦନଶୀଳ ଅଞ୍ଚଳରୁ କୋଭିଡ ପଜିଟିଭ୍ ଚିହ୍ନଟ ହେଉଥିବା ନମୁନାଗୁଡ଼ିକୁ ଜିନ୍ ଅନୁଶୀଳନ ପାଇଁ ଲ୍ୟାବ୍‌କୁ ପଠାଇବାକୁ କୁହାଯାଇଛି। ବିଶେଷକରି ସ୍କୁଲ, କଲେଜର ହଷ୍ଟେଲ୍ ସହିତ ଏକାଠି ହେଉଥିବା ଅନ୍ୟ ସ୍ଥାନ ଉପରେ କଡ଼ା ନିରୀକ୍ଷଣ ରଖିବା ସହିତ ଶ୍ରେଣୀଗୃହ ଗୁଡ଼ିକର ନିୟମିତ ସାନିଟାଇଜେସନ୍, ଜନଗହଳି ସ୍ଥାନ ଓ ଅନ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଯେପରି କୋଭିଡ ନିୟମାବଳୀ ପାଳନ ହୋଇପାରିବ ତାହାର ଏନଫୋର୍ସମେଣ୍ଟ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ନିୟମିତ ନମୁନା ପରୀକ୍ଷା ସହିତ ଟିକାକରଣକୁ ବ୍ୟାପକ କରିବା ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ, ପିଆରଆଇ ମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ଜିଲ୍ଲାମାନଙ୍କୁ କୁହାଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୨୬୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ଖସି ଆସିଥିବା ବେଳେ ପୁଣିଥରେ ଏହା ଶହେ ପାର୍ କରିଛି। ଜିଲ୍ଲାରୁ ୧୨୭ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହାବାଦ୍ ମୟୂରଭଞ୍ଜ ୨୬, ସୁନ୍ଦରଗଡ଼ ୧୬, କଟକ ୧୪, ଯାଜପୁର ୮, ସମ୍ବଲପୁର ୯ ଓ ଷ୍ଟେଟ୍ ପୁଲରୁ୨୮ଜଣ ଚିହ୍ନଟ ହୋଇଛନ୍ତି। ମାତ୍ର ଆଶ୍ୱସ୍ତିର ବିଷୟ ହେଉଛି ରାଜ୍ୟର ୧୦ଟି ଜିଲ୍ଲାରୁ ଜଣେ ହେଲେ ବି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ଗତ ୨୪ଘଣ୍ଟାର ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୪୮ହଜାର ୪୯୨କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଉ ୩ଜଣ କରୋନାରେ ପ୍ରାଣ ହରାଇଛନ୍ତି।

# ଲୋକସେବା ଭବନ କର୍ମଚାରୀଙ୍କୁ ଆରଏଫ୍‌ଆଇଡି ପରିଚୟ ପତ୍ର

ଭୁବନେଶ୍ୱର ,୨୮/୧୧ (ନି.ପ୍ର): ଲୋକସେବା ଭବନର ଅଧିକାରୀ ଓ କର୍ମଚାରୀଙ୍କୁ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ (ଆରଏଫ୍‌ଆଇଡି) ଟେକ୍ନୋଲୋଜିଯୁକ୍ତ ପରିଚୟ ପତ୍ର ପ୍ରଦାନ କରାଯିବ। ଏହି କାର୍ଡ ମାଧ୍ୟମରେ କର୍ମଚାରୀମାନଙ୍କ ଉପସ୍ଥାନ ଉପରେ ନଜର ରଖାଯିବା ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସୁରକ୍ଷା ମଧ୍ୟ ନିଶ୍ଚିତ କରାଯାଇପାରିବ। ଖାରବେଳ ଭବନ ଓ ରାଜୀବ ଭବନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ଏହି ଉନ୍ନତ ଜ୍ଞାପକେଶଳର ପରିଚୟ ପତ୍ର ପ୍ରଦାନ କରାଯିବ। ଏହି ପରିଚୟ ପତ୍ର ପାଇଁ ସମସ୍ତ ବିବରଣୀ ଦାଖଲ କରିବାକୁ କର୍ମଚାରୀମାନଙ୍କୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗର ନିୟମିତ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ ଓ ଓଏସ୍‌ଡିମାନଙ୍କୁ ମଧ୍ୟ ଏହି କାର୍ଡ ଦିଆଯିବ। ତେବେ ସର୍ଭିସ୍ ପ୍ରୋଭାଇଡରଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହା ଲାଗୁ ହେବ ନାହିଁ।

# ଡିସେମ୍ବର ୧୯ରୁ ଆରମ୍ଭ ହେବ ମୟୁରଭଞ୍ଜ ମହୋତ୍ସବ



ବାରିପଦା, ୨୮/୧୧ (ନି.ପ୍ର): ୨୦୧୬ ମସିହାରୁ ଆରମ୍ଭ ହୋଇଥିବା 'ମୟୁରଭଞ୍ଜ ମହୋତ୍ସବ' ୨୦୨୦ ମସିହାରେ ମହାମାରୀ କରନା କଟକଣା ଯୋଗୁଁ ମହୋତ୍ସବ ହୋଇପାରିନଥିଲା । କିଛିଦିନ ତଳେ ରାଜ୍ୟ ସରକାର କଟକଣାକୁ କୋହଳ କରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଟକଣା ଯୁକ୍ତ ଅନୁମତି ପ୍ରଦାନ ଯୋଗୁଁ ମୋହତ୍ସବ କମିଟି ଆଗାମୀ ଡିସେମ୍ବର ମାସ ୧୯ତାରିଖ ଠାରୁ ୨୬ ଡ଼ିସେମ୍ବର ପର୍ଯ୍ୟନ୍ତ ୫ମ ବର୍ଷ ମୟୁରଭଞ୍ଜ ମହୋତ୍ସବ ଆୟୋଜନ କରିବାର ନିଷ୍ପତି ଗ୍ରହଣ କରିଛି । ଡିସେମ୍ବର ୧୯ ଦିନ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ ଏବଂ ଡିସେମ୍ବର ୨୦ତାରିଖ ଠାରୁ ଡ଼ିସେମ୍ବର ୨୬ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଜି ମୋହତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ତାସହିତ ଏହି ୭ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚିତ୍ର ଜଗତର ସୁପରଷ୍ଟାର ବାବୁସାନ ମହାନ୍ତି, କମେଡି କିଙ୍ଗ ପପୁ ପମ ପମ, ଓଡ଼ିଆ ଚକଲେଟ ହିରୋ ସ୍ୱରାଜ ବାରିକ, ପ୍ରସିଦ୍ଧ ସାନ୍ତାଳୀ ଗାୟିକା କଳ୍ପନା ହାଂସଦା, ସାନ୍ତାଳୀ ଅଭିନେତ୍ରୀ ତଥା ଗାୟିକା ଡଗର ଟୁଡୁ, ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ, ସାନ୍ତାଳୀ ଜଗତର ବିଭିନ୍ନ ନାମୀ ଦାମୀ ଗାୟକ ଗାୟିକା ଓ ହିରୋ ହିରୋଇନ, ଓଡ଼ିଆ କମେଡି ଷ୍ଟାର ଯୋଡ଼ି ପ୍ରଜ୍ଞା ଶଙ୍କର, ବିଭିନ୍ନ ନାମିଦାମୀ ଝୁମର କଳାକାରଙ୍କ ସହିତ ରାଜ୍ୟ ଓ ରାଜ୍ୟ ବାହାର ବିଭିନ୍ନ କଳାକାର ଏବଂ ସମଗ୍ର ଜିଲ୍ଲାର ବିଭିନ୍ନ କଳାକାର ଗ୍ରୁପ, ଛଉ ନୃତ୍ୟ କଳାକାର ମାନଙ୍କୁ ସାମିଲ କରିବାକୁ ପ୍ରସ୍ତୁତି ଜୋରଦାର ଚାଲିଛି ବୋଲି ମହୋତ୍ସବ କମିଟି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ପ୍ରଦାନ କରିଛନ୍ତି । ଆଜିକାର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ କମିଟି ପକ୍ଷରୁ ଭାଦବ ହାଂସଦା, ସଂଜୀବ ଦ୍ୱିବେଦୀ, ବିପ୍ଳବ ବୁଗୁଡ଼େଇ, ତାପସ ପାଢ଼ୀ, ନିରଞ୍ଜନ ସାହୁ, ଅସୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିସେମ୍ବର ୨ରେ ଆର୍ଟ ଏଣ୍ଡ କ୍ରାଫ୍ଟ ଫେଷ୍ଟିଭାଲ

ବାରିପଦା, ୨୮/୧୧ (ନି.ପ୍ର): ଆସନ୍ତା ଡ଼ିସେମ୍ବର ମାସ ୨ ତାରିଖ ଦିନ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ପିଲାମାନଙ୍କ ପାଇଁ ଚିଲ୍ଡ୍ରେନ ଆର୍ଟ ଏଣ୍ଡ କ୍ରାଫ୍ଟ ଫେଷ୍ଟିଭାଲ ଅନୁଷ୍ଠିତ ହେବ । ପଦ୍ମ ଭୂଷଣ ଯତୀନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ମୟୂରଭଞ୍ଜ କଲଚୁରାଲ ଡେଭଲପମେଣ୍ଟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଫେଷ୍ଟିଭାଲରେ ୫ରୁ ୧୫ ବର୍ଷର ପିଲା ମାନେ ଭାଗ ନେଇ ପାରିବେ । ଏଥିପାଇଁ ପିଲାମାନଙ୍କୁ ନିଜ ନିଜର ଆର୍ଟ ଏଣ୍ଡ କ୍ରାଫ୍ଟ ସାମଗ୍ରୀ ନିଜ ଘରୁ ଆଣିବା ପାଇଁ ପଡିବ । କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ୭୯୭୮୦୬୬୦୦୨ ଏବଂ ୯୭୭୮୦୮୨୦୩୫ ନମ୍ବରରେ ଯୋଗାଯୋଗ କରି ନିଜର ନାମକୁ ତାଲିକାଭୁକ୍ତ କରିବା ପାଇଁ ଆୟୋଜକ ନିବେଦିତା ମହାନ୍ତ ଏବଂ ଶୁଭସ୍ମିତା ହୋତା ପରାମର୍ଶ ଦେଇଛନ୍ତି । ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରାଇବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ମୟୂରଭଞ୍ଜ କଲକୁରାଲ ଡେଭଲପମେଣ୍ଟ ତରଫରୁ ସୂଚନା ଦିଆଯାଇଛି ।

## ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ଜଳେଶ୍ୱର ୨୮/୧୧(ନିପ୍ର): ବାଲେଶ୍ୱର ଜିଲାରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କଲୋପରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରେ ବିଧାୟକ ଅଶ୍ୱିନୀ ପାତ୍ର କାର୍ଡ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଛନ୍ତି । ବରଡିହା, ଖୁଣ୍ଟା, ଚମାରଗାଁ, ମଧୁରାନାଥ, ଚାଫଲା, ଲକ୍ଷ୍ମଣନାଥ, କାଦେରାୟାଁ, ରଘୁନାଥପୁର, କୋଟସାହି ଓ ମ୍ୟୁନିସିପାଲଟିର ୯ନଂ ୱାର୍ଡ ମଂଗଳାତଳା ପ୍ରଭୃତି ସ୍ଥାନମାନଙ୍କରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସବିତା ରାଣୀ ଦଳେଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଡିଓ ଦିପ୍ତିରଂଜନ ସେଠୀ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ସମବାୟବିତ୍ ମାନସ ଜେନା, ସୁଧିର କର, ମଧୁସୂଦନ ସେନାପତି, କାଳୀଚରଣ ଦାସ, ଭୂପତି ପରିଡା, ସବିତା ପରିଡା, ଅଜୟ ମହାନ୍ତି, ବିଶ୍ୱନାଥ ଦାସମହାପାତ୍ର, ରାଧାଶ୍ୟାମ ନାଥ, ଉଦ୍ୟତ ଦାସମହାପାତ୍ର, ବିଶବମ୍ବର ।ଥ, ିକର୍ତ୍ତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସମ୍ଭାବ୍ୟ ତୃତୀୟ ଲହର....

ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ଘରକୁ ଘର ଅଭିଯାନ ମାଧ୍ୟମରେ କୋଭିଡ୍ ଟିକାକରଣକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଟିକାକରଣର ଗ୍ରାମ ସ୍ତରୀୟ କାର୍ଯ୍ୟ-ଯୋଜନାକୁ ଅଗ୍ରାଧିକାର ଭିତିରେ କାର୍ଯ୍ୟାନ୍ୱୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଥିଲେ ଯେ କେତେକ ଦେଶରେ କୋଭିଡର ଏକ ନୂଆ ମିଶ୍ରିତ ପ୍ରକାର ଦେଖାଇଛି। ଏହା ଅଧିକ ମିଶ୍ରିତ ଏବଂ ତୀବ୍ର ହେବାର ସମ୍ଭାବନା ରହିଛି । ତେଣୁ ୧୮ ରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କର ଶତ ପ୍ରତିଶତ ଟିକାକରଣ ଆମ ପାଇଁ ଏକ ବଡ଼ ପ୍ରତିରୋଧକ ହେବ । କୋଭିଡ୍ ପରୀକ୍ଷା କଲାବେଳେ 'ଜେନୋମିକ୍ ସିକ୍ୱେନ୍ସିଂ' କରାଇବା ପାଇଁ ମଧ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଥିଲେ । କୋଭିଡ୍ ନିରାକରଣ ବ୍ୟବହାର ଯଥା ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଏବଂ ସାନିଟାଇଜରର ବ୍ୟବହାର ଆଦିକୁ କଡାକଡି ଭାବେ ପ୍ରବର୍ତନ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ନିୟମ ଭଙ୍ଗ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଜୋରିମାନା ଆଦାୟ ଆଦିକୁ ଅଧିକ ସଘନ ଓ ବ୍ୟାପକ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ କୋଭିଡ୍-୧୯ ମୃତକଙ୍କ ଉତରାଧିକାରୀଙ୍କୁ ଅନୁକଂପା ସହାୟତା ରାଶି ପ୍ରଦାନ ପ୍ରକ୍ରିୟାକୁ ଜନ ସାଧାରଣଙ୍କ ନିମନ୍ତେ ଅଧିକ ସରଳ ଓ ସୁଗମ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

## ପଶ୍ଚିମ ବଙ୍ଗର ନଦିଆରେ ସଡ଼କ....

ସମସ୍ତେ ଏକ ଘରୋଇ ଗାଡ଼ିରେ ଥିଲେ । ତାଙ୍କ ଗାଡ଼ି ହସଂଖଲୀ ପୋଲିସ ଷ୍ଟେସନ ଅଂଚଳର ଫୁଲବାଡ଼ିରେ ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ପୁଲିସ କହିବା ମୁତାବକ, ଏହି ଦୁର୍ଘଟଣା ଘନ କୁହୁଡ଼ି ଏବଂ ଦ୍ରୁତ ଗତି ଯୋଗୁଁ ଘଟିଥିଲା । ଆହତ ମାନଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଥିଲା । କେତେକଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ଥିଲା । ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଗାଡ଼ିରେ ସମସ୍ତ ଲୋକ ଶବସଂସ୍କାର ପାଇଁ ଯାଉଥିଲେ । ସଡ଼କରେ ସାଇଟରେ ଛିଡ଼ାହୋଇଥିବା ପଥର ଟ୍ରକ୍‌କୁ ଧକ୍କା ଦେଇଥିଲା । ଗାଡ଼ିରେ ପାଖାପାଖି ୩୦ ଜଣ ଲୋକ ଥିଲେ । ପୁଲିସ ମାମଲାର ତଦନ୍ତ କରୁଛି ।

## ଗରମ ରହିବ ବିଧାନସଭାର....

ଗ୍ୟାସ୍ ଦର ବୃଦ୍ଧିର ଢାଲ ଧରି ସରକାରୀ ସଭ୍ୟ ଗୃହକୁ ଆସିବାକୁ ପ୍ରସ୍ତୁତି ଚଳାଇଥିବା ଅନୁମାନ କରାଯାଉଛି । କିଛି ଦିନ ଆଗରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦେଇଥିବା ପରାମର୍ଶ କିଭଳି ଗୃହରେ କାର୍ଯ୍ୟକାରୀ ହେବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି । ଅର୍ଥାତ୍ ପ୍ରଶ୍ନକାଳ ଠାରୁ ଆରମ୍ଭ କରି ଗୃହର ବାକି କାର୍ଯ୍ୟ ବିନା ହଟ୍ଟଗୋଳ, ପାଟିତୁଣ୍ଡ ଓ ମୁଲତବୀରେ ସରିବ ନାହିଁ ବୋଲି ଅନୁମାନ କରିବା ଭୁଲ୍ ହୋଇପାରେ । ବିଜେପି ଓ କଂଗ୍ରେସ ମମିତା ମାମଲାରେ ଯେଭଳି ସରକାରଙ୍କୁ ଅକଳରେ ପକାଇଛନ୍ତି ତାହା ଦୁଇ ପାଦ ଆଗକୁ ବଢିବ, ଯେତେବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୃହକୁ ଆସିବେ । କାରଣ ପୂର୍ବରୁ ବିରୋଧୀ ଚେତାବନୀ ଦେଇ ସାରିଛନ୍ତି ମନ୍ତ୍ରୀଙ୍କୁ ଗୃହରେ ପୁରାଇ ଦିଆଯିବ ନାହିଁ । ଏଭଳି ସ୍ଥଳେ ମନ୍ତ୍ରୀଙ୍କ ବିଧାନସଭାକୁ ଆସିବା ସମୟରେ ମଧ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି ।

## ଚୀନକୁ ପୁଣି ଡରିଲା ହୁ! ନୂଆ ....

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନୂଆ ଭାରିଆଂଟ ନାଁ ଏକ୍ସ-ଆଇ ନରଖି ଓମିକ୍ରନ ରଖିଥିବା ଚର୍ଚ୍ଚା ହେଉଛି । ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ ନୂଆ ଭାରିଆଂଟ ନାଁ କାହିଁକି ଓମିକ୍ରନ ରଖିଲା ସେ ନେଇ ସଫେଇ ରଖିଛି । ନୂଆ ଭାରିଆଂଟ ନାଁ ଗ୍ରୀକ୍ ଆଲଫାବେଟ୍ ଅନୁସାରେ ନ୍ୟୁ ରଖିଥିଲେ... ଲୋକମାନେ ଏହାକୁ ଗୋଟିଏ ନୂଆ ଭାଇରସ ବୋଲି ଭାବିଥାନ୍ତେ । ସେହିପରି ଏକ୍ସ-ଆଇ ଅକ୍ଷରରେ ବିଶ୍ୱରେ ଅନେକ ଲୋକ ରହୁଥିବାରୁ ଏହି ନାଁକୁ ମଧ ବାଦ୍ ଦେଇଥିବା କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ତେଣୁ ଗ୍ରୀକ୍ ଆଲଫାବେଟ୍ ଅନୁସାରେ ନୂଆ ଭାରିଆଂଟ ନାଁ ଓମିକ୍ରନ ରଖିଛି ବୋଲି ସଫେଇ ରଖିଛି ହୁ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆଉ ଚୀନ୍ ଭିତରେ ଏହି ଭିତିରି ବୁଝାମଣା କଥା କିଛି ନୂଆ ନୁହେଁ । ଭୟ ହେଉ କି ଆଉ କିଛି... ସବୁବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚୀନ ପ୍ରତି କୋହଳ ମନୋଭାବ ଦେଖାଇ ଆସିଛି । ଯେତେବେଳେ ମହାମାରୀ କରୋନା ଭାଇରସ ଚୀନର ଉହାନ ଲ୍ୟାବରୁ ଉତ୍ପତି ଲାଭ କରିଛି ବୋଲି ରିପୋର୍ଟ ଆଉ ଦାବି ପ୍ରକାଶ ପାଇଥିଲା । ସେତେବେଳେ ଚୀନକୁ ଯାଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ସ୍ପେଶାଲ ଟିମ୍ । ଭୂତାଣୁ କେଉଁଠୁ ବ୍ୟାପିଲା, କେମିତି ସୃଷ୍ଟି ହେଲା ସେନେଇ ଜାଣିବାକୁ ଚେଷ୍ଟା କରିଥିଲା ଏହି ଟିମ୍ । ହେଲେ ଉହାନର ଯେଉଁ ମାର୍କେଟରୁ ଭୂତାଣୁ ବ୍ୟାପିଥିଲା ସେହି ମାର୍କେଟକୁ ଯିବାକୁ ଅନୁମତି ଦେଇନଥିଲା ଚୀନ । ଯାହାକୁ ନେଇ ଆପତି କଣ ପ୍ରଶ୍ନଟିଏ ବି ଉଠାଇନଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ଖାଲି ସେତିକି ନୁହେଁ, ଆମେରିକାର ଗୁଇନ୍ଦା ସଂସ୍ଥା ଚୀନରୁ କରୋନା ବ୍ୟାପିଛି ବୋଲି ଅନେକ ଥର କହିସାରିଲାଣି ।

## ହକି ବିଶ୍ୱକପ୍ ବେଳେ କଳିଙ୍ଗ ଷ୍ଟାଡିୟମକୁ ....

ସଂକ୍ରମଣ ବୃଦ୍ଧି ଆଶଙ୍କାରେ ତାଲାବନ୍ଦ କରି ବାୟୋ ବବଲ ଭିତରେ ବିଶ୍ୱକପ ଖେଳାଯାଉଛି । ତାସତ୍ତ୍ୱେ କିଏ କିଭଳି ଦର୍ଶକଙ୍କୁ ଭିତରକୁ ଆଣୁଛନ୍ତି, ତାହା ଏବେ ବଡ ପ୍ରଶ୍ନ ସୃଷ୍ଟି କରିଛି । ଭାରତ ମ୍ୟାଚ ବେଳେ ଗ୍ୟାଲେରୀରେ ଦର୍ଶକ ମ୍ୟାଚ ଦେଖୁଛନ୍ତି । ଏପରିକି ପାର୍କିଂର ଟିକିଏ ସ୍ଥାନ ବି ଖାଲି ରହୁନି । ଯେତେବେଳେ ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ ବ୍ୟବସ୍ଥା ନାହିଁ ଓ ପାସ ବ୍ୟବସ୍ଥା ଉପରେ କଟକଣା ଜାରି ରହିଛି ସେ ସମୟରେ ଭାରତ ମ୍ୟାଚ ବେଳେ ଦର୍ଶକ କୁଆଡୁ ଆସୁଛନ୍ତି ତାହା କେହି ବୁଝିପାରୁନାହାନ୍ତି । ବିଶ୍ୱକପରେ ଯେଉଁମାନଙ୍କୁ ଷ୍ଟାଡିୟମ ଭିତରକୁ ଯିବାପାଇଁ ଅନୁମତି ମିଳିଛି, ସେମାନଙ୍କର ୪୮ ଘଣ୍ଟାରେ କୋଭିଡ ଟେଷ୍ଟ ହେଉଛି । ତେଣୁ ପ୍ରଶ୍ନ ଉଠୁଛି, ଯେଉଁମାନେ ଘଣ୍ଟାକ ପାଇଁ ଖେଳ ଦେଖିବାକୁ ଆସୁଛନ୍ତି ସେମାନେ କଣ କରୋନା ମୁକ୍ତ ଅଛନ୍ତି । ସେମାନଙ୍କଠାରୁ କଣ ଅନ୍ୟମାନଙ୍କୁ କରୋନା ସଂକ୍ରମଣ ହେବନି । ହକି ବିଶ୍ୱକପରେ କିଛି ଦର୍ଶକ ନିୟମକୁ ବେଖାତିର କରି ଷ୍ଟାଡିୟମ ଭିତରକୁ ଆସିବା ପରେ ଅନେକ ପ୍ରଶ୍ନ ସାମ୍ନାକୁ ଆସୁଛି ।

## ତ୍ରିପୁରାରେ ମୋଦିଙ୍କ....

ବିଜେପି ଉପରେ ଲୋକଙ୍କର ଆସ୍ଥା ଥିବା ପ୍ରମାଣିତ ହୋଇଛି। ସେହିପରି ଟିଏମସି ଏଠାରେ ଅନୁପ୍ରବେଶ କରିଥିବା ସେ କଟାକ୍ଷ କରିଛନ୍ତି। କିନ୍ତୁ ଟିଏମସିକୁ ଲୋକେ ସମର୍ଥନ କରି ନାହାନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ବିଜେପି ଏଠି ଯେତେଦିନ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଉଥିବ ଟିଏମିସି ଖାତା ଖୋଲି ପାରିବ ନାହିଁ। ସେପଟେ ନିର୍ବାଚନରେ ବିଭିନ୍ନ ଅନିୟମିତତା ଅଭିଯୋଗ ଆଣି ଅସିଦ୍ଧ ଘୋଷଣା ପାଇଁ ଟିଏମସି ଦାବି କରିଛି। ତ୍ରିପୁରାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ତ୍ରିପୁରା ଷ୍ଟେଟ ରାଇଫଲ୍ସ ଏବଂ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସର ହଜାର ହଜାର କର୍ମଚାରୀ ସମ୍ବେଦନଶୀଳ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି । ଯେଉଁଠାରେ ଗଣନା କେନ୍ଦ୍ର ରହିଛି। ନିର୍ବାଚନ ସମୟରେ ତ୍ରିପୁରାରେ ଅନେକ ହିଂସା ଘଟଣା ଘଟିସଛି। ଏଠାରେ ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମସି ନିଜ ଆସନ ମଜଭୁତ କରିବାକୁ ଚାହୁଁଛି।

## ଟ୍ରକ୍ ଡ୍ରାଇଭରଙ୍କୁ ଚାପୁଡ଼ା ମାରି ....

ଏହା ଗାଡି ଚାଳକ ସଂଘକୁ ମାଡ ଖାଇଥିବା ଦୁଇ ଡ୍ରାଇଭର ଜଣାଇବା ପରେ ଘଟଣାସ୍ଥଳରେ ପହଂଚିଥିଲେ ଶତାଧିକ ଗାଡି ଚାଳକ । ବିନା କାରଣରେ ଡ୍ରାଇଭରଙ୍କୁ ଦୁର୍ବ୍ୟବହାର କରିଥିବା ତହସିଲଦାର କ୍ଷମା ମାଗିବାକୁ ଦାବି କରିଥିଲା ସଂଘ । ସ୍ଥିତି ବିଗୁଡୁଥିବା ଦେଖି ଚଢେଇଧରା ଫାଣ୍ଡି ଭିତରେ ପଶିଯାଇଥିଲେ ରାସ୍ତାରେ ଯାଂଚ କରୁଥିବା ତହସିଲଦାର, ଆଡିସନାଲ ତହସିଲଦାର ଏବଂ ଆରଆଇ । ଏହାପରେ ଗାଡି ଚାଳକ ସଂଘର ସଦସ୍ୟ, ଚଢେଇଧରା ଫାଣ୍ଡିକୁ ଦୀର୍ଘ ସମୟ ଧରି ଘେରାଉ କରିବାରୁ, ରାଜସ୍ୱ ଅଧିକାରୀ ଦୀର୍ଘ ସମୟ ଧରି ଫାଣ୍ଡି ଭିତରେ ଫସି ରହିଥିଲେ । ତହସିଲଦାର ଦୁଇ ଟ୍ରକ ଡ୍ରାଇଭରକୁ କ୍ଷମା ମାଗିବା ଦାବିରେ ଚଢେଇଧରା ଫାଣ୍ଡି ନିକଟ ରାସ୍ତାକୁ ମଧ ଅବରୋଧ କରିଥିଲେ । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଯାଜପୁର ଏସଡିପିଓ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

## ମେଗା ରକ୍ତଦାନ ଲାଗି ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୨୮/୧୧(ନିପ୍ର): ରକ୍ତର ବିକଳ୍ପ ନ ଥିବା ବେଳେ କୌଣସି ରୋଗୀ ରକ୍ତବିନା ମୃତ୍ୟୁବରଣ କରିବାକୁ ଦିଆ ନ ଯିବା ସଂକଳ୍ପ ନେଇ ଜିଲା ରାକ୍ତଦାତା ସଂଘ ପକ୍ଷରୁ ଦିଆଯାଇଥିବା ନାରା ପରିପ୍ରେକ୍ଷୀରେ ବୁଖାରୀବାବା ଅର୍ଡର ସାପ୍ଲାୟାର ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସମାଜସେବୀ ମନୋରଂଜନ ଦାସ ସଭାପତିତ୍ୱ କରିଥିବ ବେଳେ ରକ୍ତଦାତା ସଂଘର ଜିଲା ସଭାପତି କମଳ ଚକ୍ରବର୍ତ୍ତି, ବୁଖାରିବାବା ଅର୍ଡର ସପ୍ଲାୟରର ମୁଖ୍ୟ ଏସ୍‌କେ ଇସ୍‌ଲାମ୍, ଏସ୍‌କେ ସାଜନ୍, ସେକ୍ ଅବଦୁଲ ରହିମ୍ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଡିସେମ୍ବର ୧୯ରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜୟରାବିବି, ସେକ୍ ସମିର, ସେକ୍ ସପିର, ସତ୍ୟରଂଜନ ମହାପାତ୍ର, ସଂଜିବ ମହାନ୍ତ, ଇନ୍‌ତାଜ ଖାନ, ମୋତି ଖାନ, ଅନିମେଶ ସାହା, ଅଂକିତ ଚୌରସିଆ, ଆମଜାଦ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର ୨୮/୧୧(ନିପ୍ର): ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଲାଗି ବିଜେପିର ସାଂଗଠନିକ ବୈଠକ ସିଦ୍ଧାର୍ଥ ଶଂକର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଖୁସି ପ୍ଲାଜାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବିଜେପି ନେତା ଯୋଗ ଦେଇ ବିଭିନ୍ନ ପଂଚାୟତରୁ ଆସିଥିବା କର୍ମୀମାନଙ୍କୁ ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁ ମନ୍ତ୍ର ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ସାସମଲ, ଦିବ୍ୟକାନ୍ତ ମହାନ୍ତି, ଅଶୋକ ପରିଡା, ବାଣିଦାସ ମହାପାତ୍ର, ନବକୃଷ୍ଣ ଦାସ, ଜ୍ୟୋତିର୍ମୟ ନନ୍ଦ, ଅଭିଜିତ୍ ପ୍ରଧାନ, ପ୍ରଣବ ପଣ୍ଡା, ତପନ ବିଶ୍ୱାଳ, ନିତ୍ୟାନନ୍ଦ ଦାସ, ମାନସ ଦାସମହାପାତ୍ର, ସଂଜିବ ରାଉତ, ବିଦ୍ୟାଧର ବେହେରା, ଅଜୟ ଦାସ, ଅଚ୍ୟୁତ ମହାନ୍ତି, ଜଗଦିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରକୃତି, ସାହିତ୍ୟ ଓ ସବୁଜ ସମାଲୋଚନା




ଉଦଳା, ୨୮/୧୧ (ନି.ପ୍ର): କେନ୍ଦ୍ର ସାହିତ୍ୟ ଅକାଦେମି ଓ ପୂଜା ପୂଜା ବାରିପଦାର ମିଳିତ ଆନୁକୁଲ୍ୟରେ ଚଳିତ ନଭେମ୍ବର ୨୭ ତାରିଖ ଶନିବାର ଦିନ ବାରିପଦାସ୍ଥିତ ରୋଟାରୀ ଭବନ ପରିସରରେ 'ପ୍ରକୃତି, ସାହିତ୍ୟ ଓ ସବୁଜ ସମାଲୋଚନା'ର ସଂପାନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ ଅକାଦେମୀ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହ ପୌରହିତ୍ୟ କରିଧଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟ ଅକାଦେମୀ, କୋଲକାତାର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଗବେଷକ ରବିନାରାୟଣ ଦାଶ ମୁଖ୍ୟ ଅତିଥି ଓ ଶିକ୍ଷାବିତ ରାଜୀବ ଲୋଚନ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ 'ପ୍ରକୃତି ସାହିତ୍ୟ ଓ ସବୁଜ ସମାଲୋଚନା' ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଶିକ୍ଷାବିତ ଅବନୀ କୁମାର କୁଣ୍ଡୁ ଓ ଗବେଷକ ରମାକାନ୍ତ ସିଂହ ପ୍ରବନ୍ଧ ପାଠ କରିଥିଲେ । ଉଦଳା, ବେତନଟୀ, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର ପ୍ରଭୃତି ଅଞ୍ଚଳରୁ ଶତାଧିକ ସାରସ୍ୱତ ସାଧକ ସାଧିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପୂଜ୍ୟ ପୂଜାର ସଂପାଦିକା ସୁଶ୍ରୀ ଭାସ୍ୱତୀ ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଇରାରେ ମେଧା ପ୍ରତିଭା ସମ୍ମାନ ସମାରୋହ



ଖଇରା,୨୮/୧୧ (ନି.ପ୍ର):ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ଖଇରା ବ୍ଲକରେ ଚଳିତ ବର୍ଷ ଏନଆଇଟି, ମେଡିକାଲ, ଆଇଆଇଟି ଭଳି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି । ବିବେକାନନ୍ଦ ସଂସ୍ଥାନର ମୁଖ୍ୟ ପ୍ରାକ୍ତନ ବୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ସମାରୋହରେ ଖଇରା କଲେଜର ପୂର୍ବତନ ଅଧକ୍ଷ ବସନ୍ତ କୁମାର ଖିଲାର ସଭାପତିତ୍ୱ କରିଥିଲେ । ଦେବେନ୍ଦ୍ର ରାଉତ, ଉମେଶ ଚନ୍ଦ୍ର ନାୟକ, ସୁଦାମ ଚରଣ ରାଉତ, ସଂକୀର୍ତ୍ତନ ପଣ୍ଡା, ରଘୁନାଥ ପତ୍ରୀ, ଗଗନ ବିହାରୀ ପଣ୍ଡା, ସନ୍ତୋଷ ଶତପଥି,ସ୍ୱାମୀ ଗଣେଷାନନ୍ଦ ପୁରୀ, ଦମୟନ୍ତୀ ରାଉତ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ଏଭଳି ସମ୍ବର୍ଦ୍ଧନା ପିଲାମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ପ୍ରତିଯୋଗିତାରେ ସଫଳତା ପାଇଥିବା ନିମାଇ ବିଶ୍ୱରଞ୍ଜନ ବେହେରା, ଦିଲ୍ଲିପ କୁମାର ଜେନା, ସରୋଜ କୁମାର ପଟ୍ଟନାୟକ, ଜ୍ୟୋତି ରଞ୍ଜନ,ଶୁଭମ ପ୍ରକାଶ ମହାନ୍ତି, ପଲ୍ଲବୀ ଦାସ,ସୁର୍ଗେଶ ସାହୁ, ପ୍ରତିକ ବିଶ୍ୱାଳ, ମନୋଜ ସେଠୀ, ଶୁଭାଷିଷ ବେହେରା, ବିଭୁଜିତ ନାୟକ,ରଜତ ସ୍ୱାଇଁ, ଜୟ ପ୍ରକାଶ ରାଉତ, ଦିବ୍ୟକଲ୍ୟାଣ ରଥ, କୃତିଦିପା ରାଉତ ପ୍ରମୁଖ ଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପ୍ରେମାନନ୍ଦ ତ୍ରିପାଠୀଙ୍କ ପାଞ୍ଚଟି ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୨୮/୧୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନଠାରେ ପ୍ରେମାନନ୍ଦ ତ୍ରିପାଠୀଙ୍କ ପାଞ୍ଚଟି ପୁସ୍ତକ 'ସିଦ୍ଧି ଦର୍ପଣ', 'ସିଦ୍ଧି ତର୍ପଣ', 'ପୁରାଣ ପୃଷ୍ଠାରୁ ପୁରୁଣା କାହାଣୀ' ପ୍ରଥମ ଓ ଦ୍ୱିତୀୟ ଭାଗ ଏବଂ 'ଗଳ୍ପ ଆଜି ଓ କାଲିର' ଉନ୍ମୋଚିତ ହୋଇଯାଇଛି। ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଆଲୋଚକ ଭାବେ ଅଧ୍ୟାପକ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ, ଗବେଷକ ଡ. ଭାଗବତ ପ୍ରସାଦ ଦାସ ଓ କବି ପ୍ରଶାନ୍ତ ଦାସ ଭିନ୍ନ ଭିନ୍ନ ପୁସ୍ତକ ଆଲୋଚନା ପରିପ୍ରେକ୍ଷୀରେ ଆଜିର ବସ୍ତୁବାଦୀ ସମାଜରେ ଦିନକୁ ଦିନ ମଣିଷର ନୈତିକ ମୂଲ୍ୟବୋଧ ହ୍ରାସ ପାଉଥିବାବେଳେ ଶ୍ରୀଯୁକ୍ତ ତ୍ରିପାଠୀଙ୍କ ଆପ୍ତବାକ୍ୟ ଓ ନୀତିସମ୍ବଳିତ ପୁସ୍ତକଗୁଡ଼ିକ ମାନବ ସମାଜକୁ ଉଚିତ ମାର୍ଗ ପ୍ରଦର୍ଶନ କରାଇବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ। ସାବଲମ୍ବନ ପ୍ରକାଶିନୀର ସ୍ୱତ୍ୱାଧିକାରୀ ସନ୍ତୋଷ ବାରିକ ପ୍ରକାଶକୀୟ ବକ୍ତବ୍ୟ ଓ ଶ୍ରୀଯୁକ୍ତ ତ୍ରିପାଠୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେଇଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳା ପାଣିଗ୍ରାହୀ, ଶରତ କୁମାର ମହାପାତ୍ର, ନିବାରଣ ଜେନା, ଡ. ଶିରୀଶ ଚନ୍ଦ୍ର ଜେନା, ସଞ୍ଜୟ କୁମାର ପଣ୍ଡା, କ୍ଷିତୀଶ୍ୱର ଦାଶ, ପବିତ୍ର କୁମାର ତ୍ରିପାଠୀ, ରାଜେଶ ଗିରି, ଅରୁଣା ରାୟ, ଯୋଗେନ୍ଦ୍ର ପ୍ରଧାନ, କମଳାକାନ୍ତ ଦାଶ, ଅମ୍ବୁଜ କୁମାର ଦାସ, ବେଣୁଧର ସାହୁ, ଜ୍ୟୋତ୍ସ୍ନା ରାୟ, ସ୍ନିଗ୍ଧା ସାମନ୍ତରାୟ, ଲକ୍ଷ୍ମୀକାନ୍ତ ବେହେରା, ଚିତ୍ରାରାଣୀ ପାତ୍ର, ସୁବ୍ରତା ମହାନ୍ତି, ବାସନ୍ତୀ କର, ଶାନ୍ତି ବିଶି ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ ସାରସ୍ୱତ ସାଧକ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ବନ୍ଦ ଡାକରାରେ ସାମିଲ ହେଲା ମୁଣ୍ଡାରୀ ଆଲବମ ଫିଲ୍ମ କଳାକାର ସଂଘ



ବାରିପଦା, ୨୮/୧୧ (ନି.ପ୍ର): ସାନ୍ତାଳୀ, ମୁଣ୍ଡାରୀ ଏବଂ ହୋ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ ଭାଷା ମାନ୍ୟତା ସହିତ ସାନ୍ତାଳୀ କୁ ଭାଷାଗତ ସଂଖ୍ୟାଲଘୁ ମାନ୍ୟତା ଏବଂ ମୁଣ୍ଡାରୀ,ଭୂମିଜ ଓ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଦାବିରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ଆସନ୍ତା ୨୯ ନଭେମ୍ବରରେ ଯେଉଁ ମୟୂରଭଞ୍ଜ ବନ୍ଦ ଡାକରା ଦିଆ ଯାଇଛି ତାହାକୁ ମୁଣ୍ଡାରୀ ଆଲବମ ଫିଲ୍ମ କଳାକାର ସଂଘ ସମର୍ଥନ ଜଣାଇଛନ୍ତି । ବନ୍ଦ କୁ ସଫଳ କରିବା ପାଇଁ ସଂଘ ପକ୍ଷରୁ ମୁଣ୍ଡାରୀ ଯୁବ ଛାତ୍ର ମାନଙ୍କୁ ଆନ୍ଦୋଳନରେ ସାମିଲ ହେବା ପାଇଁ ଆହ୍ୱାନ ଦିଆ ଯାଇଛି । ଆଦିବାସୀ ମାନଙ୍କ ଭାଷାର ବିକାଶ ହେଲେ ଆଦିବାସୀ ମାନଙ୍କର ବିକାଶ ସମ୍ଭବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ତେଣୁ ମୟୂରଭଞ୍ଜ ବନ୍ଦକୁ ସମସ୍ତ ଜିଲ୍ଲାବାସୀ ସମର୍ଥନ ଜଣାଇ ବନ୍ଦକୁ ସଫଳ କରିବା ପାଇଁ ମୁଣ୍ଡାରୀ ଆଲବମ ଫିଲ୍ମ କଳାକାର ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ଅନୁଷ୍ଠିତ ବୈଠକ ଭୋଳାନାଥ ସିଂଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସାମଲ ସିଂ, ବବି ସିଂ, ରାମ ମୁଣ୍ଡା, ସୁଧୀର ସିଂ, ସାନୁ ମୁଣ୍ଡା, ମନୋରଞ୍ଜନ ସିଂ, ହାଁସୁ ସିଂ, ମିସ ବେବି ସିଂ, ଯଶୋଦା ସିଂ, ଚନ୍ଦ୍ରବତି ସିଂ, ଜିତୁ ସିଂ, ଟାଇଗର ସିଂ, ସୁରୁ ସିଂ, ଜଗନ୍ନାଥ ସିଂ, ଲାଲ୍ ମୋହନ ସିଂ ଏବଂ ଶତାଧିକ କଳାକାର ସଂଘର ସଦସ୍ୟ ମାନେ ସାମିଲ ଥିଲେ ।

# ପୌରାଞ୍ଚଳରେ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ

ବାଲେଶ୍ୱର,୨୮/୧୧ (ନି.ପ୍ର): ବାଲେଶ୍ୱର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନ ଶୁଭାରମ୍ଭ କରିବା ପରେ ଏବେ ଜିଲାର ବ୍ଲକ, ପଞ୍ଚାୟତ ଓ ପୌରପାଳିକା ସ୍ତରରେ ହିତାଧିକାରୀଙ୍କୁ ସ୍ମାର୍ଟ କାଡ ବଣ୍ଟନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକାର ୨୬ ନମ୍ବର ୱାର୍ଡର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଟ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଟାଉନହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ କରିଥିଲେ । ସ୍ମାର୍ଟ କାଡ଼ର ବିଶେଷତ୍ୱ ଏବଂ ଏହା ମାଧ୍ୟମରେ ମିଳିବାକୁ ଥିବା ଉନ୍ନତମାନର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସେ ହିତାଧିକାରୀମାନଙ୍କୁ ସୂଚନା ଦେଇଥିଲେ । ଚିକିତ୍ସା ଅଭାବରୁ ଜଣେ ହେଲେ ନ ମରନ୍ତୁ, ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇବାରେ ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପାଳିକାର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ପରିମଳ ଅଧିକାରୀ ବିପ୍ଳବ କେଶରୀ ଦାସ ଓ ତରୁଣ କୁମାର ଜୀ ପ୍ରମୁଖ ଏଥିରେ ଯୋଗଦେଇ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ର ବ୍ୟବହାରିକ ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୬ ନମ୍ବର ୱାର୍ଡର ୧୨ଶହ ହିତାଧିକାରୀଙ୍କୁ କାର୍ଡ଼ ପ୍ରଦାନ କରାଯିବା ନେଇ ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ୪ଶହ ଲେଖାଏଁ ମୋଟ ୩ ଦିନରେ ଏହି ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଜଣାପଡିଛି । ବିଜେଡି ଟାଉନ ସଭାପତି ସନତ କୁମାର ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ଶେଖ ଆୟୁବ, ଲକ୍ଷ୍ମଣ ବେହେରା, ପ୍ରଦୀପ ଚନ୍ଦ୍ର ଦାସ, ମନଶ୍ରୀ ଦାସ, ନିତ୍ୟାନନ୍ଦ ରାମ, ସପନ କୁମାର ସ୍ୱାଇଁ, ଇତିକ୍ରିଷ୍ଣା ସ୍ୱାଇଁ, କାର୍ତ୍ତିକ କୁମାର ସାହୁଙ୍କ ସମେତ ବାଲେଶ୍ୱର ପୌରପାଳିକାର ବିଭିନ୍ନ ୱାର୍ଡ଼ର ପୂର୍ବତନ କାଉନସିଲର, ଅଙ୍ଗନବାଡ଼ି କର୍ମୀ, ଖାଉଟି ସାମଗ୍ରୀ ପ୍ରଦାନକରୀ ରିଟେଲର, ପୌରପାଳିକା କର୍ମଚାରୀଙ୍କ ସମେତ ବିଜୁ ଜନତା ଦଳର ସ୍ୱେଚ୍ଛାସବୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଡାକ କର୍ମଚାରୀଙ୍କ ୧୧ତମ ଦ୍ୱିବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୨୮/୧୧ (ନି.ପ୍ର): ମିଳିତ ଡାକ କର୍ମଚାରୀ ସଙ୍ଘର ୧୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏହାକୁ ଉଦଘାଟନ କରବା ସହିତ ସାମ୍ପ୍ରତିକ ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମିକ ବିରୋଧୀ ନୀତି ଓ ସଂଶୋଧିତ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ୩ୟ ଶ୍ରେଣୀ କର୍ମଚାରୀ ସଙ୍ଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ଆଞ୍ଚଳିକ ସମ୍ପାଦକ ବୃହସ୍ପତି ସାମଲ, ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ମହାନ୍ତି, ପୂର୍ବତନ ଆଞ୍ଚଳିକ ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର, ୩ୟ ଶ୍ରେଣୀ କର୍ମଚାରୀ ସଙ୍ଘର ପୂର୍ବତନ ଆଞ୍ଚଳିକ ସଭାପତି ନିରଞ୍ଜନ ରାଉତ, ଏଆଇଟିୟୁସିର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ଡାକକର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ପେନସନ ଯୋଜନାର ଉଚ୍ଛେଦ, ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ, ଖାଲିଥିବା ପଦବୀ ପୂରଣ, ସଙ୍ଗଠନ ଉପରେ ଲଗା ଯାଇଥିବା ଆଇନର ଉଚ୍ଛେଦ ଏବଂ କୋଭିଡ଼ରେ ମୃତ କର୍ମଚାରୀଙ୍କ ପରିବାରକୁ ଘୋଷିତ ରାଶି ପ୍ରଦାନ କରିବା ଆଦି ଦାବିଗୁଡ଼ିକ ବକ୍ତାମାନେ ବିସ୍ତୃତ ଆଲୋଚନା କରିଥିଲେ। ପୂର୍ବତନ ସମ୍ପାଦକ ଗୋପାଳ ଚନ୍ଦ୍ର ପଡ଼ିଆରୀ ଗତ ଦୁଇବର୍ଷର ମିଳିତ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରାଜେନ୍ଦ୍ର ମଲ୍ଲିକ, ଦୁଇବର୍ଷର ଆୟବ୍ୟୟ ଏହି ଅଧିବେଶନରେ ଉପସ୍ଥାପନ କରିବା ପରେ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଅଭ୍ୟର୍ଥନା କମିଟିର ସଭାପତି ଅକ୍ଷୟ କୁମାର ତ୍ରିପାଠୀଙ୍କ ପ୍ରସ୍ତାବ କ୍ରମେ ୨୦ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ଦୁଇବର୍ଷ ପାଇଁ ଦୁଇ ସଂଘର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ପୋଷ୍ଟମ୍ୟାନ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ୩ୟଶ୍ରେଣୀ ସହ-ସମ୍ପାଦକ ଅଜୟ ନାରାୟଣ ଦାସ, ଗୌରମୋହନ ସିଆଳ, ରବି ନାରାୟଣ ଧଳ ଓ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ସମେତ ବାଲେଶ୍ୱର ଡିଭିଜନର ବହୁ ସଦସ୍ୟ ଏଥିରେ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ

ବାଲେଶ୍ୱର,୨୮/୧୧ (ନି.ପ୍ର): ୭୩ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ଦିବସ ସହରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପୁଲିସର ମାନବ ଧିକାର ସରକ୍ଷା ବିଭାଗ ଉପ-ଆରକ୍ଷୀ ଅଧୀକ୍ଷକ ବଳରାମ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ ସହ ଏକତା, ଶୃଙ୍ଖଳା ଓ ଦାୟିତ୍ୱବୋଧତା ରକ୍ଷା କ୍ଷେତ୍ରରେ ଏନସିସି କ୍ୟାଡେଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜିକ ବ୍ୟବସ୍ଥା ପାଇଁ ଏହା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁ ଏହାକୁ ପ୍ରତିଷ୍ଠା କରିଥିବା ବେଳେ ସମାଜର ବିଭିନ୍ନ କ୍ଷେତ୍ରରେ କ୍ୟାଡେଟଙ୍କ ଦାୟିତ୍ୱ ସମ୍ପାଦନ ପ୍ରଶଂସନୀୟ ବୋଲି ଡିଏସପି ଶ୍ରୀ ନାୟକ ମତପ୍ରକାଶ କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସଙ୍ଗୀତା ସାହୁ ଓ ପରୀକ୍ଷା ନିୟନ୍ତ୍ରକ ଦିଲୀପ କୁମାର ଘୋଷ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଣେ ପ୍ରଶିକ୍ଷଣପ୍ରାପ୍ତ ଏନସିସି କ୍ୟାଡେଟ ନିଜର ଶୃଙ୍ଖଳା ଜ୍ଞାନ ଦ୍ୱାରା ପରବର୍ତ୍ତୀ ଜୀବନରେ ସାମରିକ ଅଥବା ବେସାମରିକ କ୍ଷେତ୍ରରେ ପ୍ରୟୋଗ କରି ପ୍ରଶଂସିତ ହୋଇଥାଏ ବୋଲି କହିଥିଲେ। ଏଫଏମ କଲେଜ ଏନସିସି ଅଧିକାରିଣୀ ଡକ୍ଟର ବିଦ୍ୟୁତପ୍ରଭା ଦାସ ଏନସିସି ଦିବସର ବିବରଣୀ ପ୍ରଦାନ କରିଥିଲେ। ଏଫଏମ କଲେଜ ଏନସିସି ନାଭାଲ ବିଭାଗ ସହ-ଅଧିକାରୀ ପ୍ରଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲାସ୍କୁଲ ଏନସିସି ଫାଷ୍ଟ ଅଫିସର ମନସୁର ଅଲି ଖାଁ ଏଥିରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନସିସି ଆର୍ମି ୱିଙ୍ଗ ଏଏନଓ ଆଶିଷ କୁମାର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫକୀର ମୋହନ ମହାବିଦ୍ୟାଳୟର ଆର୍ମି ୱିଙ୍ଗ, ନାଭାଲ ୱିଙ୍ଗ ଏବଂ ଆର୍ମି ୱିଙ୍ଗ ବାଳିକା ବିଭାଗ, ରସାଲପୁର ଯଦୁନାଥ ମହାବିଦ୍ୟାଳୟ, ବାଲେଶ୍ୱର ଜିଲ୍ଲାସ୍କୁଲ ଓ ନୟନା କୁମାରୀ ହାଇସ୍କୁଲର ୮ଟି କଣ୍ଟିଜେଣ୍ଟର କ୍ୟାଡେଟମାନଙ୍କ ଦ୍ୱାରା ସାମୂହିକ ପ୍ୟାରେଡ୍ ପ୍ରଦର୍ଶିତ ହୋଇଥିଲା। ପରେ ବେଷ୍ଟ ଏନସିସି କ୍ୟାଡେଟ ଚୟନ କାର୍ଯ୍ୟକ୍ରବ ଅନୁଷ୍ଠିତ ହୋଇଥିଲା। ଶେଷରେ କ୍ୟାଡେଟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରସାଲପୁର ଯଦୁନାଥ ମହାବିଦ୍ୟାଳୟ ଓ ନୟନା କୁମାରୀ ହାଇସ୍କୁଲର ଏନସିସି ଅଧିକାରୀଙ୍କ ସମେତ ବହୁ ପୁରାତନ କ୍ୟାଡେଟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୮/୧୧(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୪୦୬ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଏକଲ ଅଭିଯାନ ଆଚାର୍ଯ୍ୟ / ଆଚାର୍ଯ୍ୟା ଚୟନ ବର୍ଗ ଉଦ୍‌ଘାଟିତ

ଉଦଳା, ୨୮/୧୧ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ଆଚାର୍ଯ୍ୟ / ଆଚାର୍ଯ୍ୟା ଚୟନ ବର୍ଗ ଆଜି ନଭେମ୍ବର ୨୮ ତାରିଖ ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି। ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଭୀମତାଳିସ୍ଥିତ ହୃଦାନନ୍ଦ ବିହାର ପରିସରରେ ଉକ୍ତ ବର୍ଗ ୩ଦିନ ଧରି ଚାଲିବା ସହିତ ୩୦ ତାରିଖ ମଙ୍ଗଳବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ଉତ୍ସବରେ ସୁଦୂର ସାଉଦିଆରବରେ କାର୍ଯ୍ୟରତ ଇଞ୍ଜିନିୟର ମୟୂରଭଞ୍ଜର ବାସିନ୍ଦା ବୁଧଦେବ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ



ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକଲ ଅଭିଯାନ ଉଦଳା ଅଞ୍ଚଳର ସଭାପତି ଗୋପିନାଥ ଜେନା, ସମ୍ପାଦକ ସୁବ୍ରତ କୁମାର ମହାନ୍ତି, ବିଶ୍ୱହିନ୍ଦୁ ପରିଷଦର ଡ଼. ଖଗେଶ୍ୱର ସିଂହ, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସେବା ନିବୃତ୍ତ ବାୟୁ ସେନା ଅଧିକାରୀ ତାରାକାନ୍ତ ରାୟ ଓ ହୃଦାନନ୍ଦ ବିହାରର ପରିଚାଳିକା ସୁଭଦ୍ରା ପରିଡ଼ା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଭାଗଅଭିଯାନ ପ୍ରମୁଖ ସୁକେଶ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ପୁର୍ଣ୍ଣକାଳୀନ ଭାଇ ଭଉଣୀ ମାନେ ସବୁ ପ୍ରକାର ସହଯୋଗ କରୁଛନ୍ତି।

# ରାଜ୍ୟରେ କରୋନାରୁ ୨୨୧ ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୨୨୧ ଜଣ ଆକ୍ରାନ୍ତ କରୋନା ମହାମାରୀରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୮୫ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୨ ଜଣ ଅଛନ୍ତି। ସେହିପରି କଟକ ଜିଲ୍ଲାରୁ ୨୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ମୟୂରଭଂଜରୁ ୧୩, ବାଲେଶ୍ୱରରୁ ୬, ବରଗଡ଼, ଯାଜପୁରରୁ ୫-୫, ସୁନ୍ଦରଗଡ଼ରୁ ୪, ଭଦ୍ରକ, ଗଂଜାମ, କେନ୍ଦ୍ରାପଡ଼ା, କୋରାପୁଟରୁ ୨ ଜଣ ଲେଖାଏଁ, ଅନୁଗୁଳ, ବଲାଙ୍ଗୀର, ଦେବଗଡ଼, ଜଗତସିଂହପୁର, କଳାହାଣ୍ଡି, ନୟାଗଡ଼, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୨୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବା ନେଇ ସୂଚନା ଦିଆ ଯାଇଛି।

# ନବନିର୍ମିତ ସହର ରାସ୍ତା ଉଦ୍‌ଘାଟିତ

ବାଲେଶ୍ୱର,୨୮/୧୧ (ନି.ପ୍ର): ବାଲେଶ୍ୱର ପୌରପାଳିକାର ୨୮ ନଂ ୱାର୍ଡ଼ର ବଳଙ୍ଗନଗରର ନବନିର୍ମିତ ରାସ୍ତା ରବିବାର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ରାସ୍ତାକୁ ଉଦଘାଟନ କରିଥିଲେ। ଗତ ଉପ-ନିର୍ବାଚନ ପରେ ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଥିଲେ। ସହରର ସମସ୍ତ ପ୍ରମୁଖ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତରିତ ହୋଇଥିବା ବେଳେ ପୌର ଅଧୀନରେ ଥିବା ଅନ୍ୟ ସମସ୍ତ ଗଳି ରାସ୍ତାକୁ ମଜବୁତ କଂକ୍ରିଟ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ଏନେଇ ପାଣ୍ଠିର ଅଭାବ ନଥିବା ବେଳେ ପର୍ଯ୍ୟାୟ କ୍ରମେ ସମସ୍ତ ରାସ୍ତାର ନବୀକରଣ କାର୍ଯ୍ୟ ଖୁବଶୀଘ୍ର ସମ୍ପନ୍ନ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର-ଉପାଧ୍ୟକ୍ଷ ମନୋଜ ରାଉତ, ପୂର୍ବତନ କାଉନସିଲର ଇତିକ୍ରିଷ୍ଣା ସ୍ୱାଇଁ, ଅବିନାଶ ସ୍ୱାଇଁ, ବିଜୁ ଜନତା ଦଳ ଟାଉନ ସଭାପତି ସନତ ଦାସ, ଅନୁପ କୁମାର ଚାଟାର୍ଜୀ, କୌଶିକ ପଣ୍ଡା ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବାଲେଶ୍ୱର ସହରର ବିକାଶରେ ରାଜ୍ୟ ସରକାରଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଲାଲବାହାଦୁର ମାର୍ଗରୁ ବଳଙ୍ଗନଗରକୁ ସଂଯୋଗ କରୁଥିବା ୨୧୫ମିଟର ଲମ୍ବର ଏହି କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ମୋଟ ୧୭ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବଳଙ୍ଗନଗରର କମିଟି ସଭାପତି କମଳାକାନ୍ତ ପ୍ରଧାନ, ସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା, ଉପ-ସଭାପତି କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ସହ-ସମ୍ପାଦକ ଯଶୋବନ୍ତ ନାୟକ ପ୍ରମୁଖଙ୍କ ସମେତ ବହୁ ଅଧିବାସୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# କବିତା ପୁସ୍ତକ 'ଛୁ ମନ୍ତର'ର ଲୋକାର୍ପଣ ଉତ୍ସବ



ବାଲକାଟୀ, ୨୮/୧୧ (ନି.ପ୍ର): କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ଲିଖିତ ଓ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ କବିତା ପୁସ୍ତକ 'ଛୁ ମନ୍ତର'ର ଲୋକାର୍ପଣ ଉତ୍ସବ ସରଦେଇପୁର ଡ଼ାକବଙ୍ଗଳାରେ ବାଲିଅନ୍ତା ପ୍ରେସ କ୍ଲବ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ସୋମନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ ବରିଷ୍ଠ କଥାକାର ଡଃ ଅଜୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ କାଳରେ ସାହିତ୍ୟ ହିଁ ଅସ୍ମିତା ସୂଚକ ହୋଇ ବଞ୍ଚିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡ. ରଜନୀ ରଞ୍ଜନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପକ୍ଷୀଘର ପ୍ରକାଶନୀ ପ୍ରକାଶକ ବନୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସ୍ୱାଇଁ, ବାଦଲ ମହାନ୍ତି, କୈଳାଶ ବେହେରା, ରାମହରି ମହାରଣା, କମଳିନୀ ମଲିକ, ନିରଞ୍ଜନ ନାୟକ, ବଙ୍କିମ ଚନ୍ଦ୍ର ନାୟକ, ବିଧୁଭୂଷଣ ପଟ୍ଟନାୟକ, ବିପିନ୍ ବେହେରା ଓ ସତ୍ୟ ନାରାୟଣ ସିଂହଙ୍କ ସହ ବହୁ ବିଶିଷ୍ଟ ଲେଖକ ଓ କବି ପ୍ରମୁଖ ଯୋଗଦେଇଥିଲେ।

# କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକଙ୍କ ଅଭିନବ ପ୍ରତିବାଦ : ଦିନରେ ଅଫିସ କାର୍ଯ୍ୟକ୍ରମ ରାତିରେ ଧାରଣା

ବାଲିଆପାଳ, ୨୮/୧୧ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ଏହି ଆନ୍ଦୋଳନରେ ସାମିଲ ହୋଇ ଅଭିନବ ପ୍ରତିବାଦ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ନଭେମ୍ବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ଅଫିସ କାର୍ଯ୍ୟ କରୁଥିଲେ। ମାତ୍ର ଦାବି ପୂରଣ ନ ହେବାରୁ ସେମାନେ ୧୫ ତାରିଖ



ପାଖରୁ ଦିନରେ ଅଫିସ କାର୍ଯ୍ୟ କରୁଥିବା ବେଳେ ସନ୍ଧ୍ୟା ୫ଟାରୁ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ.ସ୍ୱାଗତିକା ସାହୁଙ୍କ ନେତୃତ୍ୱରେ ସମସ୍ତ ବୈଜ୍ଞାନିକ ଏବଂ କର୍ମଚାରୀ ଧାରଣାରେ ବସୁଛନ୍ତି।

# ୬ ମୃତ ବିଦେଶୀ ପକ୍ଷୀ ସହ ଜଣେ ଗିରଫ

ଖୋର୍ଦ୍ଧା, ୨୮/୧୧ (ନି.ପ୍ର): ଚିଲିକାରେ ପକ୍ଷୀମାନଙ୍କ ଭୀଡ ଜମିବା ଆରମ୍ଭ ହୋଇଗଲାଣି। ଫଳରେ ଏହାର ସୁଯୋଗ ନେଇ ଚିଲିକାରେ ଶିକାରୀମାନେ ପକ୍ଷୀ ଶୀକାର ଫାଇଦା ଉଠାଇ ଚାଲିଲେଣି। ବନ୍ୟପ୍ରାଣୀ ବିଭାଗକୁ ଖାତିର ନକରି ସ୍ୱଷ୍ଟ ଦିବାଲୋକରେ ମଧ ପକ୍ଷୀ ଶୀକାର କରିବାକୁ ଶିକାରୀମାନେ କୁଣ୍ଠାବୋଧ କରୁ ନାହାଁନ୍ତି। ଏପରିକି ଶିକାରୀମାନେ ନୂଆ ନୂଆ ତରିକାରେ ଶିକାର କରୁଛନ୍ତି ଅନେକ ବିଦେଶାଗତ ନିରୀହ ପକ୍ଷୀଙ୍କୁ। ତେବେ ଶିକାରୀମାନେ ପକ୍ଷୀମାନଙ୍କୁ କଇଁ ଫୁଲ କେଶରରେ ଫୁରାଡନ୍ ଭଳି ମାରାତ୍ମକ ବିଷ ଦେଇ ଶୀକାର କରୁଥିବା ଜଣା ପଡିଛି। ହେଲେ ରବିବାର ଜଣେ ଶୀକାରୀ ପକ୍ଷୀ ଶୀକାର କରୁଥିବା ବେଳେ ବନ୍ୟପ୍ରାଣୀ ବିଭାଗ ହାତରେ ଧରାପଡିଛି। ଗିରଫ ଶୀକାରୀ ଜଣକ ହେଲେ ଟାଙ୍ଗୀ ଥାନା ସୁନ୍ଦରପୁର ଚାରିଘରିଆପାଟଣା ଗ୍ରାମର ବିଦ୍ୟାଧର ରାଉତ(୪୪)। ବିଦ୍ୟାଧର ଟାଙ୍ଗୀ ରେଞ୍ଜ ଅଭିମାନପୁର ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରେ ପକ୍ଷୀ ଶିକାର କରୁଥିଲେ। ବନ୍ୟପ୍ରାଣୀ ବିଭାଗ ଶୀକାରୀ ନିକଟରୁ ଗୋଟିଏ ଗଡୱାଲ, ଗୋଟିଏ ପିନଟେଲ, ୨ ଟି କମନ୍ କୁଟ୍ ଓ ୨ ଟି ଲାର୍ଜ୍ ହୁଇସଲିଙ୍ଗ ଡକ୍ ସହ ୬ ଟି ମୃତ ବିଦେଶୀ ପକ୍ଷୀ ଜବତ କରିଛି।

# ଗରିବଙ୍କ ରକ୍ଷାକବଚ ପାଲଟିବ ବିଜୁ ସ୍ୱାସ୍ଥ୍ୟ କାର୍ଡ

ଖଇରା, ୨୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି। ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ସ୍ୱାସ୍ଥ୍ୟକାର୍ଡର ଉପକାରିତା ଆଲୋକପାତ କରିବା ଅବସରରେ ଉକ୍ତ କାର୍ଡ ଗରୀବଙ୍କ ପାଇଁ ରକ୍ଷାକବଚ ପାଲଟିବ ବୋଲି କହିଥିଲେ। ସରପଞ୍ଚ ଗଜେନ୍ଦ୍ର ପରିଡା,ତହସିଲଦାର ମହେନ୍ଦ୍ର



ପ୍ରସାଦ ବେହେରା,ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ,ମନ୍ମଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା କଇଥଗଡିଆ, ନୟାଖଣ୍ଡି ଓ କୁପାରୀ ପଞ୍ଚାୟତରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଡ ବଞ୍ଚାଇଲା ଉମାକାନ୍ତଙ୍କ ଜୀବନ- ଗଡପୋଖରୀ ପଞ୍ଚାୟତର ବାରାଯୋଡି ଗ୍ରାମର ଉମାକାନ୍ତ ମଲ୍ଲିକ ହୃଦରୋଗରେ ଆକ୍ରାନ୍ତ ଥିବା ବେଳେ ଘରୋଇ ହସପିଟାଲ ତାଙ୍କ ନିକଟରୁ ୨ଲକ୍ଷ ଦାବୀ କରିଥିଲା। ପତ୍ନୀ ଅହଲ୍ୟା ମଲ୍ଲିକ ଙ୍କ ପାଇଁ ଏତେ ପଇସା ଯୋଗାଡ କରିବା ମୁସ୍କିଲ ହୋଇ ପଡିଥିବାରୁ ସ୍ୱାମୀଙ୍କୁ ମେଡିକାଲରୁ ଫେରାଇ ଆଣିବାକୁ ପ୍ରସ୍ତୁତ ହେଉଥିଲେ। ହେଲେ ଜଣେ ହିତୈଷୀ ତାଙ୍କୁ ରେସନକାର୍ଡ ଦେଖାଇଲେ ଏହା ସ୍ୱାସ୍ଥ୍ୟକାର୍ଡ ଭଳି କାମ ଦେବ ବୋଲି ପରାମର୍ଶ ଦେବା ପରେ ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଅନ୍ୟୁନ ୨୦ଦିନ ତଳେ ଏହି କାର୍ଡରୁ ଅସ୍ତୋପଚାର ପାଇଁ ୧ଲକ୍ଷ ୯୭ହଜାର ଟଙ୍କା ଉଠି ପାରିଥିଲା। ଯାହା ପାଇଁ ତାଙ୍କ ସ୍ୱାମୀଙ୍କ ଜୀବନ ରକ୍ଷା ହୋଇପାରିଥିବା ନେଇ ସ୍ୱୀକାର କରିବା ସହ ମଞ୍ଚ ଉପରକୁ ଉଠି ଯାଇ ନବୀନ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ସର୍ବଦଳୀୟ ବୈଠକରେ ବିରୋଧି ଉଠାଇଲେ କୃଷକ ଏବଂ କରୋନା ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୮/୧୧ (ନି.ପ୍ର): ସଂସଦର ଶୀତ ଅଧିବେଶନର ଗୋଟିଏ ଦିନ ପୂର୍ବରୁ ରବିବାର ଦିନ ଅନୁଷ୍ଠିତ ହୋଇଥିବା ସର୍ବଦଳୀୟ ବୈଠକରେ ବିରୋଧି ଦଳ ମୁଦ୍ରାସ୍ଫୀତି, କୃଷକ ଏବଂ କରୋନା ସମେତ ଅନେକ ପ୍ରସଙ୍ଗରେ ସରକାରଙ୍କ ସହ ଆଲୋଚନା କରିଥିଲେ। କୋଭିଡ଼-୧୯ କାରଣରୁ ଏବଂ କୃଷି ଆଇନ ସହ ଜଡ଼ିତ ଆନ୍ଦୋଳନ ସମୟରେ ଯେଉଁ ଚାଷୀ ପ୍ରାଣ ହରାଇଛନ୍ତି ସେମାନଙ୍କୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ଉଚିତ ବୋଲି ବିରୋଧି ଦଳ ଦାବି କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ବୈଠକର ଆୟୋଜନ କରିଥିଲେ। ସଂସଦ ଅଧିବେଶନରେ ସରକାର ଏବଂ ବିରୋଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏଭଳି ବୈଠକ ଅନୁଷ୍ଠିତ ହୋଇଥାଏ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ, ଲୋକସଭାରେ କଂଗ୍ରେସ ନେତା ଅଧିର ରଂଜନ ଚୌଧୁରୀଙ୍କ ସମେତ ବହୁ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

# ୨୭ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରାସଗୋବିନ୍ଦପୁର, ୨୮/୧୧ (ନି.ପ୍ର): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ରାଘବପୁର ଜ୍ଞାନ ଜ୍ୟୋତି କ୍ଲବ ଆନୁକୁଲ୍ୟରେ ଆଜି ୨୭ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ରାଘବପୁର ସରପଂଚ ଜ୍ୟୋସ୍ନା ରାଣୀ ରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇଦିନିଆ କ୍ରୀଡା ମହୋତ୍ସବକୁ ଶୁଭାରମ୍ଭ କରିଛନ୍ତି। ଉଦଘାଟନୀ ଉତ୍ସବରେ ପ୍ରଥମେ ପୋଡାବାଡ଼ିଆ ମୟୁରଭଞ୍ଜ ଓ ବାଲେଶ୍ୱର ଦଳ ମଧ୍ୟରେ ମ୍ୟାଚ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୧୬ ଗୋଟି ଟିମ ଭାଗ ନେଇଥିବାର ଜଣା ଯାଇଛି। ଏହି ଅବସରରେ ଦୁଷ୍ମନ୍ତ ରାମ ମଞ୍ଚାସୀନ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ ସରପଂଚ ଜ୍ୟୋସ୍ନା ରାଣୀ ରାମ ଫିତା କାଟିବା ସହ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବତନ ସରପଂଚ ଚନ୍ଦନ ରାମ, ପ୍ରଫୁଲ୍ଲ ନାୟକ, ଜୟ ରାମ ଟୁଡୁ, ବାସୁଦେବ ହାଂସଦା, ଦାମଦୋର ହେମ୍ବ୍ରମ୍, ରଂଜିତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳ କୁ ବେଙ୍ଗଲ ରେଫରି ସନ୍ତୋଷ ରାଉତ, ଦିଲିପ୍, ସୁକାନ୍ତ, ଦୀପକ ପ୍ରମୁଖ ପରିଚାଳନା କରିଥିଲେ।

# ଧାନମଣ୍ଡି ଖୋଲିବାକୁ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୨୮/୧୧(ନିପ୍ର): ପ୍ରତିକୂଳ ପାଗ ଓ ଛକଡାପୋକ ଦାଉରୁ ଚାଷୀ ତାର ଖରିଫ ଧାନ ଫସଲ ଅମଳ କରି ସାରିଥିଲେ ମଧ୍ୟ ଏଯାବତ୍ ପୋସ୍କ ମାଧ୍ୟମରେ ଧାନ ମଣ୍ଡି ଖୋଲା ଯାଇ ନାହିଁ। ଧାନ ଅମଳ ପରେ ଚାଷୀ କରଜ କରିଥିବା ଅର୍ଥ ପୈଠ କରିବାଲାଗି ବାଧ୍ୟ ହେଉ ଥିବା ବେଳେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛି। ମାତ୍ର ଧାନମଣ୍ଡି ଖୋଲାଯିବାର ପ୍ରକ୍ରିୟା ଆରମ୍ଭ ହୋଇ ନଥିବାରୁ ସ୍ଥାନୀୟ ଶାସକ ଦଳର ନେତାକୁ ଦାୟି କରି ଆଜି ଜଳେଶ୍ୱର ବିଜେପି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଧାନ



କିଣା ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା କଟନି ଛଟନି, ବୁରା ଫେରସ୍ତ ନ ଦେବା, ଏଫଏକ୍ୟୁ ଠିକ୍‌ଭାବେ ନିର୍ଦ୍ଧାରଣ ନ ହେବା, ଓଜନ/ବସ୍ତାରେ ଭର୍ତ୍ତି କରିବା/ବୋଝେଇ କରିବା ଅର୍ଥ ସରକାର ଦେଉନଥିବାକୁ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଆସନ୍ତା ୨ ତାରିଖ ସୁଦ୍ଧା ଧାନ ମଣ୍ଡି ଖୋଲା ନ ଗଲେ କୃଷକଙ୍କ ସ୍ୱାର୍ଥରକ୍ଷା ଲାଗି ରାଜରାସ୍ତାକୁ ଓହ୍ଲାଇବା ସହିତ ଜଳେଶ୍ୱର ବିଧାୟକଙ୍କ ବାସଭବନ ଆଗରେ ଧାନଗଦା କରି ପ୍ରତିବାଦ କରିବେ ବୋଲି କାର୍ଯ୍ୟାଳୟରେ ଅନୁଷ୍ଠିତ ଆଜିର ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆ ଯାଇଛି। ବିଜେପି ନଗର ସଭାପତି ଫାଲ୍ଗୁନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ତନ୍ମୟ ଚାନ୍ଦ, ପ୍ରଦୀପ ମହାନ୍ତି, ଗୌରଗୋପାଳ ଦାସଅଧିକାରୀ, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ହରିପଦ ମାନ୍ନା, ଏସ୍‌କେ ସୁଲତାନ, ଅଭିପ୍ସା ଦାସ, ଅରୁଣା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକଙ୍କୁ ପଚାରିବାରୁ ଜିଲାର ଡିଏଲପିସି ବୈଠକ ଅନୁଯାୟୀ ନିର୍ଦ୍ଧାରିତ ତାରିଖରୁ ଧାନ କ୍ରୟ କରାଯିବ ବୋଲି କହିଥିଲେ।

# କୁଣ୍ଡୁଳୀ ପଂଚାୟତରେ ଜଳସମ୍ପଦ ମନ୍ତ୍ରୀଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଂଟନ

ବାଲିଆପାଳ, ୨୮/୧୧ (ନି.ପ୍ର): ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଆଜି ବାଲିଆପାଳ ବ୍ଲକ କୁଣ୍ଡୁଳୀ ପଂଚାୟତରେ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଂଟନ କରିଛନ୍ତି। ମନ୍ତ୍ରୀଙ୍କ ସହିତ ଏହି କାର୍ଡ ବଂଟନ କାର୍ଯ୍ୟରେ ବିଧାୟକ ନିତ୍ୟାନନ୍ଦ ସାହୁ ,ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନି ଜେନା,ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଦାସ,



ଜିଲାପରିଷଦ ସଦସ୍ୟା କସ୍ତୁରୀବାଳା ପାତ୍ର , ବିମଳ ସାହୁ, ହାଡିବନ୍ଧୁ ରାଉତ, ପ୍ରଦୀପ ଜେନା,ମୃତ୍ୟୁଞ୍ଜୟ ଗୋଛାୟତ, ଦୁର୍ଜୟ ମହାନ୍ତି, ଅଶ୍ୱିନୀ ଜେନା, ସୁବ୍ରତ ପାତ୍ର, ବିକାଶ ଜେନା ପ୍ରମୁଖ ଉପସ୍ଥିତ୍ ରହି ଏହି କାର୍ଡ ବଂଟନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo